

ରାମ ଧନୀ ଓ ଶିବ ଗରିବଙ୍କ ଦେବତା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 189 ଭାଗ ୩୪ | ସଂଖ୍ୟା ୧୮୯ | Wednesday 30 September 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୩୦ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


'ଆଙ୍ଗନ୍ କା ଉତ୍ସବ' ଓ ୯ମ ରାଷ୍ଟ୍ରୀୟ ପୋଷଣ ମାସ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ସୁପୋଷିତ ଓଡ଼ିଶା ପାଇଁ ସରକାର ପ୍ରତିବଦ୍ଧ

**ପିଲାଙ୍କ ସହ କଥା ହେଲେ, ସ୍କୁଲ କିଟ୍ ପିନ୍ଧାଇଦେଲେ**

**ଶିଶୁଙ୍କୁ ଖାଦ୍ୟ ପରଷିଲେ ମୁଖ୍ୟମନ୍ତ୍ରୀ**

**ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ଶ୍ରେୟ**



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଏକ ସୁପୋଷିତ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ମହିଳା ଓ ଶିଶୁମାନଙ୍କ ପୋଷଣରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନବାଡ଼ି ଓ ସ୍କୁଲ ଜରିଆରେ ଅନେକ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପୂରା ପରିବାରକୁ ସାମିଲ କରାଯାଉଛି। ପରିବାରର ମହିଳାମାନଙ୍କ ସହ ପୁରୁଷମାନଙ୍କୁ ମଧ୍ୟ ଶିଶୁର ପୌଷ୍ଟିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଂଶ୍ଲିଷ୍ଟ କରାଯାଉଛି। ସଚେତନତା ଓ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଜରିଆରେ ଆମ ଓଡ଼ିଶାକୁ ନିଶ୍ଚିତ ଭାବେ ଏକ ସୁପୋଷିତ ଓଡ଼ିଶା ଭାବେ ପ୍ରତିଷ୍ଠିତ କରାଯିବ। ଆଜି ସ୍ଥାନୀୟ ବରମୁଣ୍ଡାସ୍ଥିତ ଅଙ୍ଗନବାଡି କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଆଙ୍ଗନ୍ କା ଉତ୍ସବ' ଓ '୯ମ ରାଷ୍ଟ୍ରୀୟ ପୋଷଣ ମାସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ପୋଷଣ ମାସ ପାଳନ ଅବସରରେ ରାଜ୍ୟବ୍ୟାପୀ ୪୬ ଲକ୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଛି ଏବଂ ଆଧାର ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି। ଶିଶୁର ପ୍ରଥମ ୧ ହଜାର ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଶିଶୁଙ୍କ ସୂଚାରୁ ଲାଳନପାଳନରେ ମା'ମାନଙ୍କ ସହ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହଭାଗିତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏକ ସୁସ୍ଥ, ସୁନ୍ଦର ଓ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ସେ ଆହ୍ୱାନ ଦେଇ କହିଥିଲେ ଯେ ଏକ ସୁପୋଷିତ ଓଡିଶା ପାଇଁ ସରକାର ପ୍ରତିବଦ୍ଧ।

ସେ ଆହୁରି କହିଛନ୍ତି ଯେ ତୃଣମୂଳ ସ୍ତରରେ ନିଃସ୍ୱାର୍ଥପର ସେବା ପ୍ରଦାନ କରି ରାଜ୍ୟରେ ଶିଶୁ ଟୀକାକରଣ, ଅନୁଷ୍ଠାନଗତ ପ୍ରସବ ବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ଯଥେଷ୍ଟ ହ୍ରାସ କରିବାର ➺ପୃଷ୍ଠା-୬

**ହାଇକୋର୍ଟରେ ରାଜ୍ୟସଭା ଭୋଟିଂ ବିବାଦ**

# ମାମଲାରୁ ଓହରିଲେ ଜଷ୍ଟିସ୍ ଆରକେ ପଟ୍ଟନାୟକ



କଟକ,୨୯।୯(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରି ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ସମର୍ଥନ ଜଣାଇଥିବା ବିଜେଡିର ୮ ଜଣ ବିଧାୟକଙ୍କ ବିରୋଧରେ ଆସିଥିବା ଅଯୋଗ୍ୟତା ମାମଲାରେ ଏକ ବଡ଼ ମୋଡ଼ ଆସିଛି। ଓଡ଼ିଶା ହାଇକୋର୍ଟରେ ଏହି ମାମଲାର ବିଚାର ଚାଲିଥିବା ବେଳେ ଶୁଣାଣି ପ୍ରକ୍ରିୟାରୁ ନିଜକୁ ଦୂରେଇ ନେଇଛନ୍ତି ବିଚାରପତି ଜଷ୍ଟିସ୍ ଆରକେ ପଟ୍ଟନାୟକ। ତେବେ ସେ କେଉଁ କାରଣରୁ ଏହି ମାମଲାରୁ ଓହରିଗଲେ ସେନେଇ ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି କେଉଁ ବେଞ୍ଚରେ ହେବ ଓ କେବେ ହେବ, ସେନେଇ ହାଇକୋର୍ଟଙ୍କ ମୁଖ୍ୟ ବିଚାରପତି ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏହି ହାଇପ୍ରୋଫାଇଲ୍ ମାମଲା ଉପରେ ଏବେ ରାଜ୍ୟ ରାଜନୀତିର ନଜର ରହିଥିବା ବେଳେ ମୁଖ୍ୟ ବିଚାରପତିଙ୍କ ନୂଆ ବେଞ୍ଚ ଗଠନ ପରେ ହିଁ ମାମଲାର ପରବର୍ତ୍ତୀ ଶୁଣାଣି ପ୍ରକ୍ରିୟା ଆଗକୁ ବଢ଼ିବ।

ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡିର ୮ ଜଣ ବିଧାୟକ ଦଳୀୟ ନିର୍ଦ୍ଦେଶ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଭୋଟ ଦେଇଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ ➺ପୃଷ୍ଠା-୬

# ପ୍ରଗତି ୫୦ରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀ



**ଦେଶର ୫୦ ଚୟନିତ ସହର ମଧ୍ୟରେ ରାଜ୍ୟର ଦୁଇ ସହର**

**ସ୍ୱଚ୍ଛତା ଓ ବର୍ଜ୍ୟ ପରିଚାଳନାରେ ମଡେଲ୍ ସହର ଭାବେ ବିକଶିତ ହେବ**

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ସହରାଞ୍ଚଳ ସ୍ୱଚ୍ଛତା ଓ ବୈଜ୍ଞାନିକ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ଜାତୀୟ ସ୍ତରରେ ଆଉ ଏକ ସ୍ୱୀକୃତି ମିଳିଛି। କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ୍-ଅର୍ବାନ୍ ୨.୦ ଅଧୀନରେ ଆରମ୍ଭ ହୋଇଥିବା ପ୍ରଗତି-୫୦ ପଦକ୍ଷେପ ପାଇଁ ଦେଶର ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୦ଟି ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ପୁରୀକୁ ଚୟନ କରାଯାଇଛି। ଚୟନିତ ସହରଗୁଡ଼ିକୁ 'ମଡେଲ୍ ସାନିଟେସନ୍ ସିଟି' ଭାବେ ବିକଶିତ କରିବା ପ୍ରଗତି-୫୦ର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ଠୋସ ବର୍ଜ୍ୟ ପରିଚାଳନା, ବ୍ୟବହୃତ ଜଳ ପରିଚାଳନା, ସ୍ୱଚ୍ଛତା, ପରିମଳ ଓ ନାଗରିକ ଅଂଶଗ୍ରହଣ ଭଳି କ୍ଷେତ୍ରରେ ଲକ୍ଷ୍ୟଭିତ୍ତିକ ପଦକ୍ଷେପ ନିଆଯିବ। ନିୟମିତ ତଦାରଖ, ବୈଷୟିକ ମାର୍ଗଦର୍ଶନ ଓ ସୁସଂଗଠିତ ସହଯୋଗ ମାଧ୍ୟମରେ ଚୟନିତ ସହରଗୁଡ଼ିକରେ କାର୍ଯ୍ୟକାରୀ ଓ ସ୍ଥାୟୀ ସ୍ୱଚ୍ଛତା ବ୍ୟବସ୍ଥା ଗଢ଼ି ତୋଳାଯିବ। ଆଜି ➺ପୃଷ୍ଠା-୬

**ଡିଜିପି ଚୟନ ବିବାଦ**

# ଶୁଣାଣି ଶେଷ, ରାୟ ସଂରକ୍ଷିତ

**ତାଲିକା ପ୍ରସ୍ତୁତି ଓ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାରକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ**

**ସଲିସିଟର ଜେନେରାଲଙ୍କ ଯୁକ୍ତି, କେହି ରାଜ୍ୟ ସରକାରଙ୍କ ବ୍ଲୁ ଆଏଡ୍ ବୟ ନୁହଁନ୍ତି**



ନୂଆଦିଲ୍ଲୀ,୨୯।୯(ସଂଚାର ବ୍ୟୁରୋ): ରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ବିବାଦ ମାମଲାକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ଶୁଣାଣି ଆଜି ଶେଷ ହୋଇଛି। ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ବେଳେ ଡିଜି ପଦବୀ ଖାଲି ହେବା ପୂର୍ବରୁ ଲେଭଲ-୧୬ ଓ ଲେଭଲ-୧୫ ଅଫିସରଙ୍କ ନାମ ଏକାଠି ପଠାଯିବା, ମେ'ରେ ତାଲିକା ପଠାଇବା ପରେ ଅଗଷ୍ଟ ୧୦ରେ ନୂଆ ପଦୋନ୍ନତି ଦେଇ ପରବର୍ତ୍ତୀ ତାଲିକା ଯୋଡ଼ିବା ଓ ଜଣେ ବରିଷ୍ଠ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରାଯିବାକୁ ନେଇ ଖଣ୍ଡପୀଠ ଆଜି ଆଇନଗତ ପ୍ରଶ୍ନ ଉଠାଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି. ମୋହନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଜି ପ୍ରାୟ ଦେଢ଼ ଘଣ୍ଟା ଧରି ଶୁଣାଣି କରିଥିଲେ। ମଧ୍ୟାହ୍ନ ବିରତି ପରେ ଶୁଣାଣି ଆରମ୍ଭ ହେବା ମାତ୍ରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ସରକାର କାହାକୁ ନିଜର 'ବ୍ଲୁ-ଆଏଡ୍ ବୟ' ଭାବି ଆଗକୁ ଆଣିନାହାନ୍ତି। ଓଡ଼ିଶା ଗୋଟିଏ ଛୋଟ ରାଜ୍ୟ ଓ ସେଠାରେ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସ-କ୍ୟାଡର ପଦବୀ ରହିଛି। ତତ୍କାଳୀନ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଅଗଷ୍ଟ ୧୬ରେ ଅବସର ନେଇସାରିଥିବା ବେଳେ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ରେ ଅବସର ନେବେ। ଯଦି ରାଜ୍ୟ କେବଳ ୩ଟି ନାଁ ପଠାଇଥାନ୍ତା, ତେବେ ସେହି ୩ଟି ନାଁ ହିଁ ୟୁପିଏସସିରୁ ଫେରିଆସିଥାନ୍ତା ଓ ପ୍ରକୃତ ଚୟନ ପାଇଁ ବିକଳ୍ପ ରହି ନ ଥାନ୍ତା। ୧୯୯୪ ବ୍ୟାଚ୍‌ର ସଞ୍ଜିବ ପଣ୍ଡା ଓ ଯଶୱନ୍ତ କୁମାର ଜେଠୱା ୩୦ ବର୍ଷ ➺ପୃଷ୍ଠା-୬

**ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ବୈଠକ**

# ୩,୨୮୦ କୋଟିର ୧୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

**ଫୋକସରେ ସ୍ଥାନୀୟ ସମ୍ବଳର ମୂଲ୍ୟ ବୃଦ୍ଧି ଓ ଦକ୍ଷତା ବିକାଶ**

**ସୃଷ୍ଟି ହେବ ୧୦,୬୬୧ ନିଯୁକ୍ତି ସୁଯୋଗ**

**ଉତ୍ପାଦନ, ସବୁଜ ଶକ୍ତି, ପର୍ଯ୍ୟଟନ ଓ ଜୈବ ଇନ୍ଧନ ଶିଳ୍ପକୁ ଗୁରୁତ୍ୱ**



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ତଥା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୩,୨୮୦.୫୮ କୋଟି ଟଙ୍କାର ୧୯ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ସବୁଜ ସଙ୍କେତ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୦,୬୬୧ ଜଣଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଡାଉନଷ୍ଟ୍ରିମ୍ ଷ୍ଟିଲ୍, ଗ୍ଲୋବାଲ୍ କାପାବିଲିଟି ସେଣ୍ଟର (ଜିସିସି), ଜୈବ ଇନ୍ଧନ, ରସାୟନ, ସର୍କୁଲାର୍ ଇକୋନୋମି, ପ୍ଲାଷ୍ଟିକ୍ ଏବଂ ପର୍ଯ୍ୟଟନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହି ନିବେଶ ସୁଯୋଗ ସୃଷ୍ଟି ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଅନୁଗୋଳ, ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଟକ, ଖୋର୍ଦ୍ଧା, କୋରାପୁଟ, ପୁରୀ, ସୁନ୍ଦରଗଡ଼ ସମେତ ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁର ଭଳି ଜିଲ୍ଲାଗୁଡ଼ିକରେ ସ୍ଥାପିତ ହେବ। ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଡଲାର ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ୧୨୫ କୋଟି ଟଙ୍କା ନିବେଶରେ ଏକ ହୋସିଆରୀ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ୧,୧୮୫ ନିଯୁକ୍ତି ସୃଷ୍ଟି କରିବ। ସାଇ ୱାର୍କୱେୟାର୍ ପୁରୀରେ ୫୯ କୋଟି ଟଙ୍କାର ନିବେଶରେ ଅଗ୍ନିନିରାପତ୍ତା ଓ ସୁରକ୍ଷା ପୋଷାକ ତିଆରି ୟୁନିଟ୍ ବସାଇବ। ଏଥିରୁ ୩,୬୫୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଖାଦ୍ୟ ପ୍ରକ୍ରିୟାକରଣରେ ସେହିଭଳି ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ ଖୋର୍ଦ୍ଧାରେ ୧୨୦ କୋଟି ଟଙ୍କା ନିବେଶରେ ସ୍ନାକ୍ସ ଓ ନାମକିନ୍ ଉତ୍ପାଦନ ୟୁନିଟ୍ ସ୍ଥାନ କରିବ। ➺ପୃଷ୍ଠା-୬

**ସ୍କୁଲ ବହିରେ ତ୍ରୁଟି ଓ ଛପା ଦୁର୍ନୀତି**

# ହସ୍ତକ୍ଷେପ କଲା ପିଏମ୍ଓ

**ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ**



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ଛପାଯାଇଥିବା ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଏବଂ ଆର୍ଥିକ ଅନିୟମିତତା ଅଭିଯୋଗକୁ ନେଇ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଏହି ଘଟଣାକୁ ଗୁରୁତର ସହ ନେଇ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଠାରୁ ଏକ ସବିଶେଷ ରିପୋର୍ଟ ତଲବ କରିଛି। ଏତେସଂଖ୍ୟକ ଭୁଲ୍ କିପରି ରହିଲା, ଏହା ପଛରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ଛପା ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ସେ ସମ୍ପର୍କରେ ତୁରନ୍ତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ନିକଟରେ ଶେଷ ହୋଇଥିବା ରାଜ୍ୟ ବିଧାନସଭା ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକ ଲିଖିତ ଉତ୍ତରରେ ସ୍ୱୀକାର କରିଥିଲେ ଯେ ପିଲାଙ୍କ ବହିରେ ତଥ୍ୟଗତ, ବନାନ ଓ ମୁଦ୍ରଣଜନିତ ପ୍ରାୟ ୧୭୪୧ଟି ତ୍ରୁଟି ଚିହ୍ନଟ ହୋଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ନିମ୍ନ ମାନର ବହି ଛପା ଓ ପ୍ରକାଶନ ପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୧୭୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ଜଣେ ସୂଚନା ଅଧିକାର କର୍ମୀ ତଥା ଅଭିଯୋଗକାରୀ ପ୍ରଦୀପ ପ୍ରଧାନ ଏହି ମାମଲାର ପର୍ଦ୍ଦାଫାସ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ବହି ଛପା ଦାୟିତ୍ୱକୁ ବେଆଇନ ଭାବେ ପରିଚାଳନା କରାଯାଇଥିଲା। ଏପରିକି ଜଣେ ବରିଷ୍ଠ ଅଧିକାରୀଙ୍କ ପତ୍ନୀଙ୍କ ନାମରେ ଏକ କମ୍ପାନୀ ଖୋଲାଯାଇ ବହି ଛପା ଓ ସାମଗ୍ରୀ ଯୋଗାଣ କାମ ହାତେଇ ନିଆଯାଇଥିଲା। ଏଥିସହ ଯେଉଁ ବ୍ୟକ୍ତିମାନେ ବିଷୟ ବିଶେଷଜ୍ଞ ଥିଲେ, ସେମାନେ ହିଁ ପୁସ୍ତକର ସମୀକ୍ଷକ ଓ ପ୍ରୁଫ୍ ରିଡର୍ ଭାବେ କାର୍ଯ୍ୟ କରିଥିଲେ, ଯାହାକି ଶିକ୍ଷା ବିଭାଗର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘୋଟାଲା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ➺ପୃଷ୍ଠା-୬



## କାନ ଡେରିଥା

ବନ୍ୟା ପାଣିରେ ଗୋଳିଆ ହେଲାଣି
ଓଡ଼ିଶାର ରାଜନୀତି
ନେତା ମନ୍ତ୍ରୀ ଏବେ ବନ୍ୟାଞ୍ଚଳ ବୁଲି
ପରଖନ୍ତି ବନ୍ୟା ସ୍ଥିତି
ଦେଖୁଥାଅ ମତି ଗତି...
ଉପରେ ଉଡ଼ିଲେ, ପାଣିରେ ଭାସିଲେ
ଜନେ ପାଇବେନି ଶାନ୍ତି
ସେବା କରୁଥାଅ ନିତି ।

▮ ଦେବାଶିଷ

# କଂଗ୍ରେସର ଗୋଟି ଚାଳନାରେ ବିଜେଡି ଚିନ୍ତାରେ

**ବନ୍ଦ ଡାକରା ଦେଇ ଚମକାଇଦେଲା କଂଗ୍ରେସ**

**ପ୍ରତିବାଦ ପରେ ବିଜେଡି ନିରବ**



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): କଂଗ୍ରେସ ଆଜି ଦେଇଥିବା ଓଡ଼ିଶା ବନ୍ଦ ଡାକରା ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିକୁ ଚିନ୍ତାରେ ପକାଇଛି। ଯେଉଁ ଏମ୍ଏମ୍ଡିଆର୍ ପ୍ରସଙ୍ଗକୁ ନେଇ ବିଜେଡି ବିଧାନସଭାଠାରୁ ରାଜରାସ୍ତା ପର୍ଯ୍ୟନ୍ତ ପ୍ରତିବାଦ କଲା, ତା'ର ଶ୍ରେୟ ଏବେ କଂଗ୍ରେସ ନେଇଯିବାକୁ ବସିଛି। ଯଦି କଂଗ୍ରେସର ଏହି ରଣନୀତି ସଫଳ ହୁଏ, ତେବେ ବିଜେଡି ହିଁ ଅଧିକ କ୍ଷତି ସହିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

ରାଜ୍ୟର ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ଗତ କିଛିଦିନ ଧରି ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ତାହାର ପ୍ରତିବାଦ ଜାରି ରଖିଥିଲା। ବିଧାନସଭାରେ ବି ଜୋରଦାର ପ୍ରତିବାଦ କରିଥିଲା ଦଳ। ହେଲେ ସମାନ ପ୍ରସଙ୍ଗରେ କଂଗ୍ରେସ ବିରୋଧ ପ୍ରଦର୍ଶନ କରୁଥିଲେ ମଧ୍ୟ କଂଗ୍ରେସ ସହ ବିଜେଡି ହାତ ମିଳାଇ ନ ଥିଲା। ତେବେ ବିଧାନସଭା ଚାଲୁଥିବା ସମୟରେ ବିଜେଡି ରାଜଧାନୀରେ ପ୍ରତିବାଦ ସଭା କରି ତାହାର ଶକ୍ତି ପ୍ରଦର୍ଶନ କରିଥିଲା। ଖୋଦ୍ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ ନେତାମାନେ ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ରାଜରାସ୍ତାରେ ଏକଜୁଟ ହୋଇଥିଲେ। କେନ୍ଦ୍ର ସରକାର ଏମ୍ଏମ୍ଡିଆର୍ ଆଇନରେ ସଂଶୋଧନ ଆଣି ଓଡ଼ିଶାର ବ୍ୟାପକ କ୍ଷତି କରିଥିବା ଅଭିଯୋଗ କରିଥିଲେ। ହେଲେ ନବୀନ କିମ୍ବା ଅନ୍ୟ କୌଣସି ନେତା ଏଭଳି ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ କିମ୍ବା ଅନ୍ୟ କୌଣସି କେନ୍ଦ୍ରୀୟ ନେତା କିମ୍ବା ମନ୍ତ୍ରୀଙ୍କ ନାଁ ନେଇ ନ ଥିଲେ। ଓଲଟା ଓଡ଼ିଶାରୁ ନିର୍ବାଚିତ ହୋଇଥିବା ➺ପୃଷ୍ଠା-୬

# ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଧାୟକଙ୍କ ଜରୁରୀ ବୈଠକ



**ସେବା ସଙ୍କଳ୍ପ ଅଭିଯାନକୁ ଜୋରଦାର କରିବାକୁ ପରାମର୍ଶ**

**ରାଜ୍ୟ ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ**

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ଏକ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନକୁ ନିଜ ନିଜ ନିର୍ବାଚନମଣ୍ଡଳୀରେ କରିବାକୁ ସବୁ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଧାନସଭା ପାଇଁ ଅଭିଯାନ କାର୍ଯ୍ୟ ହୋଇପାରୁ ନ ଥିବାରୁ ସେବା ସଂକଳ୍ପ ଅଭିଯାନକୁ ଜୋରଦାର କରିବାକୁ ରାଜ୍ୟ ସଭାପତି ମନମୋହନ ସାମଲ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଥିସହ ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ନେଇ ସିଧାସଳଖ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ସଭାପତିଙ୍କ ➺ପୃଷ୍ଠା-୬

## ପଞ୍ଚୁପାଣ୍ଡବ ଅଞ୍ଚଳରେ ହୋଟେଲ ସାଜିଛି ବାର୍

### ଖାଦ୍ୟ ଓ ମଦ ପରସୁଛନ୍ତି ଶିଶୁ ଶ୍ରମିକ, ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ

କେନ୍ଦ୍ରାପଡ଼ା,୨୯।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚୁପାଣ୍ଡବ ଅଞ୍ଚଳରେ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ହୋଟେଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଉକ୍ତ ହୋଟେଲଟି ଦିନକୁ ଦିନ ଏକ ଅଘୋଷିତ ମଦ ବାରରେ ପରିଣତ ହୋଇଥିବା ବେଳେ ସେଠାରେ ନାବାଳକ ଶିଶୁମାନଙ୍କୁ କାମରେ ଲଗାଯାଉଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ, ହୋଟେଲରେ ଖାଦ୍ୟ ପରିବେଷଣ ସହ ମଦ ମଧ୍ୟ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି କାର୍ଯ୍ୟରେ କେତେକ ନାବାଳକ ଶିଶୁଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ଉଠିଛି। ଶିଶୁ ଶ୍ରମ ଆଇନର ସ୍ପଷ୍ଟ ଉଲ୍ଲଂଘନ ହୋଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ଏହା ସହିତ ଡେରାବିଶ ଥାନା ପୋଲିସ୍ ଏହି ଘଟଣା ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ନେଇ ମଧ୍ୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଉଛନ୍ତି। ଜାତୀୟ ରାଜପଥ କଡ଼ରେ ଥିବାରୁ ଦିନରାତି ବହୁ ସଂଖ୍ୟକ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ଭିଡ଼ ଲାଗି ରହୁଥିବା ବେଳେ ଏଭଳି କାର୍ଯ୍ୟକଳାପ ଖୋଲାଖୋଲି ଚାଲୁଥିବା ଅଭିଯୋଗ ପ୍ରଶାସନିକ ତତ୍ପରତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସାମାଜିକ କର୍ମୀମାନେ କହିଛନ୍ତି ଯେ, ଯଦି ଅଭିଯୋଗରେ ସତ୍ୟତା ଥାଏ ତେବେ ଏହା କେବଳ ବେଆଇନ ମଦ ବିକ୍ରିର ପ୍ରସଙ୍ଗ ନୁହେଁ, ବରଂ ଶିଶୁ ଅଧିକାରର ଗୁରୁତର ଉଲ୍ଲଂଘନ ମଧ୍ୟ। ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ପୋଲିସ୍, ଅବକାରୀ ବିଭାଗ ଓ ଶ୍ରମ ବିଭାଗ ପକ୍ଷରୁ ତୁରନ୍ତ ଯାଞ୍ଚ କରାଯାଇ ପ୍ରକୃତ ସ୍ଥିତି ସ୍ପଷ୍ଟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ବିଳମ୍ବରେ ଆସୁଛନ୍ତି ଡାକ୍ତର, ରୋଗୀସେବା ବ୍ୟାହତ

### ନିର୍ଦ୍ଧାରିତ ସମୟରେ ଆଉଟ୍‌ଡୋର ସେବା ଆରମ୍ଭ ନହେବାରୁ ରୋଗୀଙ୍କ ଅସନ୍ତୋଷ



କେନ୍ଦ୍ରାପଡ଼ା,୨୯।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତରମାନଙ୍କ ନିୟମିତ ଓ ଠିକ୍ ସମୟରେ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଛି। ନିୟମ ଅନୁଯାୟୀ ସକାଳ ୮ଟାରେ ଆଉଟ୍‌ଡୋର ସେବା ଆରମ୍ଭ ହେବା କଥା କିନ୍ତୁ କେତେକ ଡାକ୍ତର ବିଳମ୍ବରେ ଡ୍ୟୁଟିରେ ଯୋଗ ଦେଉଥିବା ଅଭିଯୋଗ ହୋଇଛି। ଫଳରେ ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ଦୀର୍ଘ ସମୟ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି।

ସୂଚନା ଅନୁସାରେ, କେତେକ ଡାକ୍ତର ସକାଳ ୯ଟା କିମ୍ବା ତା' ପରେ ଡାକ୍ତରଖାନାରେ ପହଞ୍ଚୁଥିବା ବେଳେ ନିର୍ଦ୍ଧାରିତ ସମୟରେ ରୋଗୀସେବା ଆରମ୍ଭ ହେଉନାହିଁ। ଏହାର ପ୍ରଭାବ ସିଧାସଳଖ ଭାବେ ରୋଗୀସେବା ଉପରେ ପଡୁଥିବା ଅଭିଯୋଗ ହେଉଛି। ବିଶେଷକରି ଗରିବ ଓ ଆର୍ଥିକ ଭାବେ ଦୁର୍ବଳ ରୋଗୀମାନେ ସରକାରୀ ଚିକିତ୍ସା ସେବା ଉପରେ ନିର୍ଭର କରୁଥିବାରୁ ସେମାନଙ୍କୁ ଅଧିକ ଅସୁବିଧା ଭୋଗିବାକୁ ପଡୁଛି।

ସ୍ଥାନୀୟ ମହଲର ଅଭିଯୋଗ ଅନୁଯାୟୀ, କେତେକ ଡାକ୍ତର ସରକାରୀ ଡ୍ୟୁଟି ସମୟ ମଧ୍ୟରେ ଘରୋଇ କ୍ଲିନିକ୍‌ରେ ରୋଗୀ ଦେଖୁଥିବାରୁ ଡାକ୍ତରଖାନାରେ ସେବା ବ୍ୟବସ୍ଥା ପ୍ରଭାବିତ ହେଉଛି। ଏଥିସହ କିଛି ଡାକ୍ତର ଅନ୍ୟ ଜିଲ୍ଲାକୁ ଯାଇ ବେସରକାରୀ ଚିକିତ୍ସା ସେବା ଯୋଗାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ଏହି ଅଭିଯୋଗଗୁଡ଼ିକର ସ୍ୱାଧୀନ ଯାଞ୍ଚ ହୋଇନାହିଁ।

ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ଡ. ଚୈତନ୍ୟ ଚରଣ ପରିଡ଼ା କହିଛନ୍ତି ଯେ ସରକାର ସାଧାରଣ ଲୋକଙ୍କ ପାଇଁ ନିଶୁଳ୍କ ଓ ସୁଲଭ ଚିକିତ୍ସା ସେବାର ବ୍ୟବସ୍ଥା କରିଥିବା ବେଳେ ଯଦି ନିର୍ଦ୍ଧାରିତ ସମୟରେ ରୋଗୀମାନେ ସେବା ନ ପାଆନ୍ତି, ତେବେ ଏହା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉଦ୍ଦେଶ୍ୟକୁ ପ୍ରଭାବିତ କରିବ। ଡାକ୍ତରମାନେ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି।

ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ରଙ୍କ କହିବା ଅନୁଯାୟୀ, ରୋଗୀମାନେ ବହୁ ଆଶା ଓ ବିଶ୍ୱାସ ନେଇ ସରକାରୀ ଡାକ୍ତରଖାନାକୁ ଆସୁଛନ୍ତି। ଯଦି ଡାକ୍ତରମାନେ ନିର୍ଦ୍ଧାରିତ ସମୟରେ ସେବା ଯୋଗାଇ ନ ପାରନ୍ତି, ତେବେ ସାଧାରଣ ଲୋକଙ୍କ ବିଶ୍ୱାସରେ ଆଘାତ ଲାଗିବ। ସେ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କଠୋର ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉଲ୍ଲେଖ କରିଛନ୍ତି।

ଏହି ପ୍ରସଙ୍ଗରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ମେଡିକାଲ୍) ତଥା ଡାକ୍ତରଖାନା ଅଧୀକ୍ଷକ ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି ଯେ ଡାକ୍ତରମାନଙ୍କୁ ନିର୍ଦ୍ଧାରିତ ସମୟରେ ଆଉଟ୍‌ଡୋରରେ ଉପସ୍ଥିତ ରହିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଓ ତାଗିଦ କରାଯାଉଛି। ତଥାପି କେତେକ କ୍ଷେତ୍ରରେ ବିଳମ୍ବ ହେଉଥିବା ଅଭିଯୋଗ ତାଙ୍କ ନଜରକୁ ଆସିଛି। ଡ୍ୟୁଟିରେ ଅବହେଳା ପ୍ରଦର୍ଶନ କରୁଥିବା ଡାକ୍ତରମାନଙ୍କ ବିରୋଧରେ ନୋଟିସ୍ ଜାରି କରାଯିବା ସହ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମାସେ ପରେ ବି ଚନ୍ଦନ ମୃତ୍ୟୁ ରହସ୍ୟ ଅସ୍ପଷ୍ଟ

### ଅଭିଯୁକ୍ତଙ୍କ ପତ୍ତା ପାଇନି ପୁଲିସ, ତଦନ୍ତର ଗତିକୁ ନେଇ ଉଠୁଛି ପ୍ରଶ୍ନ

କେନ୍ଦ୍ରାପଡା, ୨୯।୯ (ସଂଚାର ବ୍ୟୁରୋ): ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆ ଗ୍ରାମରେ ଯୁବକ ଚନ୍ଦନ ଦାସଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାର ରହସ୍ୟ ଉପରୁ ପରଦା ଉଠିପାରିନାହିଁ। ଘଟଣା ଦିନ ଜଣେ ୩୨ ବର୍ଷୀୟ ଯୁବକଙ୍କ ମୃତଦେହ ନିଜ ଘର ସମ୍ମୁଖରେ ଥିବା ଏକ ସିମେଣ୍ଟ ଖୁଣ୍ଟରେ ହାତ, ବେକ ଓ ଅଣ୍ଟା ବନ୍ଧା ଅବସ୍ଥାରେ ଉଦ୍ଧାର ହୋଇଥିଲା। ସେତେବେଳେ ଏହି ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ମଧ୍ୟ ନିୟୋଜିତ ହୋଇଥିଲେ। ମାତ୍ର ଏକ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରି ନାହିଁ।

ଗତ ଅଗଷ୍ଟ ୨୯ ତାରିଖ ସକାଳେ ହଳଦିଆ ଗ୍ରାମବାସୀଙ୍କ ନିଦ ଭାଙ୍ଗିଥିଲା ଏକ ଅଭାବନୀୟ ଦୃଶ୍ୟ ଦେଖି। ଗ୍ରାମର ଯୁବକ ଚନ୍ଦନ ଦାସଙ୍କ ନିଥର ଶରୀର ତାଙ୍କ ଘର ସମ୍ମୁଖରେ ଥିବା ଏକ କଂକ୍ରିଟ ଖୁଣ୍ଟରେ ବନ୍ଧା ଅବସ୍ଥାରେ ଝୁଲୁଥିଲା। ଘଟଣାସ୍ଥଳର ପରିସ୍ଥିତି ଦେଖି ପରିବାର ଲୋକେ ଏହାକୁ ସାଧାରଣ ମୃତ୍ୟୁ ନୁହେଁ ବରଂ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକାଶ କରିଥିଲେ। ଖବର ପାଇ ମାର୍ଶାଘାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳକୁ ଘେରାବନ୍ଦୀ କରିବା ସହ ତଦନ୍ତ ଆରମ୍ଭ କରିଥିଲା।

ଘଟଣାର ଗୁରୁତ୍ୱକୁ ଦେଖି କେନ୍ଦ୍ରାପଡାରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ଡକାଯାଇଥିଲା। ଫରେନ୍ସିକ ବିଶେଷଜ୍ଞମାନେ ବିଭିନ୍ନ ନମୁନା ସଂଗ୍ରହ କରିଥିଲେ। ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଓ ବ୍ୟବଚ୍ଛେଦ ରିପୋର୍ଟ ତଦନ୍ତକୁ ଦିଗ ଦେବ ବୋଲି ଆଶା କରାଯାଉଥିଲା। କିନ୍ତୁ ମାସେ ପରେ ମଧ୍ୟ ତଦନ୍ତର କୌଣସି ଦୃଶ୍ୟମାନ ଫଳାଫଳ ସାମ୍ନାକୁ ଆସିନାହିଁ।

ଏହି ଘଟଣାର ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଚନ୍ଦନଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା? ଯଦି ଏହା ହତ୍ୟା ତେବେ ହତ୍ୟାକାରୀ କିଏ? ଘଟଣା ପଛରେ ପୂର୍ବ ଶତ୍ରୁତା, ବ୍ୟକ୍ତିଗତ ବିବାଦ ନା ଅନ୍ୟ କୌଣସି କାରଣ ରହିଛି? ଏସବୁ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ମିଳିନାହିଁ। ତଦନ୍ତ ଚାଲିଥିବା କୁହାଯାଉଥିଲେ ମଧ୍ୟ ତାହା କେଉଁ ଦିଗରେ ଅଗ୍ରସର ହେଉଛି ସେନେଇ ପୋଲିସ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ହେଉଛି ଯେ, ଘଟଣାର ତଦନ୍ତ ଆଶାନୁରୂପ ଗତିରେ ଆଗେଇ ଚାଲିନାହିଁ। ପରିବାରର ଦାବି ଅନୁଯାୟୀ ଘଟଣାର ପ୍ରକୃତ ସତ୍ୟ ଉନ୍ମୋଚନ କରି ଦୋଷୀଙ୍କୁ ଗିରଫ କରାଯିବା ଆବଶ୍ୟକ। ସ୍ଥାନୀୟ ଲୋକମାନେ ମଧ୍ୟ ସମାନ ମତ ପ୍ରକାଶ କରି କହିଛନ୍ତି ଯେ, ଏଭଳି ସମ୍ବେଦନଶୀଳ ଘଟଣାରେ ମାସେ ପରେ ମଧ୍ୟ କୌଣସି ସଫଳତା ନ ମିଳିବା ଚିନ୍ତାଜନକ।

ଏପଟେ ହଳଦିଆ ଗ୍ରାମରେ ଏବେ ମଧ୍ୟ ସେହି ଘଟଣାର ଚର୍ଚ୍ଚା ଥମିନାହିଁ। ଗ୍ରାମବାସୀଙ୍କ ମନରେ ଭୟ ଓ ଅନିଶ୍ଚିତତା ରହିଛି। ଯେଉଁ ଘଟଣା ଏକଦିନ ସମଗ୍ର ଜିଲ୍ଲାକୁ ଆଲୋଡ଼ିତ କରିଥିଲା, ତାହାର ରହସ୍ୟ ଆଜି ବି ଅନାବୃତ ରହିଯାଇଛି।

## ହାତିଆ ଡ୍ରେନେଜ୍ କଟ୍‌ରେ ଦଳ, ପାଣି ନିଷ୍କାସନ ବାଧାପ୍ରାପ୍ତ



କେନ୍ଦ୍ରାପଡା,୨୯।୯ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ପରେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଚଷିଆ ଅଞ୍ଚଳ ଏବଂ ଚାଷଜମିରେ ଏପର୍ଯ୍ୟନ୍ତ ପାଣି ଜମି ରହିଥିବାରୁ ଚାଷୀମାନଙ୍କ ଦୁର୍ଦ୍ଦଶା ବଢ଼ିଛି। ଏଭଳି ସ୍ଥିତିରେ ଜଳ ନିଷ୍କାସନର ପ୍ରମୁଖ ମାଧ୍ୟମ ହାତିଆ ଡ୍ରେନେଜ୍ କଟ୍‌ରେ ଦଳ ଜମି ରହିଥିବାରୁ ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାକୁ ତୁରନ୍ତ ସଫା କରିବାକୁ ଶତାଧିକ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର, ପୁରୁଷୋତ୍ତମପୁର, ଦୁତିଆଳ, ଓଡ଼ିଶୋ ଓ ମେଘବରଡା ମୌଜାର ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ବିସ୍ତୃତ ଅଞ୍ଚଳର ଶହ ଶହ ଏକର ଧାନ ଜମି ବର୍ଷାଜଳରେ ବୁଡ଼ି ରହିଛି। ଶ୍ୟାମସୁନ୍ଦରପୁରରୁ ମେଘବରଡା ଗୋପଚ୍ଛକ ପର୍ଯ୍ୟନ୍ତ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

ଚାଷୀମାନଙ୍କ କହିବାନୁସାରେ, ହାତିଆ ଡ୍ରେନେଜ୍ କଟ୍‌ରେ ଦଳ ଜମିବା ସହ ବିଭିନ୍ନ ସ୍ଥାନରେ ଜଳପଥ ଅବରୋଧ ସୃଷ୍ଟି ହୋଇଛି। ଫଳରେ ବର୍ଷାଜଳ ଓ କେନାଲର ବଳକା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଏ ସମ୍ପର୍କରେ ବାରମ୍ବାର ଡ୍ରେନେଜ୍ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିନଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଏହି ଡ୍ରେନେଜ୍ କଟ୍ ମାଧ୍ୟମରେ ବଡପୁର, ବଙ୍କୋଶ, ଭରଡପୁର ଓ ଶ୍ୟାମସୁନ୍ଦରପୁର ପଞ୍ଚାୟତର ବର୍ଷାଜଳ ନିଷ୍କାସନ ହୋଇଥାଏ। ଏହା ସହିତ ୩ ନମ୍ବର କେନାଲର ବଳକା ପାଣି ମଧ୍ୟ ଏହି ପଥ ଦେଇ ପ୍ରବାହିତ ହୁଏ। ଗୋପଚ୍ଛକଠାରୁ ଛଗରିଆ ମଧ୍ୟବର୍ତ୍ତୀ ଅଞ୍ଚଳରେ ତୁରନ୍ତ ଦଳ ସଫା ନ କରାଗଲେ ଚାରି ପଞ୍ଚାୟତର ବିସ୍ତୃତ ଚାଷଜମି ଦୀର୍ଘଦିନ ଧରି ଜଳମଗ୍ନ ରହିବା ସହ ଚାଷୀମାନେ ଅଧିକ କ୍ଷତିର ସମ୍ମୁଖୀନ ହେବେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ତୁରନ୍ତ ସଫେଇ ଓ ଜଳ ନିଷ୍କାସନ ବ୍ୟବସ୍ଥାର ସ୍ଥାୟୀ ସମାଧାନ ପାଇଁ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି।

### ହରଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ

## ୧୯ କୃତୀ ବିଦ୍ୟାର୍ଥୀ ପୁରସ୍କୃତ



ନିଶ୍ଚିନ୍ତକୋଇଲି, ୨୯।୯ (ସଂଚାର ବ୍ୟୁରୋ)ଃ ନିଶ୍ଚିନ୍ତକୋଇଲି ମଣ୍ଡଳ ସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ କେରିଲୋସ୍ଥିତ ହରଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଛି। ମଣ୍ଡଳ ଶିକ୍ଷା ଅଧିକାରିଣୀ ସଂଯୁକ୍ତା ମହାପାତ୍ରଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ସମାଜରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରିବା ସହିତ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ ଜୀବନରୁ ସେବା ଓ ପ୍ରତିବଦ୍ଧତା ସଂକ୍ରାନ୍ତରେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ମିଶ୍ର, ସମ୍ମାନୀତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ପଞ୍ଚାୟତସମିତି ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ଏହି ସେବା ସଂକଳ୍ପ ଅଭିଯାନ ସଂକ୍ରାନ୍ତ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଗୁଡିକର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ୧୯ ଜଣ କୃତୀ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଓ ସିଲ୍ଡ ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଭାତ ବେହେରା, ସୁଶୀଲ ଚକ୍ରବର୍ତ୍ତୀ, ହରେକୃଷ୍ଣ ବେହେରାଙ୍କ ସମେତ ୨୨ଟି ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତିଗତ ପ୍ରମାଣପତ୍ର ଯାଞ୍ଚକୁ ନେଇ ଭତରା ସମାଜର ଦାବିପତ୍ର ପ୍ରଦାନ



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି, ୨୯।୯ (ସଂଚାର ବ୍ୟୁରୋ)ଃ ଜାତିଗତ ପ୍ରମାଣପତ୍ରର ଯାଞ୍ଚ ଓ ଏହା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଦାବିରେ ତେନ୍ତୁଳିଖୁଣ୍ଟି ତହସିଲଦାର ମହୋଦୟାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜାତିଗତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ସହ ଯୋଗ୍ୟ ହିତାଧିକାରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି ଓ କଣ୍ଟାଗାଁ ସ୍ଥିତ ଭତରା ଭବନ କୁ ଯାତାୟତ ନିମନ୍ତେ ସ୍ଥାୟୀ ରାସ୍ତା ପାଇଁ ମଧ୍ୟ ଅନୁରୋଧ ଜାଣାଇ ଥିଲେ। ଏହାସହ ଯାଞ୍ଚ ପ୍ରକ୍ରିୟାକୁ ନିୟମାନୁସାରେ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବା ସହ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଅନୁରୋଧ କରାଯାଇଛି ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁଗ୍ମ ସମ୍ପାଦକ ହୃଦୟା ନନ୍ଦ ନାୟକ, ଜିଲ୍ଲା ସମ୍ପାଦକ ହରିହର ବେହେରା, ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ପୁଜାରୀ,ସହ ସମ୍ପାଦକ ଅର୍ଜୁନ ଭତରା, କୁମର ପୁଜାରୀ ଓ ବରିଷ୍ଠ ସଭ୍ୟ ମାନେ ଉପସ୍ଥିତ ଥିଲେ।

# ଧୋୟାଞ୍ଚଳରେ ରବି ଫସଲ ମଣ୍ଡି ଖୋଲିବାକୁ ଦାବି

ପଟ୍ଟାମୁଣ୍ଡାଇ, ୨୯।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ବିରି "ଅମାର" କହିଲେ ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଦାଣ୍ଡିସାହି, ସିଂହଗାଁ ନୂଆପାଟଣା, ରାଉଳିଆ, କୃଷ୍ଣଦାସପୁର, ତରଡ଼ିପାଳ, କୋଳଥିଆ ଓ ଅଳପୁଆ ଆଦି ଗାଁର ବିସ୍ତୃତ ଅଞ୍ଚଳକୁ ବୁଝାଇ ଥାଏ। ଏହି ଗାଁ ଗୁଡିକରେ ବନ୍ୟା ପରେ ପରେ ହଜାର ହଜାର ହେକ୍ଟର ଜମିରେ ବିରି, ମୁଗ, ସୋରିଷ ଆଦି ଆଦି ଅର୍ଥକରି ରବି ଫସଲ ଚାଷ କରାଯାଇଥାଏ। ରାଜ୍ୟ ସରକାର ବିଳମ୍ବରେ ହେଲେବି ଏହି ଫସଲ ପାଇଁ ସହାୟକ ମୂଲ୍ୟ ଘୋଷଣା କରିଛନ୍ତି। ଚାଷୀମାନେ ଧାନମଣ୍ଡିରେ ପଞ୍ଜିକରଣ ଢାଞ୍ଚାରେ ରବି ଫସଲ ପାଇଁ ମଧ୍ୟ ପଞ୍ଜି କରଣ କରିପାରିବେ। ପେଣ୍ଠପାଳ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଧାନ ମଣ୍ଡି ଥିଲେ ହେଁ ଧୋୟାଞ୍ଚଳରେ ଅଦ୍ୟାବଧି ରବି ଫସଲ ପାଇଁ କୌଣସି ମଣ୍ଡି ଖୋଲା ଯାଇନାହିଁ। ଯାହା ଫଳରେ ରବି ଫସଲ କରିଥିବା ଚାଷୀ ମାନେ ଅସୁବିଧା ଭୋଗ କରୁଛନ୍ତି ।

ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅଧିକାରୀ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଧୋୟାଞ୍ଚଳର ଅନେକ ଅଗ୍ରଣୀ କୃଷକ ରବି ଫସଲ ବିଶେଷକରି ବିରି ପାଇଁ ଧୋୟାଞ୍ଚଳରେ ମଣ୍ଡି ଖୋଲିବାକୁ ଦାବି କରିଆସୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ଧୋୟାଞ୍ଚଳ ଚାଷୀଙ୍କ ଦାବୀକୁ ଉପେକ୍ଷା କରି ପଟ୍ଟାମୁଣ୍ଡାଇ ସଂଲଗ୍ନ ଚୂନଡିହ ଠାରେ ରବି ଫସଲ ମଣ୍ଡି ଖୋଲିଛନ୍ତି। ଯାହା ଧୋୟାଞ୍ଚଳ ଚାଷୀଙ୍କ କାମରେ ଆସୁନାହିଁ । ଅଧିକନ୍ତୁ ବନ୍ୟା ବିପନ୍ନ ଧୋୟାଞ୍ଚଳର ଅଳପୁଆ ଓ ଅଣ୍ଡରା ଠାରୁ ପଟ୍ଟାମୁଣ୍ଡାଇ ଚୂନଡିହର ଦୂରତା ପ୍ରାୟ ୧୮ କିମି ହେଉଥିବାରୁ ଚାଷୀଙ୍କ ପାଇଁ ପରିବହନ ସମସ୍ୟା ସୃଷ୍ଟି ହେଉଛି।

ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ଓ କୃଷି ସମବାୟ ଏବଂ ଯୋଗାଣ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅବିଳମ୍ବେ ବନ୍ୟା ବିପନ୍ନ ଧୋୟାଞ୍ଚଳ ଚାଷୀମାନଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଧୋୟାଞ୍ଚଳ ରେ ବିରି ମଣ୍ଡି ଖୋଲିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଣ୍ଡରା ସମବାୟ ସମିତି ପ୍ରାକ୍ତନ ସଭାପତି ସମବାୟବିତ କୃଷକ ନେତା ଚିତ୍ତରଞ୍ଜନ ମଲ୍ଲିକ, ଅଗ୍ରଣୀ କୃଷକ ନରହରି ପ୍ରଧାନ, ଉଲ୍ଲାସ ମଲ୍ଲିକ, ରଂଜିତ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରତାପ ବିଶ୍ୱାଳ ଯଶୋବନ୍ତ ପ୍ରଧାନ, ତ୍ରିଲୋଚନ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଶ୍ରୀମୁଖ ସିଂହାର ନୀତି ପାଇଁ ୪ ଘଣ୍ଟା ଦର୍ଶନ ବନ୍ଦ



କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାସ୍ଥିତ ପ୍ରସିଦ୍ଧ ଶ୍ରୀବଳଦେବଜୀଉ ମନ୍ଦିରରେ ଆସନ୍ତା ୩୦ ତାରିଖ ବୁଧବାର ପବିତ୍ର ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ସମ୍ପାଦନ ଅବସରରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅର୍ଥାତ୍ ଚାରି ଘଣ୍ଟା ଧରି ଭକ୍ତମାନଙ୍କ ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

ମନ୍ଦିର ପରମ୍ପରା ଅନୁଯାୟୀ, ଜୟମଙ୍ଗଳା ଆଳତି ପରେ ଚିତ୍ରକର ସେବକ ରତ୍ନ ସିଂହାସନକୁ ଯାଇ ଶ୍ରୀମୁଖ ସିଂହାର ନୀତି ସମ୍ପାଦନ କରିଥାନ୍ତି। ଏହା ଏକ ଗୁପ୍ତ ଓ ବିଶେଷ ନୀତି ହୋଇଥିବାରୁ ଏହି ସମୟ ମଧ୍ୟରେ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥା ବନ୍ଦ ରଖାଯାଇଥାଏ। ନୀତି ସମାପ୍ତି ପରେ ପୂର୍ବାହ୍ନ ୧୧ଟାରୁ ପୁନର୍ବାର ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ଭାବେ ଆରମ୍ଭ ହେବ ବୋଲି ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ସୂଚନା ଦେଇଛନ୍ତି। ଏହି ସମୟରେ ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ଏଥିପ୍ରତି ସଚେତନ ରହିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ସାହାଣୀ କପ୍ ଚୟନକୁ ନେଇ ଅସନ୍ତୋଷ

## ଯୋଗ୍ୟ ଖେଳାଳିଙ୍କୁ ଅଣଦେଖା ଓ ଚୟନକର୍ତ୍ତାଙ୍କ ଆକ୍ଷେପ ନେଇ ଅଭିଯୋଗ



କୋରାପୁଟ, ୨୯।୯ (ସଂଚାର ବ୍ୟୁରୋ)ଃ ସାହାଣୀ କପ୍ କ୍ରୀଡ଼ା ପ୍ରତିଯୋଗିତା ପାଇଁ ହୋଇଥିବା ଜିଲ୍ଲାସ୍ତରୀୟ ଖେଳାଳି ଚୟନକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି। ଚୟନ ପ୍ରକ୍ରିୟାରେ ପକ୍ଷପାତିତା ଓ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି କିଛି ଫୁଟବଲ ଖେଳାଳି।

ଅଭିଯୋଗ ଅନୁସାରେ, ଚୟନ ଶିବିରରେ ଅନେକ ପ୍ରତିଭାବାନ ଖେଳାଳି ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସେମାନଙ୍କୁ ଦଳରେ ସୁଯୋଗ ମିଳିନଥିଲା। ଅନ୍ୟପଟେ, ତୁଳନାତ୍ମକ ଭାବେ କମ୍ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଚୟନ କରାଯାଇଥିବା ନେଇ ପ୍ରଶ୍ନ ଉଠିଛି। ଏହାକୁ ନେଇ ଖେଳାଳିମାନେ ଚୟନ ପ୍ରକ୍ରିୟାରେ ପାରଦର୍ଶିତା ରହିଥିଲା କି ନାହିଁ, ସେନେଇ ସ୍ପଷ୍ଟତା ଦାବି କରିଛନ୍ତି।

ଖେଳାଳିଙ୍କ ଅଭିଯୋଗ ଅନୁଯାୟୀ, ଚୟନ ପ୍ରକ୍ରିୟାକୁ ନେଇ ଉପୁଜିଥିବା ଅସନ୍ତୋଷ ଯୋଗୁଁ ଜିଲ୍ଲା ଦଳ ପକ୍ଷରୁ ସାହାଣୀ କପ୍‌ରେ ଖେଳିବାକୁ ୧୧ ଜଣ ପ୍ରମୁଖ ଖେଳାଳି ଅନିଚ୍ଛା ପ୍ରକାଶ କରିଥିଲେ। ତେବେ ଏହି ଘଟଣା ପରେ ଖେଳାଳିଙ୍କ ଖେଳିବାର ମନୋଭାବ ଓ ଆଗ୍ରହକୁ ନେଇ ସିଧାସଳଖ ଆକ୍ଷେପ କରାଯାଉଥିବା ନେଇ ମଧ୍ୟ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ସମଗ୍ର ଘଟଣାରେ ନିରପେକ୍ଷ ତଦନ୍ତ କରି ଚୟନ ପ୍ରକ୍ରିୟାରେ ଯଦି କୌଣସି ଅନିୟମିତତା ହୋଇଥାଏ, ତାହାର ତଦନ୍ତ କରାଯାଉ ଏବଂ ଯୋଗ୍ୟ ଖେଳାଳିଙ୍କୁ ନ୍ୟାୟ ମିଳୁ ବୋଲି ଦାବି ହୋଇଛି। ଏନେଇ ଖେଳାଳିମାନେ କୋରାପୁଟର କ୍ରୀଡ଼ା ଅଧିକାରୀ ନରେଶ ଜାନୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚୟନକର୍ତ୍ତାଙ୍କ ପକ୍ଷରୁ ଖେଳାଳିଙ୍କ ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ନକରିବା ସହ ଚୟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଦାବି ରଖାଯାଇଛି।

## ଶତବାର୍ଷିକୀ ଉତ୍ସବ ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ମଣ୍ଡପ ଖୋଲା ରଖିବାକୁ ଦାବି



କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶତବାର୍ଷିକୀରେ ପଦାର୍ପଣ କରୁଥିବାରୁ ଏହାକୁ ଆକର୍ଷଣୀୟ ଓ ଭବ୍ୟ ଢଙ୍ଗରେ ଆୟୋଜନ କରିବାକୁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗଜଲକ୍ଷ୍ମୀ ପୂଜା କମିଟିର କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି।

ଓଡ଼ିଶାର ଅନ୍ୟତମ ପ୍ରମୁଖ ଗଣପର୍ବ ଭାବେ ପରିଚିତ କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜା ଦେଖିବା ପାଇଁ ପ୍ରତିବର୍ଷ ଜିଲ୍ଲା ତଥା ଜିଲ୍ଲା ବାହାରରୁ ହଜାର ହଜାର ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସମାଗମ ହୋଇଥାଏ। ପୂଜା ଅବସରରେ ସହରର ବିଭିନ୍ନ ମେଢ ଆଗରେ ସୁଦୃଶ୍ୟ ତୋରଣ ନିର୍ମାଣ ସହ ଆକର୍ଷଣୀୟ ଆଲୋକସଜ୍ଜା କରାଯାଇଥାଏ, ଯାହା ପର୍ବର ମୁଖ୍ୟ ଆକର୍ଷଣ ପାଲଟିଥାଏ।

ଚଳିତ ବର୍ଷ ପୂଜା ଶତବର୍ଷ ପୂର୍ତ୍ତି କରୁଥିବାରୁ ସାଧାରଣ ବର୍ଷ ତୁଳନାରେ ଅଧିକ ଭିଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୂଜା ମଣ୍ଡପଗୁଡ଼ିକୁ ରାତି ୧୦ଟା ପରିବର୍ତ୍ତେ ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରଖିବା ସହ ମାଇକ୍ ବ୍ୟବହାର ପାଇଁ ସମୟସୀମା ବୃଦ୍ଧି କରିବାକୁ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରାଯାଇଛି।

ଜିଲ୍ଲାପାଳଙ୍କ ସହ ହୋଇଥିବା ଏହି ଆଲୋଚନାରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଯୁଗଳ କିଶୋର ବେହେରା, ସୁବାଷ ଚନ୍ଦ୍ର ସାହୁ, ଅଶୋକ କୁମାର ଲେଙ୍କାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟ୍ୟାକ୍ସି ଷ୍ଟାଣ୍ଡ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଟ୍ୟାକ୍ସି ମାଲିକ ସଂଘ

କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ)ଃ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଟ୍ୟାକ୍ସି ରଖିବା ପାଇଁ ସ୍ଥାୟୀ ଷ୍ଟାଣ୍ଡର ଅଭାବ ଦୂର କରିବା ଦାବିରେ ପଟ୍ଟାମୁଣ୍ଡାଇ ଟ୍ୟାକ୍ସି ମାଲିକ ସଂଘର କର୍ମକର୍ତ୍ତାମାନେ ସୋମବାର ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଉପଯୁକ୍ତ ସରକାରୀ ଜାଗାକୁ ଟ୍ୟାକ୍ସି ଷ୍ଟାଣ୍ଡ ପାଇଁ ହସ୍ତାନ୍ତର କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

ସଂଘର କହିବା ଅନୁସାରେ, ପଟ୍ଟାମୁଣ୍ଡାଇ ଅଞ୍ଚଳରୁ ପ୍ରତିଦିନ ୧୫୦ରୁ ଅଧିକ ଟ୍ୟାକ୍ସି ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ ସେବା ଯୋଗାଇ ଆସୁଛି। ମାତ୍ର ଟ୍ୟାକ୍ସି ରଖିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ମାଲିକ ଓ ଚାଳକମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଧ୍ୟ ହୋଇ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖିବାକୁ ପଡୁଥିବା ବେଳେ ଅନେକ ସମୟରେ ଜରିମାନା ମଧ୍ୟ ଦେବାକୁ ପଡୁଛି। ତେଣୁ ବସ୍‌ଷ୍ଟାଣ୍ଡ ସଂଲଗ୍ନ ଖାଲି ଜାଗାକୁ ଟ୍ୟାକ୍ସି ଷ୍ଟାଣ୍ଡ ପାଇଁ ଅନୁମୋଦନ କରାଗଲେ ଯାତ୍ରୀ ସେବା ଅଧିକ ସୁବ୍ୟବସ୍ଥିତ ହେବା ସହ ଯାନବାହନ ପାର୍କିଂ ସମସ୍ୟାର ମଧ୍ୟ ସମାଧାନ ହୋଇପାରିବ ବୋଲି ସଂଘ ପକ୍ଷରୁ ଦର୍ଶାଯାଇଛି।



## ୬ ଡକାୟତ ଗିରଫ, ବନ୍ଧୁକ-ଗୁଳି ସହ ବିପୁଳ ମାରଣାସ୍ତ୍ର ଜବତ



କେନ୍ଦ୍ରାପଡା,୨୯।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସଦର ଥାନା ପୁଲିସ ଏକ ସଂଗଠିତ ଡକାୟତ ଦଳର ପର୍ଦ୍ଦାଫାସ କରି ୬ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି, ଗୋଟିଏ ଖଣ୍ଡା, ଗୋଟିଏ ଛୁରି ସମେତ ବିଭିନ୍ନ ମାରଣାସ୍ତ୍ର, ୬ଟି ମୋବାଇଲ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ଡକାୟତମାନେ ହେଲେ ସାନମଙ୍ଗଳା ଅଞ୍ଚଳର ବିଶ୍ୱଜିତ ପତ୍ରୀ, ବଳଗଣ୍ଡିର ଅସରଦ ଅହମଦ, ଉଦୟନଗରର ଓମ୍ ମିଶ୍ର, ହଜାରିବଗିଚାର ପୀତବାସ ମହାରଣା, ହୃଷିକେଶ ମହାରଣା ଓ ରୁଦ୍ରରଞ୍ଜନ ପାତ୍ର।

ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ ଦୀର୍ଘଦିନ ଧରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଡକାୟତି ଯୋଜନା କରୁଥିଲା। ବିଶେଷକରି ବୃଦ୍ଧ ବ୍ୟକ୍ତିମାନେ ଏକାକୀ ରହୁଥିବା ଘରଗୁଡ଼ିକୁ ଟାର୍ଗେଟ କରି ସେଠାରେ ପଶୁଥିଲେ। କେହି ପ୍ରତିବାଦ କଲେ ବନ୍ଧୁକ ଓ ଧାରୁଆ ଅସ୍ତ୍ର ଦେଖାଇ ଭୟଭୀତ କରିବା ପରେ ନଗଦ ଟଙ୍କା, ସୁନା ଗହଣା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଉଥିଲେ।

ଡକାୟତ ଦଳର କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ ମିଳିବା ପରେ ଜିଲ୍ଲା ପୁଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ଓ ଗୁଇନ୍ଦା ସୂଚନା ଆଧାରରେ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ପୁଲିସ ଗିରଫ ଅଭିଯୁକ୍ତମାନଙ୍କୁ ଅଦାଲତ ଚାଲାଣ କରିଥିବାବେଳେ ଏହି ଗ୍ୟାଙ୍ଗ ବିରୋଧରେ ପୂର୍ବରୁ କେତେ ମାମଲା ରହିଛି, ସେ ନେଇ ତଦନ୍ତ ଜାରି ରହିଛି।



# ଖୋର୍ଦ୍ଧା ଜିଲ୍ଲାରେ 'ଅଙ୍ଗନ କା ଉତ୍ସବ' ପାଳିତ

ଖୋର୍ଦ୍ଧା, ୨୯।୯ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ସମସ୍ତ ୨୫୫୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ କା ଉତ୍ସବ'ର ୨୭ ତାରିଖ କାର୍ଯ୍ୟକ୍ରମ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଷଣ ପିଠା ଆନୁଷ୍ଠାନିକ ପ୍ରଦର୍ଶନ (ଡେମୋ) ପିତା, ମାତା, କିଶୋରୀ ସିଏଚ୍, ପରିବାରର ସଦସ୍ୟମାନେ ଏବଂ ଏଏମସି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିଲା।

ଏଥିରେ ସ୍ଥାନୀୟ ଭାବେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିଠାର ରାନ୍ଧଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ରାନ୍ଧଣା ଶେଷ ପର୍ଯ୍ୟନ୍ତ ଆଙ୍ଗନବାଡ଼ି କେନ୍ଦ୍ରରେ ଏହାର ବିଚାର କରାଯାଇଥିଲା। ଏହା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବିଜେତାମାନଙ୍କୁ ଚୟନ କରାଯାଇଥିବା ବେଳେ ପ୍ରମାଣପତ୍ରଗୁଡ଼ିକ ଆଗାମୀ ୨୯ ସେପ୍ଟେମ୍ବର ୨୦୨୬ ତାରିଖ ଦିନ ଜିଲ୍ଲାପାଳଙ୍କ ସ୍ୱାକ୍ଷର ସ୍ୱାକ୍ଷରିତ ହୋଇ ପ୍ରଦାନ କରାଯିବ।

ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୋଷଣ ଡିସି, ଡିପିଏ, ବିସିଏସ୍, ମମତା ଡିସିପି, ସୁଭଦ୍ରା ଫିଲ୍ଡ ଫଙ୍କସନାରୀ, ସିଡିପିଓ ଏବଂ ସୁପରଭାଇଜରଗଣ ସକ୍ରିୟ ଅଂଶଗ୍ରହଣ କରି ସହଯୋଗ ପ୍ରଦାନ କରିଥିଲେ।

# ବର୍ଷା କମିବା ସହ ରାଜ୍ୟରେ ପରିସ୍ଥିତିରେ ସୁଧାର



> ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଜରୁରୀକାଳୀନ ସହାୟତା ଜାରି
> ୪୩ଟ ଓଡ୍ରାଫ୍ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ
> ୧୩,୨୨୧ ଜଣଙ୍କୁ ସ୍ଥାନାନ୍ତର; କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ରାଜ୍ୟରେ ବର୍ଷାର ପରିମାଣ କମିବା ସହ ସାମଗ୍ରିକ ପରିସ୍ଥିତିରେ ସୁଧାର ଆସୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଣ୍ଟର (ଏସ୍‌ଇଓସି) ମାଧ୍ୟମରେ ଜିଲ୍ଲା ଇମର୍ଜେନ୍ସି ଅପରେସନ୍ ସେଣ୍ଟର ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି। ସ୍ଥାନୀୟ ବନ୍ୟା, ତଳିଆ ଅଞ୍ଚଳରେ ଜଳବନ୍ଦୀ ଓ ଅନ୍ୟାନ୍ୟ ପାଣିପାଗଜନିତ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନଗୁଡ଼ିକ ମଧ୍ୟ ସତର୍କ ରହିଛନ୍ତି। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ରାଜ୍ୟର ସମସ୍ତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଆଜି ସକାଳ ସାଢ଼େ ୮ଟା ସୁଦ୍ଧା ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୧.୧ ମିମି ବର୍ଷା ରେକର୍ଡ କରାଯାଇଛି। କଟକ ଜିଲ୍ଲାର ବାଙ୍କୀ-ଡମପଡ଼ା ବ୍ଲକ୍‌ରେ ସର୍ବାଧିକ ୪୫.୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ୧୨ଟି ବ୍ଲକ୍‌ରେ ୧୦ ମିମିରୁ ଅଧିକ ବର୍ଷା ହୋଇଛି। ଜିଲ୍ଲାୱାରି ହାରାହାରି ବର୍ଷା ମଧ୍ୟରେ କଟକରେ ସର୍ବାଧିକ ୯.୫ ମିମି, ପୁରୀରେ ୬.୩ ମିମି, ଗଜପତିରେ ୪.୯ ମିମି, ଖୋର୍ଦ୍ଧାରେ ୨.୯ ମିମି, ଢେଙ୍କାନାଳରେ ୨.୫ ମିମି, କୋରାପୁଟରେ ୨.୪ ମିମି ଏବଂ ମାଲକାନଗିରିରେ ୧.୯ ମିମି ବର୍ଷା ରେକର୍ଡ ହୋଇଛି। ସେପ୍ଟେମ୍ବର ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସମୁଦାୟ ୩୧୬.୨ ମିମି ବର୍ଷା ହୋଇଛି। ଏହି ସମୟର ସ୍ୱାଭାବିକ ହାରାହାରି ବର୍ଷା ୨୩୩.୪ ମିମି ତୁଳନାରେ ଏହା ୩୫.୫ ପ୍ରତିଶତ ଅଧିକ। ରାଜ୍ୟର ପ୍ରସ୍ତୁତି ଓ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ଅଂଶ ଭାବେ ବର୍ତ୍ତମାନ ୩୬ଟି ଓଡ୍ରାଫ୍ ଏବଂ ୭ଟି ଏନ୍‌ଡିଆର୍‌ଏଫ୍ ସମେତ ମୋଟ ୪୩ଟି ଟିମ୍ ନିୟୋଜିତ ଅଛନ୍ତି। ବାଲେଶ୍ୱରରେ ୧୪ଟି, ଭଦ୍ରକରେ ୯ଟି, କୋରାପୁଟରେ ୪ଟି, ଯାଜପୁରରେ ୪ଟି, ଜଗତସିଂହପୁରରେ ୩ଟି ଓ ନବରଙ୍ଗପୁରରେ ୨ଟି ଟିମ୍ ନିୟୋଜିତ ଅଛନ୍ତି। ଏଥିସହ ଓଏସ୍‌ଏପି ଷଷ୍ଠ ବାଟାଲିୟନ, କଟକ ଏବଂ ଏନ୍‌ଡିଆର୍‌ଏଫ୍ ୩ୟ ବାଟାଲିୟନ, ମୁଣ୍ଡଳୀଠାରେ ରିଜର୍ଭ ଟିମ୍ ପ୍ରସ୍ତୁତ ରଖାଯାଇଛି। ନିୟୋଜିତ ଏହି ପ୍ରଶିକ୍ଷିତ ପ୍ରତିକ୍ରିୟାଶୀଳ ଟିମ୍‌ଗୁଡ଼ିକ ପରିସ୍ଥିତି ଅନୁଯାୟୀ ଉଦ୍ଧାର, ସ୍ଥାନାନ୍ତର ଓ ଜରୁରୀକାଳୀନ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ ରହିଛନ୍ତି।

ପ୍ରଭାବିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନଗୁଡ଼ିକ ପକ୍ଷରୁ ସତର୍କତାମୂଳକ ସ୍ଥାନାନ୍ତର ଓ ରିଲିଫ୍ ବ୍ୟବସ୍ଥା ଜାରି ରହିଛି। ୧୩,୨୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ଏବଂ ୪୯ଟି ରିଲିଫ୍ କ୍ୟାମ୍ପ ଖୋଲାଯାଇଛି, ଯେଉଁଠାରେ ସ୍ଥାନାନ୍ତରିତ ଲୋକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି। ବାଲେଶ୍ୱର, ନବରଙ୍ଗପୁର, ଯାଜପୁର, ଭଦ୍ରକ, ସମ୍ବଲପୁର, ବରଗଡ଼, କନ୍ଧମାଳ ଓ ଜଗତସିଂହପୁର ଜିଲ୍ଲାର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବା ସହ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଉଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଗୋଖାଦ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୋଖାଦ୍ୟ ଯୋଗାଣ ମଧ୍ୟ ସୁନିଶ୍ଚିତ କରାଯାଇଛି। ସମୁଦାୟ ୯୦୭.୦୪ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଏଥିମଧ୍ୟରେ ବାଲେଶ୍ୱରକୁ ୪୦୦ ମେଟ୍ରିକ୍ ଟନ୍, ଭଦ୍ରକକୁ ୩୮୦.୫ ମେଟ୍ରିକ୍ ଟନ୍, ଯାଜପୁରକୁ ୬୭.୭୪ ମେଟ୍ରିକ୍ ଟନ୍, ମୟୂରଭଞ୍ଜକୁ ୪୦ ମେଟ୍ରିକ୍ ଟନ୍ ଏବଂ କୋରାପୁଟକୁ ୧୮.୮୦ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ସତର୍କ ସୂଚନା ଜାରି ହୋଇନାହିଁ।

# ପରିବର୍ତ୍ତନ ର୍‍ୟାଲି ପରେ 'ଓଡ଼ିଶା ବନ୍ଦ' ଡାକରା




**୮ରେ ରାଜ୍ୟ ସରକାରଙ୍କୁ ଘେରିବ ଦଳ ଇଣ୍ଡି ମେଣ୍ଟ**

ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ): ରାଜ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ସରକାରଙ୍କ ବିରୋଧରେ ଆଭିମୁଖ୍ୟ କଡ଼ା କରିଛି ପିସିସି। ଆସନ୍ତା ୮ରେ ସାରା ରାଜ୍ୟରେ 'ଓଡ଼ିଶା ବନ୍ଦ' ଡାକରା ଦେଇଛି ଦଳ। ଆଜି ଆୟୋଜିତ ଏକ ପରିବର୍ତ୍ତନ ର୍‍ୟାଲି ଓ ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ଘୋଷଣା କରିଛନ୍ତି। ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ପିସିସି ସଭାପତି କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଆନ୍ଦୋଳନ ଓଡ଼ିଶାର ଭବିଷ୍ୟତକୁ ସୁରକ୍ଷିତ କରିବ। ଓଡ଼ିଶାର ଭାଗ୍ୟ ପରିବର୍ତ୍ତନ କରିବ। ଓଡ଼ିଶାର ସୁରକ୍ଷା କରିବ। ଏହି ଲଢ଼େଇ ହିଁ ପରିବର୍ତ୍ତନର ବାର୍ତ୍ତା ଦେବ। ତେଣୁ ଏହି ଆନ୍ଦୋଳନ ଛୋଟ ଆନ୍ଦୋଳନ ନୁହେଁ। ତେଣୁ ପଞ୍ଚାୟତ ସ୍ତର, ବ୍ଲକ ସ୍ତର ଓ ଜିଲ୍ଲା ସ୍ତର ସହ ରାଜ୍ୟସ୍ତରୀୟ ସମସ୍ତ ନେତା ଓ କର୍ମୀ ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଭକ୍ତ କହିଛନ୍ତି। ସେ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ସାଧାରଣ ଜନତା, ଖଣିଜ ସମ୍ପଦ ଓ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଉଥିବାରୁ ଦଳ ନୀରବ ରହିବ ନାହିଁ। ଏହିସବୁ ଦାବିର ପ୍ରତିବାଦରେ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଆସନ୍ତା ୮ ତାରିଖରେ ୧୨ଘଣ୍ଟିଆ ଓଡ଼ିଶା ବନ୍ଦ କରାଯିବ।

ଏହି ବନ୍ଦ ଡାକରାକୁ ସଫଳ କରିବା ପାଇଁ ସାରା ରାଜ୍ୟର ଦଳୀୟ କର୍ମୀ, ନେତା ଓ ଆଞ୍ଚଳିକ ସଂଗଠନଗୁଡ଼ିକୁ ସାମିଲ ହେବାକୁ କଂଗ୍ରେସ ପକ୍ଷରୁ ନିବେଦନ କରାଯାଇଛି। ସେହିପରି ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡ଼ାଯାଇଛି। ଇଣ୍ଡିଆ ବ୍ଲକ୍‌ର ନେତୃବୃନ୍ଦ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଗଣତାନ୍ତ୍ରିକ ଅଧିକାର, ଶିକ୍ଷା ଓ ଜନଜୀବନର ସୁରକ୍ଷା ପାଇଁ ଆନ୍ଦୋଳନ ଏବେ ଆହୁରି ବ୍ୟାପକ ହେବ। କେବଳ ବିଧାନସଭା ଭିତରେ ଆଲୋଚନାରେ ସୀମିତ ନ ରହି ଜନସାଧାରଣଙ୍କୁ ନେଇ ରାସ୍ତାରେ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ ବୋଲି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ବିଧାନସଭା ଅଧିବେଶନ ଶେଷ ହେବା ପାଇଁ ନିର୍ଦ୍ଧାରିତ ତାରିଖର ୧୦ ଦିନ ପୂର୍ବରୁ ବିଧାନସଭା ବନ୍ଦ କରିଦେବା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ନେତୃବୃନ୍ଦ କହିଛନ୍ତି।

## ମୟୂରଭଞ୍ଜର ବାଉଁଶ ଚାଷୀ ଓ ଓବିଡିଏର ପ୍ରୟାସକୁ ମିଳିଲା 'ପ୍ରମାଣ' ସାର୍ଟିଫିକେଟ୍

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଓଡ଼ିଶାର ବାଉଁଶ କ୍ଷେତ୍ର ପାଇଁ ଏକ ଗର୍ବର ମୁହୂର୍ତ୍ତ ଭାବେ ଭାରତୀୟ ବନ ଓ କାଠ ପ୍ରମାଣୀକରଣ ଯୋଜନା ଅଧୀନରେ 'ପ୍ରମାଣ' ସାର୍ଟିଫିକେଟ୍ ଆଜି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଏହି ସାର୍ଟିଫିକେଟ୍ ପ୍ରଦାନ ସମୟରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସଚିବ ଶ୍ରୀ ତନ୍ମୟ କୁମାର, ବନ ମହାନିର୍ଦ୍ଦେଶକ ସୁଶୀଲ କୁମାର ଅବସ୍ଥି ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଜିଲ୍ଲାର ଗୋବର୍ଦ୍ଧନଶୂଳସ୍ଥିତ ଲକ୍ଷ୍ମୀପୋଷିର ବାଉଁଶ ଚାଷୀ ଗୋବିନ୍ଦ ମହାପାତ୍ର ଏବଂ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥାର ମିଶନ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏହି ସାର୍ଟିଫିକେଟ୍ ଗ୍ରହଣ କରିଥିଲେ।




ଏହି ପ୍ରମାଣୀକରଣ ଟ୍ରିଜ୍ ଆଉଟସାଇଡ୍ ଫରେଷ୍ଟସ୍ ମ୍ୟାନେଜମେଣ୍ଟ ଓ ଚେନ୍ ଅଫ୍ କଷ୍ଟଡି କ୍ଷେତ୍ରରେ ପ୍ରଦାନ କରାଯାଇଛି। ଗୋବର୍ଦ୍ଧନଶୂଳ ଓ ରାଣୀଭୋଳର ୪ଟି ପ୍ଲଟ୍‌ରେ ମୋଟ ୧୪.୦୩ ହେକ୍ଟର ଅଞ୍ଚଳକୁ ଏଥିରେ ସାମିଲ କରାଯାଇଛି। ପ୍ରମାଣୀକୃତ ବାଉଁଶ ପ୍ରଜାତିଗୁଡ଼ିକ ମଧ୍ୟରେ ବାମ୍ବୁସା ଭଲଗାରିସ୍, ବାମ୍ବୁସା ନ୍ୟୁଟାନ୍ସ ଓ ଡେଣ୍ଡ୍ରୋକାଲାମସ୍ ଷ୍ଟ୍ରିକ୍ଟସ୍ ରହିଛି, ଯାହା ନିର୍ମାଣ କାର୍ଯ୍ୟ ଓ ଆସବାବପତ୍ର ପ୍ରସ୍ତୁତିରେ ବାଣିଜ୍ୟିକ ଭାବେ ବ୍ୟବହୃତ ହୁଏ। ଏହି ପ୍ରମାଣୀକରଣ ପ୍ରକ୍ରିୟା ଏନ୍‌ଏବିସିବି ଦ୍ୱାରା ସ୍ୱୀକୃତ ପ୍ରମାଣୀକରଣ ସଂସ୍ଥା ଦ୍ୱାରା ଅଡିଟ୍ କରାଯାଇଥିଲା। ଏହି ସଫଳତା ଓଡ଼ିଶାର କୃଷିଭିତ୍ତିକ ବାଉଁଶ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରମାଣୀକରଣ ଦ୍ୱାରା କ୍ରେତାମାନେ ବାଉଁଶ ଆଇନସମ୍ମତ ଓ ସ୍ଥାୟୀ ଉତ୍ସରୁ ଆସିଥିବ ବୋଲି ନିଶ୍ଚିତ ହୋଇପାରିବେ। ଫଳରେ ବାଉଁଶ ଚାଷୀଙ୍କ ପାଇଁ ଦେଶୀୟ ଓ ରପ୍ତାନୀ ବଜାରରେ ଉନ୍ନତ ସୁଯୋଗ ସୃଷ୍ଟି ହେବା ସହ ବଜାର ବିଶ୍ୱସନୀୟତା ମଧ୍ୟ ବୃଦ୍ଧି ପାଇବ। ଏହି ପଦକ୍ଷେପଟି ଆଇଆଇଏଫଏମ୍, ଭୋପାଳ ମାଧ୍ୟମରେ ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା ଅର୍ଥାୟନ, ସମନ୍ୱୟ ଓ ସହଯୋଗରେ ସମ୍ପନ୍ନ ହୋଇଛି।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ମୂଳ ପେନସନ ସଂଶୋଧନ ଦାବି

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ୧୯୯୫ରେ ବ୍ୟାଙ୍କ ଶିଳ୍ପରେ ପେନସନ୍ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଦୀର୍ଘ ୨୮ ବର୍ଷ ଧରି ମୂଳ ପେନସନ୍‌ରେ ସଂଶୋଧନ କରାଯାଇନାହିଁ। ଏହି ସମୟ ମଧ୍ୟରେ ବ୍ୟାଙ୍କ କର୍ମଚାରୀମାନଙ୍କର ବେତନ ସଂଶୋଧନ ୭ ଥର ହୋଇଯାଇଛି, ଯଦ୍ୱାରା ୧୯୯୫ ଓ ୨୦୨୦ରେ ଅବସର ନେଇଥିବା କର୍ମଚାରୀଙ୍କ ପେନସନ୍‌ରେ ଅନେକ ତାରତମ୍ୟ ପରିଲକ୍ଷିତ ହୁଏ। ୧୯୯୫ରେ ଅବସର ନେଇଥିବା ଜଣେ କର୍ମଚାରୀର ମାସିକ ମୂଳ ପେନ୍‌ସନ୍ ୩୪୮୭ ଟଙ୍କା ଥିବା ବେଳେ ୨୦୨୦ରେ ସମାନ ପଦବୀରୁ ଅବସର ନେଇଥିବା ଜଣେ କର୍ମଚାରୀର ମାସିକ ମୂଳ ପେନ୍‌ସନ୍




୨୯,୦୧୨ ଟଙ୍କା। ବ୍ୟାଙ୍କ ଶିଳ୍ପ ବ୍ୟତୀତ ଅନ୍ୟ କୌଣସି ସଂସ୍ଥାରେ ଏଭଳି ଅସଙ୍ଗତି ଦେଖାଯାଏନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପେନସନ୍‌ଭୋଗୀଙ୍କ ମୂଳ ପେନ୍‌ସନ୍ ପ୍ରତିଥର କର୍ମଚାରୀଙ୍କ ବେତନ ବୃଦ୍ଧି ସହ ସମୟରେ ସଂଶୋଧନ ହୋଇଥାଏ। ଭାରତୀୟ ରିଜର୍ଭ ବ୍ୟାଙ୍କରେ ମଧ୍ୟ ପେନ୍‌ସନ୍ ସଂଶୋଧନକୁ ୧୯୯୫ଠାରୁ ଲାଗୁ କରିବାକୁ କେନ୍ଦ୍ର ସରକାର ୨୦୧୯ରୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବ୍ୟାଙ୍କ ଶିଳ୍ପରେ ପ୍ରଚଳିତ ପେନ୍‌ସନ୍ ଯୋଜନା ରିଜର୍ଭ ବ୍ୟାଙ୍କର ପେନ୍‌ସନ୍ ଯୋଜନା ସହ ସମାନ ଏବଂ ରିଜର୍ଭ ବ୍ୟାଙ୍କର ପେନ୍‌ସନ୍ ସଂଶୋଧନ ଆଧାରରେ ବ୍ୟାଙ୍କ ଶିଳ୍ପରେ ପେନସନ୍ ସଂଶୋଧନ ହେବା କଥା। କିନ୍ତୁ ପରିତାପର ବିଷୟ ଏହି ଯେ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନେ ତାଙ୍କର ଏହି ନ୍ୟାୟୋଚିତ ଦାବି ପୂରଣ ନିମିତ ଦୀର୍ଘ ଦିନ ଧରି ସଂଗଠନ ମାଧ୍ୟମରେ କେନ୍ଦ୍ର ସରକାର ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସେମାନଙ୍କ ଦାବି ଏ ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ୪ର୍ଥ ତ୍ରୈବାର୍ଷିକ ସମ୍ମିଳନୀରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ସର୍ବତ୍ର ଚାନ୍ଦ ଜୈନ୍ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସାରା ଓଡ଼ିଶାର ବିଭିନ୍ନ ବ୍ୟାଙ୍କରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

## ଓରେଡା ପକ୍ଷରୁ ୧.୦୭ କୋଟି ଟଙ୍କାର ଲାଭାଂଶ ପ୍ରଦାନ




ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅଧୀନସ୍ଥ ସରକାରୀ ଉଦ୍ୟୋଗ ଓରେଡା ଲିମିଟେଡ୍ ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ରାଜ୍ୟ ସରକାରଙ୍କୁ ୧.୦୭ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓଙ୍କୁ ଲାଭାଂଶ ଚେକ୍ ପ୍ରଦାନ କରାଯାଇଛି। ଗତ ୨୦୨୪ ମେ' ୯ ତାରିଖରେ ପ୍ରତିଷ୍ଠିତ ଏହି କମ୍ପାନୀ ନିଜର ପ୍ରଥମ ଆର୍ଥିକ ବର୍ଷରେ ୩.୫୭ କୋଟି ଟଙ୍କାର ନିଟ୍ ଲାଭ ଅର୍ଜନ କରିପାରିଛି। ପ୍ରତିଷ୍ଠାର ପ୍ରଥମ ବର୍ଷରେ ହିଁ ଲାଭାଂଶ ଘୋଷଣା କରିବା ସହ ତାହା ପ୍ରଦାନ କରିବା ଓରେଡା ଲିମିଟେଡ୍ ପାଇଁ ଏକ ଉଲ୍ଲେଖନୀୟ ସଫଳତା। ଏହା କମ୍ପାନୀର ଆର୍ଥିକ ଅଭିବୃଦ୍ଧି ଓ ସୁଦୃଢ଼ ଆର୍ଥିକ ପରିଚାଳନାକୁ ଦର୍ଶାଉଛି। ଓରେଡା ଲିମିଟେଡ୍ ଓଡ଼ିଶାରେ ନବୀକରଣୀୟ ଶକ୍ତିର ପ୍ରସାର ଓ ସ୍ଥାୟୀ ଶକ୍ତି ସମାଧାନକୁ ପ୍ରୋତ୍ସାହନ ଦେବା ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଉପମୁଖ୍ୟମନ୍ତ୍ରୀଙ୍କ ସହ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓରେଡାର ସିଇଓ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଅତିରିକ୍ତ ସଚିବ ନିବେଦିତା ମିଶ୍ରଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଲାଭାଂଶ ଚେକ୍ ସରକାରଙ୍କୁ ହସ୍ତାନ୍ତର କରାଯାଇଛି।

## ଐତିହ୍ୟ ଗ୍ରାମ ହେବ କବିବରଙ୍କ ଗ୍ରାମ

■ ନିର୍ଜୀବ ଭିତରେ ଜୀବସତ୍ତାକୁ ଉଜ୍ଜୀବିତ କରିଛନ୍ତି କବିବର




ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବିବର ସାହିତ୍ୟ ଓ ସେବା ପ୍ରତିଷ୍ଠାନର ମିଳିତ ସହଯୋଗରେ କବିବର ରାଧାନାଥ ରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଏକ ସାରସ୍ୱତ ସଭା ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବିବରଙ୍କ ଜୀବନୀ ଓ କବିତା ସମୂହ ଉପରେ ଆଲୋକପାତ କରିବା ସହ ରାଧାନାଥଙ୍କ ସାରସ୍ୱତ କୃତି ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ। ଏଥିସହ ଯୁବ ସାହିତ୍ୟିକମାନଙ୍କୁ କବିବରଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। କବିବରଙ୍କ ସାରସ୍ୱତ ସର୍ଜନାରେ ଉତ୍କଳୀୟତା ଓ ଭାରତୀୟତାର ଏକ ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ। ନିଃସ୍ୱକୁ ବିଶ୍ୱ ସହ ସଂଯୋଗ କରିବା ସହ ନିର୍ଜୀବ ମଧ୍ୟରେ ଜୀବସତ୍ତାର ସଞ୍ଚାର କରିଛନ୍ତି କବିବର ରାଧାନାଥ ରାୟ। କାର୍ଯ୍ୟକ୍ରମରେ 'ସମ୍ବାଦ'ର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ, 'ପ୍ରମେୟ'ର ସମ୍ପାଦକ ଗୋପାଳକୃଷ୍ଣ ମହାପାତ୍ର, 'ସୁବାର୍ତ୍ତା' ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ଆଦିକନ୍ଦ ସାହୁ, ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଉପସ୍ଥିତ ଥିଲେ।

### ଅନୁସୂଚିତ ଜାତି ମୋର୍ଚ୍ଚା ସମୀକ୍ଷା ବୈଠକରେ ମନମୋହନ

## ସାମାଜିକ ସମରସତାକୁ ଲୋକଙ୍କ ନିକଟରେ ପହଞ୍ଚାଇଥିଲେ ସନ୍ଥଗୁରୁ




ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ' ମନ୍ତ୍ରକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁସୁଚିତ ଜାତି ମୋର୍ଚ୍ଚାର ଜୋନ୍‌ସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ଧୈର୍ଯ୍ୟ ବଳରେ ସାମାଜିକ ସମରସତାକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ ସନ୍ଥଗୁରୁ ରବି ଦାସ ବୋଲି ଶ୍ରୀ ସାମଲ କହିବା ସହ ଅନୁସୂଚିତ ଜାତିର ବିକାଶ ପାଇଁ ବିଜେପି ସରକାର କରିଥିବା ବିଭିନ୍ନ ଯୋଜନାକୁ ତଳସ୍ତରରେ ପହଞ୍ଚାଇବାକୁ ଆହ୍ୱାନ କରିଛନ୍ତି। ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତ ଜୁଲାଇ ୨୯ ଗୁରୁ ପୂର୍ଣ୍ଣିମାଠାରୁ ଆସନ୍ତା ବର୍ଷ ଫେବ୍ରୁଆରୀ ୨୦ ପର୍ଯ୍ୟନ୍ତ ହେବାକୁ ଥିବା ସନ୍ଥ ଶିରୋମଣି ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ 'ସମରସତା ସଂକଳ୍ପ ଅଭିଯାନ' ପାଳନର ସମୀକ୍ଷା କରାଯାଇଥିଲା। ସନ୍ଥ ଗୁରୁ ରବି ଦାସ କେବଳ ଜଣେ ସନ୍ଥ ନ ଥିଲେ, ସେ ଥିଲେ ସାମାଜିକ ପରିବର୍ତ୍ତନର ବିପ୍ଳବୀ ଚେତନା। ସେ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବମୁକ୍ତ ସମାଜର ପ୍ରତୀକ ଥିଲେ। ସମାଜ ସଂସ୍କାର କାର୍ଯ୍ୟ ଯୋଗୁଁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ସନ୍ଥ ରବି ଦାସଙ୍କୁ ଲୋକେ ମନେପକାଇବେ ଓ ସେ ସମସ୍ତଙ୍କ ପ୍ରେରଣା ହୋଇ ରହିବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ବୈଠକରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଧାୟକ ରଘୁନାଥ ଜଗଦଲ୍ଲା, ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ, ରାଜ୍ୟ ସମ୍ପାଦିକା ସ୍ମିତା ପ୍ରଧାନ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜଙ୍କ ସମେତ ମୋର୍ଚ୍ଚାର ସମସ୍ତ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

### ଏମ୍‌ଏମ୍‌ଡିଆର୍ ଆଇନ ବିଷୟରେ ବିଧାନସଭାରେ ଆଲୋଚନା ନହେବା ପ୍ରସଙ୍ଗ

## ସରକାର ଭୟଭୀତ ହୋଇ ବିଧାନସଭାକୁ ବନ୍ଦ କରିଦେଲେ: ବିଜେଡି




ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ସଂଶୋଧିତ ଏମଏମଡିଆର ଆଇନ ପ୍ରସଙ୍ଗରେ ବିଧାନସଭାରେ ଆଲୋଚନା ଦାବିକୁ ଗ୍ରହଣ ନକରି ୪ ଦିନ ଆଗରୁ ବିଧାନସଭାକୁ ବନ୍ଦ କରିବା ରାଜ୍ୟ ସରକାରଙ୍କର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ବିଜେଡି। ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜିଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ୪ ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ବୋଲି ବିଜେଡି କହିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡ ଅରୁଣ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ତଥା ଦଳର ପିଏସି ସଦସ୍ୟା ଟୁକୁନି ସାହୁ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ସହ ବିଧାନସଭାକୁ ୪ ଦିନ ପୂର୍ବରୁ ବନ୍ଦ କରିଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ଓଡିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜେଡି ପକ୍ଷରୁ ପ୍ରଥମରୁ କୁହାଯାଇଆସୁଛି। ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡ଼ିଶା ସହିବ ବୋଲି ବିଜେଡି କହିଆସିଛି। ବିଜେଡିର ଏହି ଦାବିରେ ଅନ୍ୟ ବିରୋଧୀ ଦଳମାନେ ମଧ୍ୟ ଏକମତ ହୋଇଛନ୍ତି। କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ, ବରଂ ଲାଭ ହେବ ବୋଲି କହୁଛି। ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ପକ୍ଷରୁ ଏକ ମୋସନ ଦାଖଲ କରାଯାଇଥିଲା। କିନ୍ତୁ ବିଜେପି ପକ୍ଷରୁ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ ପାଇ ନ ଥିଲା।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ର୍‍ୟାଗିଂ ଅଭିଯୋଗ

କଟକ,୨୯।୯(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଗିଙ୍ଗ ଅଭିଯୋଗ। ମୋବାଇଲ ଗେମ କୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ରାଗିଙ୍ଗ ହୋଇଛି। ଜଗନ୍ନାଥ ଛାତ୍ରବାସ ର +୩ ଦ୍ୱିତୀୟ ବର୍ଷର ଛାତ୍ର ମନୋରଞ୍ଜନ ମାଝୀକୁ ସେହି ଛାତ୍ରାବାସର +୩ ତୃତୀୟ ବର୍ଷର କିଛି ଛାତ୍ର ରାଗିଙ୍ଗ କରିଛନ୍ତି ବୋଲି ମନୋରଞ୍ଜନ ଅଭିଯୋଗ କରିଛନ୍ତି। ଅନଲାଇନ ମୋବଇଲ ଗେମରେ ସିନିୟର ଛାତ୍ରମାନେ ଚିଟିଙ୍ଗ କରିଥିବାରୁ ମନୋରଞ୍ଜନ ସେମାନଙ୍କୁ ବିରୋଧ କରିଥିଲେ। ଯେଉଁଥିରେ ସିନିୟର ଛାତ୍ର ମାନେ ରାଗିଯାଇ ମନୋରଞ୍ଜନକୁ ସେମାନଙ୍କ ହଷ୍ଟେଲ ରୁମ ପାଖକୁ ଡକାଇ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ଏନେଇ ସେ ଆଣ୍ଟି ରାଗିଙ୍ଗ ସେଲ ଏବଂ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ ଓ ଚିଫ ୱାର୍ଡେନକୁ ମେଲ କରି ଅଭିଯୋଗ କରିଛନ୍ତି। ଏ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଆଜି ସନ୍ଧ୍ୟାରେ ଅଭିଯୋଗ ନେଇ କର୍ତ୍ତୃପକ୍ଷ ବୈଠକ କରିବେ ବୋଲି ସୂଚନା ମିଳିଛି।

# ଓଡ଼ିଶାର ଋଣବୋଝ ଦେଢ଼ ଲକ୍ଷ କୋଟି ଟଙ୍କାମୁହାଁ



ଭୁବନେଶ୍ୱର,୨୯।୯: ଓଡ଼ିଶାର ଋଣ ବୋଝ ଯେପରି ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି, ସେଥିରୁ ରାଜ୍ୟର ଋଣ ପରିମାଣ ଖୁବ୍‌ଶୀଘ୍ର ଦେଢ଼ ଲକ୍ଷ କୋଟି ଟଙ୍କାକୁ ଟପିବା ଆଶଙ୍କା କରାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ୧୯୯୫-୯୬ ବେଳକୁ ଓଡ଼ିଶାର ଋଣ ଭାର ୯୨୧୮ କୋଟି ୫୦ ଲକ୍ଷ ଟଙ୍କା ଥିବା ବେଳେ ୨୦୦୦-୦୧ ବର୍ଷ ବେଳକୁ ତାହା ୨୧୦୦୧ କୋଟି ୮୮ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ତେବେ ୨୦୧୩-୧୪ ବେଳକୁ ଏହି ଋଣବୋ ବଢ଼ି ବଢ଼ି ୩୭,୫୭୦ କୋଟି ୮୯ଲକ୍ଷ ଟଙ୍କା ହୋଇଥିଲା।

ସରକାରୀ ତଥ୍ୟ ମୁତାବକ, ଯେଉଁ ହାରରେ ଋଣବୋଝ ବଢ଼ି ଚାଲୁଛି ତଦନୁଯାୟୀ ଚଳିତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ୨୦୨୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଓଡ଼ିଶାର ଋଣବୋଝ ୧,୪୮,୧୮୭ କୋଟି ୮୨ ଲକ୍ଷ ଟଙ୍କାରେ ପହଞ୍ଚିବ। ଏହି ଆକଳନ ଅର୍ଥ ବିଭାଗ କରିଛି। ଉକ୍ତ ଧାରା ଅବ୍ୟାହତ ରହିଲେ ୨୦୨୭ ଜୁନ୍ ମାସ ବେଳକୁ ଓଡ଼ିଶାର ଋଣବୋଝ ଦେଢ଼ ଲକ୍ଷ କୋଟି ଟଙ୍କାକୁ ଟପିପାରେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏହା ରୋକାନଗଲେ ୨୦୩୬ ବେଳକୁ ଓଡ଼ିଶାର ଋଣବୋଝ ଅଢ଼େଇ ଲକ୍ଷ କୋଟି ଟଙ୍କାକୁ ଟପିଯିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ।

ରାଜ୍ୟ ସରକାରଙ୍କ ଉକ୍ତି ହେଉଛି ଯେ ଏଫ୍‌ଆରବିଏମ୍ ଆଇନ୍‌ାନୁଯାୟୀ ରାଜ୍ୟର ସାମଗ୍ରୀ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ ଋଣବୋଝ ନିୟନ୍ତ୍ରଣ ଭିତରେ ରହୁଛି। ୨୦୦୫-୦୬ ବର୍ଷରୁ ଓଡ଼ିଶା ନିଜକୁ ରାଜସ୍ୱ ବଳକା ରାଜ୍ୟ ଭାବେ ଦାବି କରିଆସୁଛି। ଏହା ସତ୍ତ୍ୱେ ବର୍ଷକୁ ବର୍ଷ କିନ୍ତୁ ଋଣବୋଝ ବଢ଼ି ବଢ଼ି ଚାଲିଛି। ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ୪୬,୮୨୦ କୋଟି ୯୩ ଲକ୍ଷ ଟଙ୍କା ଋଣ କରିଥିବା ବେଳେ ଏହି ବର୍ଷରେ ଋଣ ପରିଶୋଧ କରିଥିଲେ ୩୯,୯୪୩ କୋଟି ୫୪ ଲକ୍ଷ ଟଙ୍କା। ଅର୍ଥାତ୍ ଉକ୍ତ ବର୍ଷରେ ଋଣ ପରିମାଣ ମୋଟାମୋଟି ଭାବେ ୧୬,୮୭୭ କୋଟି ୩୯ ଲକ୍ଷ ଟଙ୍କା ବଢ଼ିଥିଲା। ସେହିପରି ୨୦୨୫-୨୬ ବର୍ଷରେ ଓଡ଼ିଶା ସରକାର ୩୧,୪୫୫ କୋଟି ଟଙ୍କାର ଋଣ କରିଥିବା ବେଳେ ଶୁଝିଥିଲେ ୨୧,୭୪୮ କୋଟି ୯୦ ଲକ୍ଷ ଟଙ୍କା। ମୋଟାମୋଟି ଭାବେ ଗତ ଆର୍ଥିକ ବର୍ଷରେ ଋଣବୋଝ ୯,୭୦୬ କୋଟି ୧୦ ଲକ୍ଷ ଟଙ୍କା ବଢ଼ିଥିଲା।

ସଦ୍ୟ ସମାପ୍ତ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ କାଳରେ ଖୋଦ୍ ମୁଖ୍ୟମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ତଦନୁଯାୟୀ ୨୦୨୬-୨୭ ଆର୍ଥିକ ବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ସରକାର ୧୧,୦୭୭ କୋଟି ୭୯ ଲକ୍ଷ ଟଙ୍କାର ଋଣ କରିଥିବାବେଳେ ୬,୮୭୩ କୋଟି ୫ ଲକ୍ଷ ଟଙ୍କା ଶୁଝିଛନ୍ତି। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଋଣବୋଝ ୪,୨୦୪ କୋଟି ୭୪ ଲକ୍ଷ ଟଙ୍କା ବଢ଼ିଛି। ରାଜ୍ୟ ସରକାର ସର୍ବାଧିକ ଋଣ ଉଠାଉଛନ୍ତି ଖୋଲା ବଜାରରୁ। ୨୦୨୪-୨୫ ବର୍ଷରେ ଖୋଲା ବଜାରରୁ ୨୦,୭୮୦ କୋଟି ଟଙ୍କା ଋଣ ଉଠାଇଥିବା ବେଳେ ୨୦୨୫-୨୬ ବର୍ଷରେ ୧୧ ହଜାର କୋଟି ଟଙ୍କା ଆଣିଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ଖୋଲା ବଜାରରୁ ବି ୫ ହଜାର କୋଟି ଟଙ୍କା ଋଣ ଉଠାଯାଇଛି।

ରାଜ୍ୟ ବଜେଟ୍‌ର ଆୟ ତାଲିକାରେ ଋଣ ଏକ ପ୍ରମୁଖ ସ୍ଥାନରେ ରହୁଛି। ରାଜ୍ୟରେ ମୁଣ୍ଡ ପିଛା ହାରାହାରି ଆୟ ବୃଦ୍ଧି ପାଉଥିବା ଦାବି କରାଯାଉଥିବା ବେଳେ ଧନୀ-ଗରିବଙ୍କ ମଧ୍ୟରେ ତାରତମ୍ୟ କିନ୍ତୁ ବହୁ ପରିମାଣରେ ରହୁଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡ ପିଛା ହାରାହାରି ଋଣ ପରିମାଣ ୩୧,୪୪୪ ଟଙ୍କା ୫୯ ପଇସା ହେବ ବୋଲି ଆକଳନ କରାଯାଇଛି। ଦେଶର ଋଣ ବୋଝ ୨୦୦ ଲକ୍ଷ କୋଟି ଟଙ୍କାକୁ ଟପିସାରିଥିବା ବେଳେ ରାଜ୍ୟର ଋଣବୋଝ ଦେଢ଼ ଲକ୍ଷ କୋଟି ଟଙ୍କା ଆଡ଼କୁ ମୁହାଁଇବା ଅର୍ଥନୀତି ପ୍ରତି ଆହ୍ୱାନ ସୃଷ୍ଟି କରିଥିବା ପରିପ୍ରେକ୍ଷୀରେ ମିତବ୍ୟୟିତା ସହ ଖର୍ଚ୍ଚକାଟ ଏବଂ ରାଜ୍ୟ ଓ ଲୋକଙ୍କ ରୋଜଗାର ବୃଦ୍ଧି ଉପରେ ଅର୍ଥନୀତି ବିଶେଷଜ୍ଞମାନେ ଗୁରୁତ୍ୱାରୋପ କରୁଛନ୍ତି। (ତଥ୍ୟ)

জীবন অমৃত অনুচিন্তা

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ


SANCHAR
ସଂଚାର

ବୁଧବାର ୩୦ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Wednesday 30 September 2026, Bhubaneswar




# ନିଜ କର୍ମର ଫଳ



ଇନଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ୍ ଆଣ୍ଡ୍ ପିସ୍ (ଆଇଇପି) ଦ୍ୱାରା ପ୍ରକାଶିତ ଗ୍ଲୋବାଲ୍ ଟେରୋରିଜିମ୍ ଇଣ୍ଡେକ୍ସ ୨୦୨୬ ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ଉନ୍ମୋଚନ କରିଛି। ପ୍ରଥମ ଥର ପାଇଁ ପାକିସ୍ତାନ ବିଶ୍ୱର ସବୁଠାରୁ ଅଧିକ ଆତଙ୍କବାଦ ପ୍ରଭାବିତ ଦେଶ ଭାବେ ଶୀର୍ଷସ୍ଥାନରେ ରହିଛି। ୮.୫୭୪ ସ୍କୋର୍ ସହିତ ଏହା ବୁର୍କିନା ଫାସୋକୁ ପଛରେ ପକାଇ ଦେଇଛି। ୨୦୨୫ ମସିହାରେ ପାକିସ୍ତାନରେ ୧,୦୪୫ଟି ଆତଙ୍କବାଦୀ ଘଟଣା ଘଟିଥିଲା ଏବଂ ୧,୧୩୯ ଜଣଙ୍କର ମୃତ୍ୟୁ ହୋଇଥିଲା, ଯାହା ୨୦୧୩ ପରଠାରୁ ସର୍ବାଧିକ। ଏହା ଷଷ୍ଠ କ୍ରମାଗତ ବର୍ଷ ଯେଉଁଥିରେ ଦେଶରେ ଆତଙ୍କବାଦ ଜନିତ ମୃତ୍ୟୁ ବୃଦ୍ଧି ପାଇଛି।

ବିଶ୍ୱବ୍ୟାପୀ ଆତଙ୍କବାଦ ହ୍ରାସ ପାଉଥିବା ବେଳେ ପାକିସ୍ତାନର ପରିସ୍ଥିତି ବିପରୀତ। ବିଶ୍ୱରେ ଆତଙ୍କବାଦ ଯୋଗୁଁ ମୃତ୍ୟୁ ୨୮ ପ୍ରତିଶତ ହ୍ରାସ ପାଇ ୫,୫୮୨ରେ ପହଞ୍ଚିଛି, ଯାହା ୨୦୦୭ ପରଠାରୁ ସର୍ବନିମ୍ନ। କିନ୍ତୁ ପାକିସ୍ତାନରେ ଏହା ବୃଦ୍ଧି ପାଇଛି। ତେହରିକ୍-ଏ-ତାଲିବାନ୍ ପାକିସ୍ତାନ୍ (ଟିଟିପି) ଦେଶର ସବୁଠାରୁ ଘାତକ ଗୋଷ୍ଠୀ ଭାବେ ଉଭା ହୋଇଛି। ଏହା ୨୦୨୫ରେ ୫୯୫ଟି ଆକ୍ରମଣ କରି ୬୩୭ ଜଣଙ୍କୁ ହତ୍ୟା କରିଥିଲା, ଯାହା ମୋଟ ମୃତ୍ୟୁର ୫୬ ପ୍ରତିଶତ। ବଲୋଚିସ୍ତାନ୍ ଲିବରେସନ୍ ଆର୍ମି (ବିଏଲଏ) ମଧ୍ୟ ସକ୍ରିୟ ରହିଛି। ଖାଇବର୍ ପଖ୍ତୁନଖ୍ୱା ଓ ବଲୋଚିସ୍ତାନରେ ଅଧିକାଂଶ ଆକ୍ରମଣ ହୋଇଛି। ଏହି ପରିସ୍ଥିତି ଆକସ୍ମିକ ନୁହେଁ। ପାକିସ୍ତାନ ଦୀର୍ଘଦିନ ଧରି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପୋଷଣ କରି ଆସିଛି। ଆଫଗାନିସ୍ତାନରେ ତାଲିବାନ୍‌ର ପୁନରାବୃତ୍ତି ପରେ ଟିଟିପି ଆଉ ଅଧିକ ଶକ୍ତିଶାଳୀ ହୋଇଛି। ସୀମାନ୍ତ ଅଞ୍ଚଳରେ ଅସ୍ଥିରତା, ଅସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏହାକୁ ଆହୁରି ଖରାପ କରିଛି। ପାକିସ୍ତାନ ନିଜେ ଯେଉଁ 'ସାପ'କୁ ପୋଷିଥିଲା, ସେ ଆଜି ନିଜକୁ ଡଙ୍କ ମାରୁଛି। ବହୁ ବର୍ଷ ଧରି ଏହି ଦେଶ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକୁ, ବିଶେଷକରି ଭାରତକୁ ଆତଙ୍କବାଦ ରପ୍ତାନି କରିଆସିଛି। ଏବେ ସେହି ଆତଙ୍କ ନିଜ ଘର ଭିତରେ ଫେରି ଆସିଛି।

ଭାରତର ସ୍ଥିତି ଏଥିରୁ ଭିନ୍ନ। ଭାରତ ୧୩ତମ ସ୍ଥାନରେ ରହିଛି ଏବଂ ଆତଙ୍କବାଦର ପ୍ରଭାବ କ୍ରମଶଃ ହ୍ରାସ ପାଉଛି। ବିଶ୍ୱ ଜନସଂଖ୍ୟାର ପ୍ରାୟ ୧୭.୫ ପ୍ରତିଶତ ଥିବା ସତ୍ତ୍ୱେ ଭାରତ ବିଶ୍ୱ ଆତଙ୍କବାଦ ମୃତ୍ୟୁର ମାତ୍ର ୨ ପ୍ରତିଶତ ଅଂଶ ଗ୍ରହଣ କରୁଛି। ଏହା ନିରାପତ୍ତା ବ୍ୟବସ୍ଥା, ସୁଚିନ୍ତିତ ନୀତି ଓ ଜନସାଧାରଣଙ୍କ ସହଯୋଗର ଫଳ। ପାକିସ୍ତାନର ଦୁର୍ଦ୍ଦଶା ଦେଖାଏ ଯେ ଆତଙ୍କବାଦକୁ ରାଜନୀତିର ଅସ୍ତ୍ର ଭାବେ ବ୍ୟବହାର କଲେ ଶେଷରେ ନିଜେ ତା'ର ଶିକାର ହୁଏ।

ଏହି ରିପୋର୍ଟ କେବଳ ପରିସଂଖ୍ୟାନ ନୁହେଁ; ଏହା ଏକ ଚେତାବନୀ। ପାକିସ୍ତାନ ଯଦି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପ୍ରକୃତରେ ଦମନ ନ କରେ, ସୀମାନ୍ତ ନିୟନ୍ତ୍ରଣ ଶକ୍ତିଶାଳୀ ନ କରେ ଏବଂ ଗଣତାନ୍ତ୍ରିକ ପ୍ରତିଷ୍ଠାନକୁ ଦୁର୍ବଳ ନ କରେ, ତେବେ ପରିସ୍ଥିତି ଆହୁରି ଖରାପ ହେବ। ଆନ୍ତର୍ଜାତିକ ସମ୍ପ୍ରଦାୟ, ବିଶେଷକରି ଯେଉଁ ଦେଶଗୁଡ଼ିକ ପାକିସ୍ତାନକୁ ସହାୟତା ଦିଅନ୍ତି, ସେମାନେ ଏହି ବାସ୍ତବତାକୁ ଅଣଦେଖା କରିପାରିବେ ନାହିଁ। ଆତଙ୍କବାଦ କୌଣସି ଦେଶର ସୀମା ମାନେ ନାହିଁ। ପାକିସ୍ତାନର ଆଭ୍ୟନ୍ତରୀଣ ଅସ୍ଥିରତା ସମଗ୍ର ଦକ୍ଷିଣ ଏସିଆ ପାଇଁ ବିପଦ ସୃଷ୍ଟି କରେ। ଶାନ୍ତି ପାଇଁ କେବଳ କଥା ନୁହେଁ, କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ପାକିସ୍ତାନ ଯଦି ଆତଙ୍କବାଦକୁ ନିଜ ରାଜନୀତିର ଅଂଶ ଭାବେ ରଖିବ, ତେବେ ଏହି ଇଣ୍ଡେକ୍ସରେ ତା'ର ସ୍ଥାନ ଆହୁରି ଉପରକୁ ଯିବ। ବିଶ୍ୱ ସମୁଦାୟ ଏବେ ନିଷ୍କପ ଭାବେ ଦେଖୁଛି - ଯେଉଁ ଦେଶ ଆତଙ୍କବାଦକୁ ପୋଷେ, ସେ ନିଜେ ତା'ର ବଳି ହୁଏ। ଏହା ଏକ ଇତିହାସର ପାଠ। ପାକିସ୍ତାନ ଯଦି ଶିଖିବ ନାହିଁ, ତେବେ ତା'ର ଭବିଷ୍ୟତ ଆହୁରି ଅନ୍ଧକାରମୟ ହେବ।

# ଶାକାହାର ଓ ନିରାମିଷ ଖାଦ୍ୟ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଜିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ।

ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡ଼ା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ।

ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ'।

**ପ୍ରତିରତ୍ୱିକ, କଟକ, ମୋବାଇଲ୍:୯୪୩୭୦୫୧୯୫୭**

# ଅକ୍ଟୋବର ଦୁଆରେ ସ୍ପନ୍ଦନ

ଦଶରଥି ଶତପଥୀ





ଅକ୍ଟୋବର ଆସେ ଏକ ଅଲଗା ସ୍ପନ୍ଦନ ନେଇ। ଏହା କେବଳ ଏକ ମାସ ନୁହେଁ, ଏହା ଏକ ଅନୁଭବ। ବର୍ଷା ଶେଷ ହୋଇ ଶରତ ଆକାଶରେ ସଫା ମେଘ ଭାସେ, କାଶତଣ୍ଡୀ ଫୁଲ ପବନରେ ଦୋହଲେ, ସକାଳର ପବନରେ ହାଲକା ଥଣ୍ଡା ଥାଏ ଓ ସନ୍ଧ୍ୟାରେ ଢାକର ଶବ୍ଦ ଭାସି ଆସେ। ଓଡ଼ିଶା ପାଇଁ ଅକ୍ଟୋବର ହେଉଛି ପର୍ବର ମାସ, ସାଧନାର ମାସ ଓ ସ୍ମୃତିର ମାସ। ଅକ୍ଟୋବର ଦୁଆରେ ପହଞ୍ଚିଲେ ପ୍ରଥମେ ମନେ ପଡ଼େ ଦୁଇ ମହାନ ଆତ୍ମାଙ୍କ କଥା। ଅକ୍ଟୋବର ଦୁଇ ତାରିଖ, ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ। ଜଣେ ଆମକୁ ଅହିଂସା ଶିଖାଇଲେ, ଅନ୍ୟ ଜଣେ ଜୟ ଜୱାନ ଜୟ କିଷାନ ଶିଖାଇଲେ। ଏହି ଦୁଇ ମନ୍ତ୍ର ଆଜି ବି ଭାରତକୁ ବଞ୍ଚାଇ ରଖିଛି। ଗାନ୍ଧିଜୀଙ୍କ ଖଦୀ ଓ ଶାସ୍ତ୍ରୀଜୀଙ୍କ ସାଦା ଜୀବନ ଆମକୁ ମନେ ପକାଏ ଯେ ବଡ଼ ମଣିଷ ହେବା ପାଇଁ ବଡ଼ ପଦ ଦରକାର ନାହିଁ, ବଡ଼ ହୃଦୟ ଦରକାର। ଅକ୍ଟୋବର ସେହି ହୃଦୟର କଥା କହେ।

ତା'ପରେ ଆସେ ଶାରଦୀୟ ଦୁର୍ଗା ପୂଜା। ଓଡ଼ିଶାର ପ୍ରତି ଗାଁ, ପ୍ରତି ସାହିରେ ଢାକ ବାଜେ, ଧୂପର ବାସ୍ନା ଭାସେ। ମା' ଦୁର୍ଗା ଆସନ୍ତି ମହିଷାସୁରକୁ ମାରି ଧର୍ମକୁ ରକ୍ଷା କରିବାକୁ। ଏହି ପୂଜା କେବଳ ମୂର୍ତ୍ତି ପୂଜା ନୁହେଁ, ଏହା ନାରୀ ଶକ୍ତିର ପୂଜା। ଯେଉଁ ସମାଜ ନାରୀକୁ ସମ୍ମାନ ଦିଏ, ସେ ସମାଜ ଆଗକୁ ଯାଏ। ଅକ୍ଟୋବରର ଏହି ସ୍ପନ୍ଦନ ଆମକୁ କହେ, ପ୍ରତ୍ୟେକ ଘରେ ଯେଉଁ ମା', ଭଉଣୀ, ଝିଅ ଅଛି, ସେ ହିଁ ଦୁର୍ଗା। ତାକୁ ସମ୍ମାନ ଦିଅ। କଟକର ଚାନ୍ଦି ମେଢ଼, ଭୁବନେଶ୍ୱରର ପୂଜା ମଣ୍ଡପ, ଗାଁର ଛୋଟ ମେଢ଼ - ସବୁଠି ଏକା ସ୍ପନ୍ଦନ, ମା' ଆସିଛି। ଏହି ଆସିବା ଆମ ମନରୁ ଭୟ, ଅହଙ୍କାର ରୂପକ ମହିଷାସୁରକୁ ମାରେ।

ଅକ୍ଟୋବରର ଆଉ ଏକ ସ୍ପନ୍ଦନ ହେଉଛି ଧାନ କ୍ଷେତର ସ୍ପନ୍ଦନ। ବର୍ଷାରେ ଭିଜି କୃଷକ ଯେଉଁ ଧାନ ଲଗାଇଥିଲା, ଅକ୍ଟୋବରରେ ସେ ସୁନା ହୋଇ ଝୁଲେ। ଖଳାରେ ନୂଆ ଧାନର ବାସ୍ନା। ଏହା ହେଉଛି ଓଡ଼ିଶାର ପ୍ରକୃତ ଲକ୍ଷ୍ମୀ ପୂଜା। ମା' ଲକ୍ଷ୍ମୀ କେଉଁଠି ଅଛନ୍ତି? ସେ ଅଛନ୍ତି କୃଷକର ଝାଳରେ, ଧାନ କ୍ଷେତର ହସରେ। ଅକ୍ଟୋବର ଆମକୁ ମନେ ପକାଏ, ଅନ୍ନ ହିଁ ବ୍ରହ୍ମ। ଯିଏ ଅନ୍ନ ଫଳାଏ, ସେ ହିଁ ଭଗବାନ। ତେଣୁ ଏ ମାସରେ ଆମେ କୁମାର ପୂର୍ଣ୍ଣିମା ପାଳୁ, ଯେଉଁଠି କୁମାରୀମାନେ ସୁନ୍ଦର ଜୀବନ ପାଇଁ ପ୍ରାର୍ଥନା କରନ୍ତି। ଏହା କେବଳ ପର୍ବ ନୁହେଁ, ଏହା ଜୀବନର ସ୍ପନ୍ଦନ। ଅକ୍ଟୋବର ଆଉ ଏକ କଥା କହେ - ବିଜୟର କଥା। ଦଶହରା, ବିଜୟା ଦଶମୀ। ରାମ ରାବଣକୁ ଜିତିଲେ, ଧର୍ମ ଅଧର୍ମକୁ ଜିତିଲା। ଆଜି ଆମ ଜୀବନରେ ମଧ୍ୟ ରାବଣ ଅଛି - ଲୋଭ, ମୋହ, କ୍ରୋଧ, ଅହଙ୍କାର। ଅକ୍ଟୋବରର ସ୍ପନ୍ଦନ କହେ, ସେହି ରାବଣକୁ ମାର। ବାହାର ରାବଣକୁ ମାରିବା ସହଜ, ଭିତର ରାବଣକୁ ମାରିବା କଠିନ। ଯିଏ ନିଜ ଭିତର ରାବଣକୁ ମାରିପାରେ, ସେ ହିଁ ପ୍ରକୃତ ବିଜୟୀ। ମୋ ପାଇଁ ଅକ୍ଟୋବରର ସ୍ପନ୍ଦନ ଆହୁରି ବ୍ୟକ୍ତିଗତ। ପ୍ରଶାସନରେ ଥିଲା ବେଳେ ଅକ୍ଟୋବର ମାସରେ ବନ୍ୟା ପରେ ପୁନରୁଦ୍ଧାର କାମ ଚାଲେ। ଲୋକଙ୍କ ଘର ଭାଙ୍ଗିଥାଏ, କିନ୍ତୁ ମନ ଭାଙ୍ଗି ନ ଥାଏ। ସେମାନେ ପୁଣି ଘର ତିଆରି କରନ୍ତି, ପୁଣି ପୂଜା କରନ୍ତି। ଏହି ଅଦମ୍ୟ ସାହସ ହିଁ ଓଡ଼ିଶାର ସ୍ପନ୍ଦନ। ବିଧାନ ସଭାରେ ମଧ୍ୟ ଅକ୍ଟୋବରରେ ଶରତ ଅଧିବେଶନ ଆରମ୍ଭ ହୁଏ। ନୂଆ ଆଶା, ନୂଆ ଯୋଜନା। ଏହି ସ୍ପନ୍ଦନ କହେ, ଜୀବନ ଅଟକେ ନାହିଁ, ଆଗକୁ ଯାଏ।

ଆଜି ଅକ୍ଟୋବର ଦୁଆରେ ଛିଡ଼ା ହୋଇ ଭାବୁଛି, ଆମେ କଣ ହରାଉଛୁ? ଆମେ ପର୍ବକୁ ଛୁଟି କରି ଦେଇଛୁ, ଅନୁଭବ କରୁ ନାହୁଁ। ଦୁର୍ଗା ପୂଜାରେ ମୂର୍ତ୍ତି ଦେଖୁଛୁ, ମା'ର ମତା ଦେଖୁ ନାହୁଁ। ଗାନ୍ଧୀ ଜୟନ୍ତୀରେ ଛୁଟି ନେଉଛୁ, ଗାନ୍ଧୀଙ୍କ ସତ୍ୟ ବୁଝୁ ନାହୁଁ। ସ୍ପନ୍ଦନ ଏବେ ବି ଅଛି, କିନ୍ତୁ ଆମେ ଶୁଣୁ ନାହୁଁ। କାନରେ ଇୟରଫୋନ ଅଛି, ମନରେ ବ୍ୟସ୍ତତା ଅଛି। ଅକ୍ଟୋବରର ଥଣ୍ଡା ପବନକୁ ଅନୁଭବ କରିବାକୁ ସମୟ ନାହିଁ। ତେଣୁ ଏ ଅକ୍ଟୋବରରେ ଆସନ୍ତୁ ଟିକେ ଅଟକିବା। ସକାଳେ ଛାତ ଉପରେ ଠିଆ ହୋଇ ଶରତ ଆକାଶ ଦେଖିବା। ସନ୍ଧ୍ୟାରେ ପିଲାଙ୍କ ସହ ପୂଜା ମଣ୍ଡପକୁ ଯିବା। ମା'କୁ ପ୍ରଣାମ କରିବା ସମୟରେ ନିଜ ଘରର ମା'କୁ ମନେ ପକାଇବା। ଗାନ୍ଧିଜୀଙ୍କ ଫଟୋ ସାମ୍ନାରେ ପାଞ୍ଚ ମିନିଟ୍ ଚୁପ ବସିବା ଓ ଭାବିବା - ମୁଁ ଆଜି କାହା ସହ ଅହିଂସା କରିଛି? ଧାନ କ୍ଷେତ ଆଡ଼କୁ ଯାଇ କୃଷକ ଭାଇକୁ ନମସ୍କାର କରିବା। ଏହି ଛୋଟ ଛୋଟ କାମ ହିଁ ଅକ୍ଟୋବରର ସ୍ପନ୍ଦନକୁ ହୃଦୟରେ ଜଗାଇବ।

ଅକ୍ଟୋବର ଚାଲିଯିବ, ନଭେମ୍ବର ଆସିବ, ଶୀତ ଆସିବ। କିନ୍ତୁ ଯଦି ଏହି ସ୍ପନ୍ଦନକୁ ଆମେ ହୃଦୟରେ ରଖି ପାରିବା, ତେବେ ସାରା ବର୍ଷ ଶରତ ହୋଇ ରହିବ। ଜୀବନରେ ପର୍ବ ଥିବ, ଆଶା ଥିବ, ବିଜୟ ଥିବ। ଅକ୍ଟୋବର ଆମକୁ ସେହି ଆଶାର ସ୍ପନ୍ଦନ ଦେଇ ଯାଏ। ତାକୁ ଧରି ରଖିବା।

**ପ୍ରାକ୍ତନ ସଚିବ, ଓଡ଼ିଶା ବିଧାନସଭା**
**ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଓ ଅଧିବକ୍ତା**
**ଓଡ଼ିଶା ଉଚ୍ଚନ୍ୟାୟାଳୟ**

# ଭାରତୀୟ ବିପ୍ଳବର ଅନିର୍ବାଣ ଶିଖା: ଭଗତ ସିଂ

ଶ୍ରୀବତ୍ସ ନାୟକ





ଭଗତ ସିଂହ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ,ସେ ଥିଲେ ଭାରତୀୟ ମୁକ୍ତି ସଂଗ୍ରାମର ସେହି ଅନିର୍ବାଣ ଶିଖା,ଯାହାର ପ୍ରଖର ଜ୍ୱାଳାରେ ବ୍ରିଟିଶ ସାମ୍ରାଜ୍ୟବାଦର ମୂଳଦୁଆ ଦୋହଲିଯାଇଥିଲା । ମାତ୍ର ୨୩ ବର୍ଷ ବୟସରେ ଯେତେବେଳେ ଜଣେ ଯୁବକ ହସିହସି ଫାଶୀ ଖୁଣ୍ଟକୁ ଆଲିଙ୍ଗନ କରେ, ସେତେବେଳେ ସେ କେବଳ ଏକ ବ୍ୟକ୍ତି ହୋଇ ରହେନାହିଁ, ସେ ଏକ 'ବିଚାରଧାରା'ରେ ପରିଣତ ହୁଏ । ତାଙ୍କ କଣ୍ଠରୁ ନିର୍ଗତ "ଇନକ୍ୟୁଲାବ ଜିନ୍ଦାବାଦ" ଧ୍ୱନି ପରାଧୀନ ଭାରତର ସୁପ୍ତ ଚେତନାକୁ ଜାଗ୍ରତ କରିଥିଲା। ସେ କହିଥିଲେ, "ସେମାନେ ମୋତେ ହତ୍ୟା କରିପାରନ୍ତି, କିନ୍ତୁ ମୋର ବିଚାରଧାରାକୁ ନୁହେଁ" ଆଜି ବି ଭାରତର ଆକାଶରେ ସେହି ଅନିର୍ବାଣ ଶିଖା ଦେଶପ୍ରେମର ଆଲୋକ ବିଚ୍ଛୁରିତ କରୁଛି, ଯାହା ଯୁବପିଢ଼ିଙ୍କୁ ନିର୍ଭୀକତା ଏବଂ ଦେଶପ୍ରେମର ପାଠ ପଢ଼ାଉଛି। ତାଙ୍କର ସେହି ଅତୁଳନୀୟ ବଳିଦାନ ହିଁ ତାଙ୍କୁ 'ଶହୀଦ-ଏ-ଆଜମ୍'ର ଗୌରବରେ ଭୂଷିତ କରିଛି।

୧୯୦୭ ମସିହା ପଞ୍ଜାବର ଏକ ଶିଖ ପରିବାରରେ ଜନ୍ମ ଗ୍ରହଣ କରିଥିବା ଭଗତ ସିଂଙ୍କ ପିତା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିବାରୁ ପିଲାଦିନୁ ଭଗତ ସିଂ ସ୍ୱାଧୀନତା ସଂଗ୍ରାମ ବିଷୟରେ ବେଶ୍ ଭଲ ଭାବରେ ଅବଗତ ଥିଲେ। ମହାତ୍ମା ଗାନ୍ଧୀ ଯେତେବେଳେ ବ୍ରିଟିଶ ସରକାରଙ୍କର ସମସ୍ତ ସଂସ୍ଥା ଗୁଡିକୁ ପରିତ୍ୟାଗ କରିବାକୁ କହିଥିଲେ ସେତେବେଳେ ଭଗତ ସିଂ ତାଙ୍କର ଅଧ୍ୟୟନରତ ବିଦ୍ୟାଳୟ (ନ୍ୟାସନାଲ କଲେଜ ଅଫ୍ ଲାହୋର) ପରିତ୍ୟାଗ କରିଥିଲେ। ସୁତରାଂ ଭଗତ ସିଂ ମାତ୍ର 13 ବର୍ଷ ବୟସରୁ ପାଠପଢ଼ା ଛାଡି ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ।ଜେନେରାଲ ଡାୟର, ଜାଲିଆନାୱାଲାବାଗରେ ସାଧାରଣ ଜନତାଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ । ଏଥିରେ ପ୍ରାୟ ୩୭୯ରୁ ୧୬୦୦ ଲୋକ ସହିଦ ହୋଇଥିଲେ। ଏହାକୁ ଦେଖିବା ପାଇଁ ଭଗତ ସିଂ ୪୦ କିଲୋମିଟର ଚାଲି ଚାଲି ଆସିଥିଲେ ।

ଜାଲିଆନାୱାଲାବାଗ ଗଣହତ୍ୟାର କୁଢକୁଢ ଶବ ଦେଖି ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ସେହି ମାଟିରେ ସହିଦ ହୋଇଥିବା ଲୋକଙ୍କ ରକ୍ତ ମିଶା ମାଟି ଆଣି ସେ ନିଜ ପାଖରେ ରଖିଥିଲେ । ସେବେଠୁ ଦେଶ ସ୍ୱାଧୀନତାର ପାଗଳମୀ ଓ ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ପ୍ରତିଶୋଧ ତାଙ୍କ ମନରେ ଘର କରିନେଇଥିଲେ। ସେହି ଦିନରୁ ଭଗତ ସିଂ ଆରମ୍ଭ କରିଥିଲେ ଇଂରେଜମାନଙ୍କଠୁ ପ୍ରତିଶୋଧ ନେବାର ବାଟ। ଦେଶକୁ ସ୍ୱାଧୀନତା ଦେବା ପାଇଁ ସ୍ୱପ୍ନ ଦେଖୁଥିବା ଭଗତ ସିଂଙ୍କ ବିବାହ ପାଇଁ ତାଙ୍କ ମା କହିବାରୁ ଭଗତ ସିଂ କହିଥିଲେ, "ଏବେ ସ୍ୱାଧୀନତା ହିଁ ମୋର ସ୍ତ୍ରୀ ହେବ।" ଏହା କହି ସେ ଘର ଛାଡ଼ି ଚାଲିଯାଇଥିଲେ।

୧୯୨୦ ମସିହାରେ ଗାନ୍ଧିଜୀ ଆରମ୍ଭ କରିଥିବା ଅସହଯୋଗ ଆନ୍ଦୋଳନ ସେତେବେଳେ ବହୁତ ପ୍ରଭାବଶାଳୀ ଥିଲା। ଭଗତ ସିଂ ୧୪ ବର୍ଷ ବୟସରେ ସେତେବେଳେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ଅସହଯୋଗ ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀ ଚୌରିଚୌରାଠାରେ ପୋଲିସଥାନା ପୋଡ଼ି ଦେଇଥିଲେ। ଏଥିରେ ଗାନ୍ଧିଜୀ ରାଗିଯାଇ ଅସହଯୋଗ ଆନ୍ଦୋଳନକୁ ବନ୍ଦ କରିଦେଇଥିଲେ। ଏହା ବନ୍ଦ ହେବା ଫଳରେ ଦୁଇଟି ଗୋଷ୍ଠୀ ହୋଇଯାଇଥିଲା। ଗୋଟେ ଚରମପନ୍ଥୀ ଓ ଅନ୍ୟଟି ନରମପନ୍ଥୀ ଗୋଷ୍ଠୀ। ଚରମପନ୍ଥୀ ଗୋଷ୍ଠୀର ଲୋକମାନେ ହିଂସା ଉପାୟରେ ସ୍ୱାଧୀନତା ଆଣିବାକୁ ଚାହୁଁଥିବା ବେଳେ ନରମପନ୍ଥୀ ଗୋଷ୍ଠୀ ଶାନ୍ତିପୂର୍ଣ୍ଣ ଭାବେ ସ୍ୱାଧୀନତା ଆଣିବାକୁ ଚାହୁଁଥିଲେ।

୧୯୨୨ର ଏହି ଚୌରିଚୋରା ଘଟଣା ପରବର୍ତ୍ତୀ ଗାନ୍ଧୀଙ୍କ ନିଷ୍ପତ୍ତି,ଭଗତଙ୍କୁ ନିରାଶ କରିଥିଲା ଫଳରେ ଭଗତ ସିଂ ସମୟାନୁକ୍ରମେ ଗାନ୍ଧିଜୀଙ୍କର ଅହିଂସା ନୀତିରୁ ଓହରିଯାଇ ହିଂସା ଓ ବନ୍ଧୁକ ମୁନରେ କେବଳ ସ୍ୱାଧୀନତା ମିଳିବ ବୋଲି ବିଶ୍ୱାସ କରିଥିଲେ। ସେ ନବଯୌବନ ଭାରତ ସଭା ନାମରେ ଏକ ସଂସ୍ଥା ସ୍ଥାପନକରି ଭାରତକୁ ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଆକ୍ରମଣାତ୍ମକ ମନୋଭାବ ଆପଣାଇଥିଲେ।

ଆତଙ୍କବାଦୀ କାର୍ଯ୍ୟକଳାପକୁ ସେ ସଂପୂର୍ଣ୍ଣ ରୂପେ ବିରୋଧ କରୁଥିଲେ। ତେବେ ହିଂସାକୁ ରାଜନୈତିକ ପ୍ରଚାର ଓ ସଂଘର୍ଷର ଏକ ମାଧ୍ୟମ ଭାବେ ବ୍ୟବହାର କରିବା ସପକ୍ଷରେ ସେ ଥିଲେ। ସେ ବିଶ୍ୱାସ କରୁଥିଲେ ଯେ ସମାଜବାଦୀ ଆଦର୍ଶ ଦ୍ୱାରା ପରିଚାଳିତ ହେଲେ ଯାଇ ଭାରତରୁ ଉତ୍କଟ ଦାରିଦ୍ର୍ୟ, କ୍ଷୁଧା, ନିରକ୍ଷରତା, ବେକାରି, ସାମ୍ରାଜ୍ୟବାଦୀ ଅତ୍ୟାଚାର ଓ ଶୋଷଣ ଦୂର ହୋଇପାରିବ।

୧୯୨୯ ମସିହା ଏପ୍ରିଲ ୮ ତାରିଖ। ବ୍ରିଟିଶ ସରକାରଙ୍କର ଦୁଇଟି ଦମନକାରୀ ଆଇନ (PUBLIC SAFETY BILL ଓ TRADE DISPUTE BILL) ପାସ୍ କରିବାକୁ ଚାହୁଁଥିଲେ। ଏହାକୁ ପ୍ରତିବାଦ କରିବା ସହିତ ଲାଲା ଲାଜପତ ରାୟଙ୍କର ମୃତ୍ୟୁର ପ୍ରତିଶୋଧ ନେବାପାଇଁ ଶିବରାମ ରାଜଗୁରୁ, ସୁଖଦେବ ଥାପର ଓ ଚନ୍ଦ୍ରଶେଖର ଆଜାଦଙ୍କ ସହ ମିଶି ଭଗତ ସିଂ ଜନ୍ ପି ସନ୍ଦର୍ଶ ନାମ କ ଏକ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ୍ କୁ ହତ୍ୟା କରିଥିଲେ। ହତ୍ୟାର କିଛି ମାସ ପର୍ଯ୍ୟନ୍ତ ଭଗତ ସିଂ ଅଜ୍ଞାତବାସ ରହିବାପରେ ପୁନଶ୍ଚ ସକ୍ରିୟ ହୋଇ ଉଠିଥିଲେ। କାହାକୁ ହତ୍ୟା କରିବାର ଉଦ୍ଦେଶ୍ୟ ନୁହଁ ବରଂ ବଧିର ବ୍ରିଟିଶ ସରକାରଙ୍କୁ ଜାଗ୍ରତ କରିବାପାଇଁ, 1929 ମସିହାରେ ଦିଲ୍ଲୀର ସଂସଦରେ ବୋମା ପକାଇଥିଲେ। ବୋମା ଫିଙ୍ଗିବା ପରେ ସେ ପଳାଇନଯାଇ ସେଠାରେ ଛିଡ଼ା ହୋଇ ରହିଲେ ଏବଂ "ଇନକ୍ୟୁଲାବ ଜିନ୍ଦାବାଦ" ଧ୍ୱନି ଦେଇ ନିଜକୁ ବ୍ରିଟିଶମାନଙ୍କ ପାଖରେ ଆତ୍ମସମର୍ପଣ କରାଇଥିଲେ। ସେ ଚାହୁଁଥିଲେ ଯେ କୋର୍ଟରେ ବିଚାର ମାଧ୍ୟମରେ ସେମାନଙ୍କର ବାର୍ତ୍ତା ସାରା ଭାରତବାସୀଙ୍କ ପାଖରେ ପହଞ୍ଚୁ । ଗିରଫ ହେବା ପରେ ଭଗତ ସିଂହଙ୍କୁ ଲାହୋର ଜେଲ୍‌କୁ ପଠାଯାଇଥିଲା। ଏତିକିରେ ତାଙ୍କର ସଂଗ୍ରାମ ସରିନଥିଲା। ଜେଲ୍ ଭିତରେ ଭାରତୀୟ କଏଦୀମାନଙ୍କ ସହ ହେଉଥିବା ଅମାନବୀୟ ବ୍ୟବହାର ବିରୋଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରିଥିଲେ। ରାଜନୈତିକ କଏଦୀର ମାନ୍ୟତା ପାଇଁ ସେ ୧୧୬ ଦିନ ଧରି ଭୋକ ଉପାସରେ ହରତାଳ କରିଥିଲେ। ସେ ସମୟରେ ଇଂରେଜମାନେ ତାଙ୍କୁ ଜବରଦସ୍ତି ଖୁଆଇବାକୁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ଜେଲରେ ସେ ଇଂରେଜମାନଙ୍କ ନିଦ ହଜାଇ ଦେଇଥିଲେ। ଏହାକୁ ଦେଖି ତାଙ୍କ ଅନ୍ୟ କଏଦୀଙ୍କଠାରୁ ଅଲଗା କରି ଦିଆଯାଇଥିଲା। ଏହାପରେ ସେଠାରେ ଆମରଣ ଅନଶନ କରିଥିଲେ। ତାଙ୍କର ଏତାଦୃଶ୍ୟ କାର୍ଯ୍ୟ ପାଇଁ ୧୯୩୧ ମାର୍ଚ୍ଚ ୨୪ ତାରିଖରେ ତାଙ୍କୁ ଫାଶୀ ଦଣ୍ଡ ଶୁଣାଇଥିଲେ। ଏହା ଶୁଣି ଭଗତ ସିଂ ସ୍ମିତ ହାସ୍ୟ ଦେଇ ଫାସୀ ନିଷ୍ପତ୍ତିକୁ ସାଦରେ ଗ୍ରହଣ କରିନେଇଥିଲେ।ଜେଲ ଭିତରେ ଥାଇ ମଧ୍ୟ ବ୍ରିଟିଶ ରାଜ ବିରୁଦ୍ଧରେ ସେ ଯେଉଁ ସଂଗ୍ରାମ ଜାରି ରଖିଥିଲେ ସେଥିରେ ବ୍ରିଟିଶମାନଙ୍କ ଭୟଭୀତ ହୋଇପଡିଥିଲେ। ସେମାନେ

ଭଗତ ସିଂଙ୍କ କାର୍ଯ୍ୟକଳାପରେ ଏତେ ଭୟଭୀତ ହୋଇଯାଇଥିଲେ ଯେ ଫାଶୀର ସ୍ଥିରୀକୃତ ସମୟର ୧୧ ଘଣ୍ଟା ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୨୩ ,୧୯୩୧ ସମୟ ୭.୩୦ ସମୟରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ଫାଶୀ ସମୟରେ ତାଙ୍କ ମୁହଁରେ ଭୟର ଚିହ୍ନ ନଥିଲା, ବରଂ ଏକ ଅଦ୍ଭୁତ ଆତ୍ମସନ୍ତୋଷ ଥିଲା। ଫାଶୀ ଖୁଣ୍ଟ ଅଭିମୁଖେ ଯିବା ବେଳେ ଭଗତ ଗାଇବା ଆରମ୍ଭ କରିଥିଲେ- 'ଦିଲ୍ ସେ ନିକ୍‌ଲେଗି ନା ମର୍‌କର୍ ଭି ୱତନ କି ଉଲଫତ୍/ମେରି ମିଟି ସେ ଭି ଖୁସ୍‌ବୁଏ ୱତନ୍ ଆଏଗି' (ମୃତ୍ୟୁ ପରେ ବି ହୃଦୟରୁ ଦେଶପ୍ରେମ ସରିଯିବ ନାହିଁ,ମୋ ପାଉଁଶରୁ ବି ମାତୃଭୂମିର ସୁଗନ୍ଧ ମହକିବ)। ସେ ଫାଶି ଧଉଡ଼ିକୁ ଚୁମ୍ୱନ ଦେଇ ଇନ କିଲାବ ଜିନ୍ଦାବାଦ ନାରା ଦେଇ ହସିହସି ଦେଶ ପାଇଁ ଜୀବଦାନ ଦେଇଥିଲେ। ଭାରତର ସ୍ୱାଧିନତା ଇତିହାସରେ ସହିଦ ଭଗତ ସିଂହଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ । କମ୍ ବୟସରେ ତାଙ୍କର ବୀରତ୍ୱର ଗାଥା ଆଜି ବି ଶୁଣିଲେ ଦେହରେ ଖେଳିଯାଏ ଶିହରଣ । ତାଙ୍କ ବୀରତ୍ୱ ଗାଥା ଶୁଣିଲେ ଗର୍ବରେ ଫୁଲି ଉଠେ ଛାତି ଓ ପ୍ରେରିତ ହୁଏ ଯୁବପିଢି । ତାଙ୍କର ଆତ୍ମବଳିଦାନ ଅନେକ ଯୁବକଯୁବତୀଙ୍କୁ କ୍ରାନ୍ତିକାରୀ ପଥ ବାଛିବାକୁ ଉତ୍ସାହିତ କରିଥିଲା ଯାହା ବ୍ରିଟିସ୍ ସାମ୍ରାଜ୍ୟ ବିରୋଧୀ ସଂଗ୍ରାମକୁ ବଳଶାଳୀ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିଲା। ସେ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ବିଚାରଧାରା ତାଙ୍କୁ ଅମର କରି ରଖିଛି। ସ୍ୱଧୀନତା ପାଇଁ ତାଙ୍କର ଅବଦାନ ତାଙ୍କୁ ଦେଶର ଅକାଶରେ ଚିର ଜାଜୁଲ୍ୟମାନ ତରକା ସଦୃଶ୍ୟ ହୋଇ ରହିଅଛି।

ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ

# ପ୍ରଥମଥର ଭାରତରେ ପହଞ୍ଚିଲା ଏଫ୍-୩୫ଏ ଯୁଦ୍ଧବିମାନ




## ଆଇଏଏଫ୍‌କୁ ପାର୍ଟନର କହିଲା ଆମେରିକା

ନୂଆଦିଲ୍ଲୀ,୨୯।୯(ସଂଚାର ବ୍ୟୁରୋ): ପ୍ରଥମ ଥର ପାଇଁ ଭାରତୀୟ ମାଟିରେ ଏକ ବଡ଼ ଧରଣର ଅଭ୍ୟାସରେ ଅଂଶଗ୍ରହଣ କରିବା ପାଇଁ ଗତ ୨୬ ତାରିଖରେ ଆମେରିକାର ବାୟୁସେନାର ୬ଟି ଏଫ୍-୩୫ଏ ଲଢୁଆ ବିମାନ ଓ ୨୦୦ରୁ ଅଧିକ ବାୟୁସେନା ଭାରତରେ ପହଞ୍ଚିଥିଲେ। ଏହି ଅଭ୍ୟାସ ଗତ ୨୬ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଚାଲିବ। ଆମେରିକା ସୋସିଆଲ ମିଡିଆରେ ଏଫ୍-୩୫ଏ ଲାଇଟ୍‌ନିଙ୍ଗ୍ ୨ ବିମାନର ଅଂଶଗ୍ରହଣ ସମ୍ପର୍କରେ ସୂଚନା ଦେଇଛି। ସେମାନେ ଲେଖିଛନ୍ତି ଯେ ଆମେରିକା ବାୟୁସେନାର ଏଫ୍-୩୫ଏ ଲାଇଟ୍‌ନିଙ୍ଗ୍ ୨ ବିମାନ ପ୍ରଥମ ଥର ପାଇଁ ଭାରତରେ 'ତରଙ୍ଗ ଶକ୍ତି' ଅଭ୍ୟାସରେ ଅଂଶଗ୍ରହଣ କରୁଛି। ଗୁପ୍ତ, ଉନ୍ନତ ସେନ୍ସର ଓ ସୂଚନା ଆଦାନପ୍ରଦାନ କ୍ଷମତା ସହ ଏଫ୍-୩୫ ଭାରତୀୟ ବାୟୁସେନା ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ତାଲିମର ନୂଆ ସୁଯୋଗ ସୃଷ୍ଟି କରୁଛି। ଯାହାଦ୍ୱାରା ପରସ୍ପରର ସମନ୍ୱୟ ଓ ପ୍ରସ୍ତୁତି ଆହୁରି ସୁଦୃଢ଼ ହେବ। ଭାରତୀୟ ବାୟୁସେନା (ଆଇଏଏଫ୍)ର ନେତୃତ୍ୱରେ ବହୁରାଷ୍ଟ୍ରୀୟ ହାୱାଇ ଯୁଦ୍ଧାଭ୍ୟାସ 'ତରଙ୍ଗ ଶକ୍ତି ୨୦୨୬'ର ଦ୍ୱିତୀୟ ସଂସ୍କରଣ ଗତ ୧୨ରୁ ଆସନ୍ତା ମାସ ପର୍ଯ୍ୟନ୍ତ ରାଜସ୍ଥାନର ଯୋଧପୁର ବାୟୁସେନା ଷ୍ଟେସନରେ ଆୟୋଜିତ ହେଉଛି। ଭାରତରେ ଅବସ୍ଥାପିତ ଆମେରିକୀୟ ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏହି ଅଭ୍ୟାସ ଆରମ୍ଭ ଘୋଷଣା କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଗୋର୍ ଲେଖିଛନ୍ତି ଯେ ଆମେରିକୀୟ ବାୟୁସେନା ଯୋଧପୁରରେ ପହଞ୍ଚିଛି। ୬ଟି ଏଫ୍-୩୫ ଲାଇଟ୍‌ନିଂ ୨ ବିମାନ ଓ ୨୦୦ରୁ ଅଧିକ ବାୟୁସେନା କର୍ମଚାରୀ ପ୍ରଥମ ଥର ପାଇଁ 'ତରଙ୍ଗ ଶକ୍ତି' ଅଭ୍ୟାସରେ ଅଂଶଗ୍ରହଣ କରିବାକୁ ଭାରତରେ ଅଛନ୍ତି। ଆମେରିକାର ସର୍ବାଧୁନିକ ପଞ୍ଚମ ପିଢ଼ିର ଯୁଦ୍ଧବିମାନଗୁଡ଼ିକୁ 'ତରଙ୍ଗ ଶକ୍ତି' ଅଭ୍ୟାସରେ ପ୍ରଥମ ଥର ପାଇଁ ଉଡ଼ାଣ ଭରୁଥିବା ଦେଖିବା ରୋମାଞ୍ଚକର ବିଷୟ ବୋଲି ସେ କହିଥିଲେ।

ଏହି ବୃହତ୍ ଅଭ୍ୟାସରେ ଭାରତ ସମେତ ୮ଟି ଦେଶ, ଆମେରିକା, ଫ୍ରାନ୍ସ, ଜର୍ମାନୀ, ଅଷ୍ଟ୍ରେଲିଆ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ୟୁଏଇ ନିଜ ଯୁଦ୍ଧବିମାନ ସହ ସିଧାସଳଖ ଭାବେ ଅଂଶଗ୍ରହଣ କରୁଛନ୍ତି। ଏହାଛଡ଼ା ଆଉ ୩୨ଟି ଦେଶ ପ୍ରେକ୍ଷକ ଭାବେ ଏଥିରେ ସାମିଲ ହୋଇଛନ୍ତି। ଏହା ପୂର୍ବରୁ ଭାରତୀୟ ବାୟୁସେନା ୨୦୨୪ରେ ନିଜର ସବୁଠାରୁ ବଡ଼ ବହୁରାଷ୍ଟ୍ରୀୟ ବାୟୁସାମରିକ ଅଭ୍ୟାସ 'ତରଙ୍ଗ ଶକ୍ତି'ର ଆରମ୍ଭ କରିଥିଲା। 'ତରଙ୍ଗ ଶକ୍ତି'ର ପ୍ରଥମ ସଂସ୍କରଣ ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ତାମିଲନାଡୁର ସୁଲୁର ବାୟୁସେନା ଘାଟିରେ ଓ ଦ୍ୱିତୀୟ ପର୍ଯ୍ୟାୟ ରାଜସ୍ଥାନର ଯୋଧପୁର ବାୟୁସେନା ଘାଟିରେ ଆୟୋଜିତ ହୋଇଥିଲା।

ଭାରତ-ମିଆଁମାର ସୀମାରେ ଉଗ୍ରବାଦୀ ଆକ୍ରମଣ

# ଆସାମ ରାଇଫଲ୍ସର ଯବାନ ସହିଦ, ୪ ଗୁରୁତର



ନୂଆଦିଲ୍ଲୀ,୨୯।୯: ଅରୁଣାଚଳ ପ୍ରଦେଶରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଚାଙ୍ଗଲାଙ୍ଗ ଜିଲ୍ଲାରେ ଭାରତ-ମିଆଁମାର ସୀମା ନିକଟରେ ଆଜି ସକାଳେ ସନ୍ଦିଗ୍ଧ ଉଗ୍ରବାଦୀଙ୍କ ଆକ୍ରମଣରେ ଆସାମ ରାଇଫଲ୍ସର ଜଣେ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୪ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି। ସୀମାର ଏକ ସମ୍ବେଦନଶୀଳ ଅଞ୍ଚଳରେ ଏହି ଘଟଣା ଘଟିଛି, ଯେଉଁଠାରେ ସୁରକ୍ଷା ବାହିନୀ ପାଟ୍ରୋଲିଂ କରୁଥିଲେ ଏବଂ ସୀମାରେ ତାର ଜାଲି ବାଡ଼ ଲଗାଇବା କାମ ମଧ୍ୟ ଚାଲିଥିଲା। ସୂଚନାଯୋଗ୍ୟ ଯେ ଚାଙ୍ଗଲାଙ୍ଗ ଜିଲ୍ଲାର ନାମପୋଙ୍ଗ ସର୍କଲସ୍ଥିତ ନାମପୋଙ୍ଗ ନାଳ ନିକଟରେ ସକାଳ ପ୍ରାୟ ସାଢ଼େ ୬ଟାରେ ଏହି ଘଟଣା ଘଟିଥିଲା। ପ୍ରାରମ୍ଭିକ ସୂଚନାନୁଯାୟୀ, ୨୧ ଆସାମ ରାଇଫଲ୍ସର ଯବାନମାନେ ସେହି ଅଞ୍ଚଳରେ ନିୟମିତ ଚଢ଼ାଉ କରିଥିଲେ। ଅଧିକାରୀଙ୍କ କହିବାନୁସାରେ, ଗସ୍ତକାରୀ ଦଳ ଉପରେ ସନ୍ଦିଗ୍ଧ ଉଗ୍ରବାଦୀମାନେ ହଠାତ୍ ଆଖିବୁଜା ଗୁଳିଚାଳନା କରିଥିଲେ। ଏହି ଆକ୍ରମଣରେ ୪୨ ବର୍ଷୀୟ ହାବିଲଦାର ଜାନଖୋକାଇ କୁକିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟ ୪ ଜଣ ଯବାନ ଆହତ ହୋଇଛନ୍ତି। ଆହତ ଯବାନମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲ ନିଆଯାଇଛି, ଯେଉଁଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

ଆକ୍ରମଣ ପରେ ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀର ତଲାସୀ ଏବଂ କମ୍ବିଂ ଅପରେସନ ଜୋରଦାର ହୋଇଛି। ଯବାନମାନେ ସ୍ଥାନୀୟ ଜଙ୍ଗଲ, ନାଳ ଏବଂ ସୀମା ପାଖାପାଖି ରାସ୍ତାର ଯାଞ୍ଚ କରୁଛନ୍ତି। ଆକ୍ରମଣକାରୀମାନେ ଗସ୍ତକାରୀ ଦଳର କେତେ ନିକଟକୁ ଆସିଥିଲେ, କେଉଁ ଦିଗରୁ ଗୁଳିଚାଳନା କଲେ ଏବଂ ଆକ୍ରମଣ ପରେ କେଉଁ ରାସ୍ତାରେ ଫେରାର ହୋଇ ଗଲେ, ସୁରକ୍ଷା ଏଜେନ୍ସିଗୁଡ଼ିକ ତାହାର ସୁରାକ ଖୋଜିବାକୁ ଚେଷ୍ଟା କରୁଛନ୍ତି। ଚାଙ୍ଗଲାଙ୍ଗର ଆରକ୍ଷୀ ଅଧୀକ୍ଷକ କିର୍ଲି ପାଡୁ କହିଛନ୍ତି ଯେ ଘଟଣା ସମ୍ପର୍କରେ ତାଙ୍କୁ ସୂଚନା ମିଳିସାରିଛି। ସେ ଚାଙ୍ଗଲାଙ୍ଗ ଥାନା ଅଧିକାରୀଙ୍କୁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳ ଦୀର୍ଘ ଦିନରୁ ସମ୍ବେଦନଶୀଳ ବୋଲି ଜଣାଯାଏ। ଚାଙ୍ଗଲାଙ୍ଗ ଜିଲ୍ଲା ମିଆଁମାର ସହ ଯୋଡ଼ି ହୋଇଥିବା ଅନ୍ତର୍ଜାତୀୟ ସୀମାରେ ଅବସ୍ଥିତ। ଏଠାରେ ଅନେକ ସ୍ଥାନରେ ସୀମା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ତାରଜାଲି ଦ୍ୱାରା ବନ୍ଦ ହୋଇ ନାହିଁ। ଘଞ୍ଚ ଜଙ୍ଗଲ, ପାହାଡ଼ିଆ ରାସ୍ତା ଓ ସୀମା ପାର୍ ଯାତାୟାତ କାରଣରୁ ସୁରକ୍ଷା ବାହିନୀ ପାଇଁ ଏହି ଅଞ୍ଚଳ ଚ୍ୟାଲେଞ୍ଜପୂର୍ଣ୍ଣ ରହିଥାଏ। ଉତ୍ତର-ପୂର୍ବ ଭାରତର ଏହି ଭାଗରେ କେତେକ ବିଦ୍ରୋହୀ ସଂଗଠନ ସକ୍ରିୟ ଥିବା କୁହାଯାଏ। ଚାଙ୍ଗଲାଙ୍ଗ ସହ ତିରାପ ଓ ଲୋଙ୍ଗଡିଂ ଭଳି ଅଞ୍ଚଳ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ।

# ପୁଏର୍ତ୍ତୋ ରିକୋ ଉପକୂଳରେ ଓଲଟିଲା ପ୍ରବାସୀ ଡଙ୍ଗା ; ୨ ମୃତ

ନୂଆଦିଲ୍ଲୀ ୨୯।୦୯; ଆମେରିକାର ପୁଏର୍ତ୍ତୋ ରିକୋର ପଶ୍ଚିମ ଉପକୂଳରୁ ଏକ ବଡ଼ଧରଣର ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି। ପ୍ରବାସୀମାନଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ମଝି ସମୁଦ୍ରରେ ଓଲଟି ପଡ଼ିବାରୁ ବଡ଼ଧରଣର ଅଘଟଣ ଘଟିଛି। ଆମେରିକା କୋଷ୍ଟ ଗାର୍ଡର ତୁରନ୍ତ ତତ୍ପରତା ଯୋଗୁଁ ବର୍ତ୍ତମାନ ସୁଦ୍ଧା ଅତିକମରେ ୪୦ରୁ ଅଧିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଡଙ୍ଗାରେ ପ୍ରାୟ ୬୦ ଜଣ ଯାତ୍ରୀ ଥିଲେ। ଏବେ ବି ଅନେକ ଲୋକ ନିଖୋଜ ଥିବା ଆଶଙ୍କା କରାଯାଉଛି ଯେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ। ସୋମବାର ସନ୍ଧ୍ୟାରେ କୋଷ୍ଟ ଗାର୍ଡ ପକ୍ଷରୁ ଜୋରଦାର ଖୋଜାଖୋଜି ଜାରି ରହିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ରବିବାର ବିଳମ୍ବିତ ରାତିରେ ଡଙ୍ଗା ଭିତରେ ଯାତ୍ରୀମାନଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଦେଖାଦେଇଥିଲା। ଏପରିକି ଧାରୁଆ ଅସ୍ତ୍ର ଆକ୍ରମଣରେ କିଛି ଲୋକ ଗୁରୁତର ଆହତ ମଧ୍ୟ ହୋଇଥିଲେ। ଜୀବନ ବିପଦରେ ପଡ଼ିବାରୁ କିଛି ଯାତ୍ରୀ ବିନା ଲାଇଫ୍ ଜ୍ୟାକେଟ୍‌ରେ ଗଭୀର ପାଣିକୁ ଡେଇଁ ପଡ଼ିଥିଲେ, ଯାହାଫଳରେ ଡଙ୍ଗାଟି ଅନିୟନ୍ତ୍ରିତ ହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ଲୋକମାନେ ୧୨ ଘଣ୍ଟାରୁ ଅଧିକ ସମୟ ଧରି ସମୁଦ୍ର ପାଣିରେ ଫସି ରହିଥିଲେ। ପରେ ଏକ ସାମୁଦ୍ରିକ ଜାହାଜ ସେମାନଙ୍କୁ ଦେଖି କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲା। ହିଂସା କାରଣରୁ ହିସ୍ପାନିଓଲା ଦ୍ୱୀପ ଅଞ୍ଚଳରୁ ଲୋକେ ପ୍ରାୟତଃ ଏହିପରି ବିପଜ୍ଜନକ 'ମୋନା ପାସେଜ୍' ଦେଇ ପୁଏର୍ତ୍ତୋ ରିକୋ ଯିବାକୁ ପ୍ରୟାସ କରିଥାନ୍ତି। ବିଶେଷକରି ଗ୍ୟାଙ୍ଗ୍ ହିଂସା ଯୋଗୁଁ ହାଇତିରେ ପରିସ୍ଥିତି ଅତ୍ୟନ୍ତ ସାଙ୍ଘାତିକ ରହିଛି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ମଧ୍ୟରେ କେବଳ ହାଇତିରେ ୩,୦୫୦ରୁ ଅଧିକ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ୧୫ ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ବର୍ତ୍ତମାନ ଏହି ଦୁର୍ଘଟଣା ନେଇ ଆମେରିକା କୋଷ୍ଟ ଗାର୍ଡ ପକ୍ଷରୁ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି।

## ଶ୍ରାଦ୍ଧକର୍ମ ବେଳେ ଅଘଟଣ
# ପରିବାରର ୫ ମୃତ



ଝାନ୍ସି,୨୯।୯: ଉତ୍ତରପ୍ରଦେଶ ଝାନ୍ସି ଜିଲ୍ଲାର ମଉରାନୀପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ଶ୍ରାଦ୍ଧ କର୍ମ କରୁଥିବା ବେଳେ ଘଟିଛି ଏକ ବଡ଼ ଅଘଟଣ। ରାନୀପୁର ଦେବରିପୁରା ଗାଁରେ ସୁଖନଇ ନଦୀରେ ବୁଡ଼ିଯିବା ଯୋଗୁଁ ଗୋଟିଏ ପରିବାରର ୫ ଜଣଙ୍କ ଜୀବନ ଚାଲିଯାଇଛି। ମୃତକଙ୍କ ମଧ୍ୟରେ ବାପା, ପୁଅ, ଭଣଜା, ଭାଣିଜୀ ଏବଂ ଅନ୍ୟ ଜଣେ ବ୍ୟକ୍ତି ରହିଛନ୍ତି। ତେବେ ପରସ୍ପରକୁ ବଞ୍ଚାଇବା ଚେଷ୍ଟା କରି ୫ ଜଣଙ୍କ ମୃତ୍ୟୁ ହୋଇଛି।ମିଳିଥିବା ସୂଚନାନୁସାରେ, ଝାନ୍ସି ଜିଲ୍ଲାର ମଉରାନୀପୁର ଥାନା ଅନ୍ତର୍ଗତ ସୁଖନଇ ନଦୀ କୂଳରେ ପରିବାର ଲୋକ ଶ୍ରାଦ୍ଧ କର୍ମ କରୁଥିବା ବେଳେ ଜଣେ ବ୍ୟକ୍ତି ସନ୍ତୁଳନ ହରାଇ ପାଣିରେ ପଡ଼ିଯାଇଥିଲେ। ତାଙ୍କୁ ବଞ୍ଚାଇବା ଚକ୍କରରେ ପରିବାରର ଅନ୍ୟ ସଦସ୍ୟରେ ପାଣିକୁ ଚାଲିଯାଇଥିଲେ। ଫଳରେ ଜଣକ ପରେ ଜଣେ ପରସ୍ପରକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ିଯାଇଥିଲା। ଘଟଣା ବିଷୟରେ ସୂଚନା ପାଇ ପୁଲିସ୍ ଅଧିକାରୀ, ସ୍ଥାନୀୟ ବୁଡ଼ାଳି ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପାଣିରୁ ୫ଟି ମୃତଦେହ ଜବତ କରି ହସପିଟାଲକୁ ନେଇଥିଲେ, କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଗୋଟିଏ ପରିବାରର ୫ ଜଣଙ୍କ ଅସମୟରେ ଜୀବନ ଚାଲିଯିବାରୁ ଗାଁ ଏବଂ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରି ମାମଲା ଯାଞ୍ଚ କରିଥିଲେ।

## ରେବନ୍ତ ରେଡ୍ଡୀଙ୍କ ବୟାନକୁ ନେଇ ବିବାଦ
# ରାମ ଧନୀ ଓ ଶିବ ଗରିବଙ୍କ ଦେବତା
## କେନ୍ଦ୍ର ମନ୍ତ୍ରୀଙ୍କ କାଉଣ୍ଟର୍



ନୂଆଦିଲ୍ଲୀ,୨୯।୯: ଭଗବାନ ରାମ ଓ ଭଗବାନ ଶିବଙ୍କୁ ନେଇ ବିବାଦୀୟ ବୟାନ ଦେଇଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀ। ଦିଲ୍ଲୀରେ ଦି କନକ୍ଲେଭ୍ ୨୦୨୬ କାର୍ଯ୍ୟକ୍ରମରେ ଯୋଗଦେଇ ରେଭନ୍ତ ରେଡ୍ଡୀ ଭଗବାନ ରାମ ଓ ଶିବଙ୍କ ଉପାସନାକୁ ନେଇ ରାଜନୈତିକ ତୁଳନା କରିଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରାଜନୈତିକ ମହଲରେ ହଲଚଲ ଦେଖିବାକୁ ମିଳିଛି। ରେଭନ୍ତ ରେଡ୍ଡୀଙ୍କ କହିବାନୁସାରେ, ଆମେ ଦ୍ରାବିଡ଼ିଆନ୍, ଆମର ନିଜସ୍ୱ ପରମ୍ପରା ରହିଛି। ଶିବ ଗରିବଙ୍କ ଭଗବାନ ଏବଂ ରାମ ଧନୀଙ୍କ ଭଗବାନ। ବିଜେପି ଧନୀମାନଙ୍କ ଦଳ ହୋଇଥିବାରୁ ଜୟ ଶ୍ରୀରାମ କହେ, ହର ହର ମହାଦେବ ନୁହେଁ। ଆମେ ଭଗବାନ ଶିବଙ୍କ ଭକ୍ତ। କିନ୍ତୁ ବିଜେପି ନିଜକୁ ଭଗବାନ ରାମଙ୍କ ସହ ଅଧିକ ଯୋଡ଼ିଥାଏ ବୋଲି ସେ କହିଛନ୍ତି। ତେବେ ରେଭନ୍ତ ରେଡ୍ଡୀଙ୍କ ବୟାନକୁ ନେଇ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ସଞ୍ଜୟ କୁମାର ପ୍ରତିକ୍ରିୟା ଦେଇଛନ୍ତି। ସେ ରେଭନ୍ତ ରେଡ୍ଡୀଙ୍କ ଉପରେ ଭଗବାନ ରାମ ଓ ଶିବଙ୍କ ମଧ୍ୟରେ ରାଜନୈତିକ ବିଭାଜନ ସୃଷ୍ଟି କରିବାର ଆରୋପ ଲଗାଇଛନ୍ତି। ସଞ୍ଜୟ କହିଛନ୍ତି ଯେ ତେଲଙ୍ଗାନାରେ ବେମୁଲାୱାଡାକୁ ଦକ୍ଷିଣ କାଶୀ ଓ ଭଦ୍ରାଚଳମକୁ ଦକ୍ଷିଣ ଅଯୋଧ୍ୟା କୁହାଯାଏ। ତେଣୁ ରେଭନ୍ତ ରେଡ୍ଡୀ ରାମ ଓ ଶିବଙ୍କୁ ଉତ୍ତର-ଦକ୍ଷିଣ ଆଧାରରେ ବିଭାଜନ ନ କରିବା ଉଚିତ ବୋଲି ସେ କହିଛନ୍ତି। ତେବେ ରେଭନ୍ତଙ୍କ ବୟାନ ଓ ଏହା ଉପରେ ବିଜେପିର ପ୍ରତିକ୍ରିୟାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

# ମିଆଁମାରରେ ଭୟଙ୍କର ଏୟାରଷ୍ଟ୍ରାଇକ୍: ୪୯ ମୃତ



ମିଆଁମାର,୨୯।୯(ସଂଚାର ବ୍ୟୁରୋ): ମିଆଁମାରରେ ଭୟଙ୍କର ଏୟାରଷ୍ଟ୍ରାଇକ୍। ବଜାର ନିକଟରେ ମିଆଁମାର ସେନାର ଏହି ଆକ୍ରମଣରେ ଚାଲିଗଲା ୪୯ ଜଣଙ୍କ ଜୀବନ। ଏଥିସହ ୫୮ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବଜାରରେ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀ, କ୍ରେତା ଓ ପଥଚାରୀ ଥିବା ସୂଚନା ମିଳିଛି। ମିଆଁମାରର ପଶ୍ଚିମ ରଖାଇନ୍ ରାଜ୍ୟର କ୍ୟାଉକ୍ତାଉ ଟାଉନସିପରେ ସୋମବାର ଏହି ଆକ୍ରମଣ ହୋଇଥିଲା। ଏହି ଅଞ୍ଚଳ ଉପରେ ଶକ୍ତିଶାଳୀ ଜାତିଗତ ସଶସ୍ତ୍ର ଗୋଷ୍ଠୀ 'ଆରାକାନ୍ ଆର୍ମି'ର ନିୟନ୍ତ୍ରଣ ରହିଛି। ଆରାକାନ୍ ଆର୍ମିର ଦାବି ଅନୁସାରେ, ଅପରାହ୍ଣ ସମୟରେ ଏକ ଯୁଦ୍ଧବିମାନ ବଜାର ନିକଟରେ ଦୁଇଟି ବୋମା ପକାଇଥିଲା। ଆହତଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଇଛି। ତେବେ ଏହି ଦାବିଗୁଡ଼ିକର ସ୍ୱାଧୀନ ଭାବେ ସତ୍ୟତା ଯାଞ୍ଚ କରାଯାଇପାରିନାହିଁ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଜଣେ ବରିଷ୍ଠ ଉଦ୍ଧାରକାରୀ ଅଧିକାରୀ ମୃତାହତଙ୍କ ସଂଖ୍ୟା ନିଶ୍ଚିତ କରିଛନ୍ତି। ଏହି ବଜାରଟି ଅଞ୍ଚଳର ଏକ ପ୍ରମୁଖ ପାଇକାରୀ ବଜାର ଥିଲା। ଏଠାକୁ ରଖାଇନର ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଓ କ୍ରେତା ଆସୁଥିଲେ। ଏହି ଆକ୍ରମଣ ପରେ ଆରାକାନ୍ ଆର୍ମି ପକ୍ଷରୁ ପ୍ରତିଆକ୍ରମଣର ଚେତାବନୀ ମଧ୍ୟ ଦିଆଯାଇଛି। ତେବେ ଏହି ଘଟଣା ମିଆଁମାରରେ ଚାଲିଥିବା ଦୀର୍ଘଦିନର ସଂଘର୍ଷକୁ ପୁଣିଥରେ ଚର୍ଚ୍ଚାକୁ ଆଣିଛି।

# ଏଫ୍‌ବିଆଇର ୧୦ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଗୋଲ୍ଡି ବ୍ରାର

## ଧରାଇଦେଲେ ୧ ମିଲିୟନ ଡଲାର ପୁରସ୍କାର




ନୂଆଦିଲ୍ଲୀ,୨୯।୯(ସଂଚାର ବ୍ୟୁରୋ): ଏଫ୍‌ବିଆଇର 'ଟେନ୍ ମୋଷ୍ଟ୍ ୱାଣ୍ଟେଡ୍' ତାଲିକାରେ ଗୋଲ୍ଡି ବ୍ରାର୍। ଧରାଇଦେଲେ ୧ ମିଲିୟନ ଡଲାର ପୁରସ୍କାର। କୁଖ୍ୟାତ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବ୍ରାରକୁ ଧରିବା ପାଇଁ ବଡ଼ ପଦକ୍ଷେପ ନେଇଛି ଆମେରିକାର ଏଫ୍‌ବିଆଇ। ସତିନ୍ଦରଜିତ ସିଂହ ଓରଫ ଗୋଲ୍ଡି ବ୍ରାରକୁ ଏଫ୍‌ବିଆଇ ନିଜର 'ଟେନ୍ ମୋଷ୍ଟ୍ ୱାଣ୍ଟେଡ୍ ଫ୍ୟୁଜିଟିଭ୍‌ସ' ତାଲିକାରେ ସାମିଲ କରିଛି।

ତାଙ୍କ ଗିରଫଦାରୀରେ ସହାୟକ ହେବା ଭଳି ସୂଚନା ପାଇଁ ୧ ମିଲିୟନ ଆମେରିକୀୟ ଡଲାର ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରାଯାଇଛି। ଏଫ୍‌ବିଆଇ ଗୋଲ୍ଡି ବ୍ରାର୍‌କୁ ସଶସ୍ତ୍ର ଓ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛି। ତାଙ୍କ ନିକଟକୁ ନ ଯାଇ ସୂଚନା ଥିଲେ ଏଫ୍‌ବିଆଇ କିମ୍ବା ସ୍ଥାନୀୟ ପୁଲିସକୁ ଜଣାଇବାକୁ କୁହାଯାଇଛି। ଏଫ୍‌ବିଆଇ ଅନୁସାରେ ସେ ଆମେରିକାରେ ରହୁଛନ୍ତି ଓ ଲରେନ୍ସ ବିଷ୍ଣୋଇ ସଂଗଠିତ ଅପରାଧ ଗୋଷ୍ଠୀର ଉତ୍ତର ଆମେରିକା ନେଟୱାର୍କର ଜଣେ ପ୍ରମୁଖ ଅଭିଯୁକ୍ତ।

୧୯୯୪ ମାର୍ଚ୍ଚ ୧୧ରେ ପଞ୍ଜାବର ଶ୍ରୀ ମୁକ୍ତସର ସାହିବରେ ଜନ୍ମ ହୋଇଥିବା ସତିନ୍ଦରଜିତ ସିଂହ ଗୋଲ୍ଡି ବ୍ରାର ନାମରେ ଅଧିକ ପରିଚିତ। ହତ୍ୟା, ହତ୍ୟା ଉଦ୍ୟମ ଓ ଡ୍ରଗ୍ସ ଚାଲାଣ ସହ ଜଡ଼ିତ ବିଭିନ୍ନ ମାମଲାରେ ଭାରତୀୟ ଏଜେନ୍ସି ମଧ୍ୟ ତାଙ୍କୁ ଖୋଜୁଛନ୍ତି। ପୂର୍ବରୁ କାନାଡାର ବୋଲୋ କାର୍ଯ୍ୟକ୍ରମର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ମଧ୍ୟ ତାଙ୍କ ନାମ ରହିଥିଲା। ଆମେରିକାରେ ମଧ୍ୟ ବ୍ରାର ବିରୋଧରେ ଗୁରୁତର ଅଭିଯୋଗ ରହିଛି। ଗତ ଜୁଲାଇ ୧ରେ ଲସ୍ ଆଞ୍ଜେଲସ୍ଥିତ ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟରୁ ତାଙ୍କ ବିରୋଧରେ ଫେଡେରାଲ୍ ଗିରଫ ପରୱାନା ଜାରି ହୋଇଥିଲା। ରିକୋ ଷଡ଼ଯନ୍ତ୍ର, ଜବରଦସ୍ତ ଟଙ୍କା ଆଦାୟ ପାଇଁ ଷଡ଼ଯନ୍ତ୍ର ଓ ନିଶାଦ୍ରବ୍ୟ ବଣ୍ଟନ ସହ ଜଡ଼ିତ ଷଡ଼ଯନ୍ତ୍ର ଭଳି ଅଭିଯୋଗ ତାଙ୍କ ବିରୋଧରେ ରହିଛି। ଏଫ୍‌ବିଆଇ, କାନାଡାର ଆର୍‌ସିଏମ୍‌ପି ଓ ଲସ୍ ଏଞ୍ଜେଲ୍‌ସ ପୁଲିସ୍ ଡିପାର୍ଟମେଣ୍ଟର ବହୁ ବର୍ଷର 'ଅପରେସନ୍ ହାର୍ଡବଲ୍' ତଦନ୍ତ ପରେ ଏହି ମାମଲାରେ ୩୭ ଜଣଙ୍କ ବିରୋଧରେ ଅଭିଯୋଗ ସାମ୍ନାକୁ ଆସିଥିଲା।

ପୂର୍ବରୁ ଗୋଲ୍ଡି ବ୍ରାର ସମ୍ପର୍କରେ ସୂଚନା ପାଇଁ ଏଫ୍‌ବିଆଇ ୫୦ ହଜାର ଡଲାର ପୁରସ୍କାର ରଖିଥିଲା। ଏବେ ତାହାକୁ ବଢ଼ାଇ ୧ ମିଲିୟନ ଡଲାର ପର୍ଯ୍ୟନ୍ତ କରାଯାଇଛି। ଆମେରିକୀୟ ତଦନ୍ତକାରୀଙ୍କ ଅଭିଯୋଗ ଅନୁସାରେ, ଲରେନ୍ସ ବିଷ୍ଣୋଇ ଭାରତରେ ଜେଲରେ ଥିବା ବେଳେ ତାଙ୍କ ସହଯୋଗୀଙ୍କ ଜରିଆରେ ଅପରାଧିକ ନେଟୱାର୍କ ପରିଚାଳନା କରୁଥିଲେ। ଗୋଲ୍ଡି ବ୍ରାର ଏହି ନେଟୱାର୍କର ବିଦେଶୀ କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ନେଉଥିବା ଆମେରିକୀୟ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି।

ଏଫ୍‌ବିଆଇର ଅଭିଯୋଗ ଅନୁସାରେ, ଏହି ଗୋଷ୍ଠୀ ହତ୍ୟା, ଗୁଳିକାଣ୍ଡ, ଅପହରଣ, ଦାଦାବଟି ଆଦାୟ ଏବଂ ଡ୍ରଗ୍ସ ଓ ଅସ୍ତ୍ର ଚାଲାଣ ଭଳି ଅପରାଧରେ ସମ୍ପୃକ୍ତ। ଗତ ୨୦୨୩ ଜୁନ୍ ୧୮ରେ କାନାଡାର ସରେରେ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟାକୁ ମଧ୍ୟ ଆମେରିକୀୟ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏଫ୍‌ବିଆଇ ଅନୁସାରେ ଗୋଲ୍ଡି ବ୍ରାରଙ୍କ ନେଟୱାର୍କ କାଲିଫର୍ଣ୍ଣିଆର ସାକ୍ରାମେଣ୍ଟୋ ଓ ଫ୍ରେସ୍‌ନୋ ସହ କାନାଡା, ଭାରତ ଓ ମେକ୍ସିକୋ ପର୍ଯ୍ୟନ୍ତ ବ୍ୟାପିଛି। ସେ କାଲିଫର୍ଣ୍ଣିଆ କିମ୍ବା କାନାଡାର ବିଭିନ୍ନ ସ୍ଥାନରେ ରହୁଥିବା ସନ୍ଦେହ କରାଯାଉଛି।

## ନବଜାତଙ୍କୁ ୨୨ କ୍ୟାରେଟ୍ ସୁନା ମୁଦି
# ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କଲେ ବିଜୟ

ଚେନ୍ନାଇ,୨୯।୯: ତାମିଲନାଡୁରେ ନବଜାତ ଶିଶୁଙ୍କ ପାଇଁ ନୂଆ ଯୋଜନାର ଶୁଭାରମ୍ଭ। ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି ଟିଭିକେ ନେତା ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ। ନବଜାତ ଶିଶୁଙ୍କୁ ମିଳିବ ୧ ଗ୍ରାମର ସୁନା ମୁଦି। 'ଥାଇମାମନ ଥଙ୍ଗା ମୋଦିରମ' ଯୋଜନାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ। ମଦୁରାଇର ସରକାରୀ ରାଜାଜୀ ହସ୍ପିଟାଲରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଏକ ସ୍ୱତନ୍ତ୍ର ବିମାନରେ ମଦୁରାଇରେ ପହଞ୍ଚିବା ପରେ ହସ୍ପିଟାଲରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ବିଜୟ। ଏହି ଅବସରରେ ୨୫ ଜଣ ନବଜାତ ଶିଶୁଙ୍କୁ ୨୨ କ୍ୟାରେଟ୍‌ର ୧ ଗ୍ରାମ ଓଜନର ସୁନା ମୁଦି ପ୍ରଦାନ କରିଥିଲେ।

ସୁନା ମୁଦି ପ୍ରଦାନ କରିବା ସହ ବିଜୟ ଅନେକ ନବଜାତ ଶିଶୁଙ୍କୁ କୋଳରେ ଧରିଥିଲେ। ମା'ମାନଙ୍କ ଅନୁରୋଧରେ କିଛି ଶିଶୁଙ୍କ କାନରେ ନାମ କହି ନାମକରଣ ମଧ୍ୟ କରିଥିଲେ ମୁଖ୍ୟମନ୍ତ୍ରୀ। ତେବେ ଏହି ଯୋଜନା ପଛରେ ରହିଛି ତାମିଲନାଡୁର ଏକ ପାରମ୍ପରିକ ପ୍ରଥା। ଶିଶୁ ଜନ୍ମ ହେଲେ ମାମୁଙ୍କ ପକ୍ଷରୁ ଉପହାର ଦେବାର ପରମ୍ପରା ରହିଛି। ନିର୍ବାଚନ ପ୍ରଚାର ସମୟରେ ବିଜୟ ନିଜକୁ ତାମିଲନାଡୁର ମହିଳାଙ୍କ ଭାଇ ବୋଲି କହିବା ସହ ସରକାରୀ ହସ୍ପିଟାଲରେ ଜନ୍ମ ନେଉଥିବା ପ୍ରତ୍ୟେକ ଶିଶୁଙ୍କୁ ମାମୁଙ୍କ ପକ୍ଷରୁ ୧ ଗ୍ରାମ ସୁନା ମୁଦି ଦେବାକୁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସରକାର ୧ ଲକ୍ଷ ୨୮ ହଜାର ସୁନା ମୁଦି କିଣିଛନ୍ତି। ପ୍ରତ୍ୟେକ ମୁଦିରେ ସ୍ୱତନ୍ତ୍ର ସିରିଏଲ୍ ନମ୍ବର ଖୋଦିତ ହୋଇଛି।

ଏହି ଯୋଜନା ପାଇଁ ରାଜ୍ୟ ସରକାର ବାର୍ଷିକ ୭୫୫ କୋଟି ୮୩ ଲକ୍ଷ ଟଙ୍କା ଖର୍ଚ୍ଚ ଧାର୍ଯ୍ୟ କରିଛନ୍ତି। ତାମିଲନାଡୁର ସ୍ଥାୟୀ ବାସିନ୍ଦା ମା'ମାନେ, ଯେଉଁମାନେ ପିଆଇସିଏମ୍‌ଇରେ ପଞ୍ଜୀକରଣ କରିଛନ୍ତି ଏବଂ ଆର୍‌ସିଏଚ୍ ଆଇଡି ପାଇଛନ୍ତି, ସେମାନେ ଏହି ଯୋଜନାର ଲାଭ ପାଇବେ। ସାରା ରାଜ୍ୟରେ ୧୦୭ଟି କେନ୍ଦ୍ର ମାଧ୍ୟମରେ ସୁନା ମୁଦି ପ୍ରଦାନ କରାଯିବ। ପ୍ରତ୍ୟେକ କେନ୍ଦ୍ରରେ ପ୍ରତିଦିନ ୧୦୦ ଜଣ ନବଜାତ ଶିଶୁଙ୍କୁ ମୁଦି ଦେବାର ଲକ୍ଷ୍ୟ ରହିଛି। ଏଭଳି ଭାବେ ନବଜାତଙ୍କୁ ସୁନା ଉପହାର ଦେଇ ନିଜର ଏକ ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିଛନ୍ତି ତାମିଲନାଡୁ ସରକାର।

# ୪ ବର୍ଷ ପରେ ସଚିନ ୱାଜେଙ୍କୁ ଜାମିନ୍




ମୁମ୍ବାଇ ସମେତ ୫ ଜିଲ୍ଲାରେ ଏଣ୍ଟ୍ରି ମନା

ମୁମ୍ବାଇ,୨୯।୯: ଏଣ୍ଟିଲିଆ ବିସ୍ଫୋରକ ମାମଲା ଓ ବ୍ୟବସାୟୀ ମନସୁଖ ହିରେନ ହତ୍ୟାକାଣ୍ଡରେ ପୂର୍ବତନ ମୁମ୍ବାଇ ପୁଲିସ୍ ଅଧିକାରୀ ସଚିନ ୱାଜେଙ୍କୁ ୪ ବର୍ଷ ପରେ ଜାମିନ ମିଳିଛି। ୨୦୨୧ରେ ଗିରଫ ହୋଇଥିଲେ ୱାଜେ। କିନ୍ତୁ ଏବେ ୱାଜେଙ୍କୁ ଜାମିନ ମିଳିଥିବା ସତ୍ତ୍ୱେ ଜେଲରେ ରହିବ। ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଅନୀଲ ଦେଶମୁଖଙ୍କ ସହ ଜଡ଼ିତ ମନି ଲଣ୍ଡ୍ରିଂ ମାମଲାରେ ଏବେ ଜେଲରେ ରହିବେ। ଗତ ଅଗଷ୍ଟରେ ବିଶେଷ ଏନ୍‌ଆଇଏ ଅଦାଲତ ଏହି ମାମଲାରେ ୱାଜେଙ୍କ ସମେତ ୧୦ ଜଣଙ୍କ ବିରୋଧରେ ଅଭିଯୋଗ ଗଠନ କରିଛନ୍ତି। ଖବର ମୁତାବକ, ୱାଜେଙ୍କୁ ୧ ଲକ୍ଷ ଟଙ୍କା ପର୍ସନାଲ ବଣ୍ଡ ଏବଂ ୧ ଲକ୍ଷ ଟଙ୍କାରେ ଜାମିନ ମିଳିଛି। ଏଥିସହ ତାଙ୍କ ପାଖରେ ଯେଉଁ ପାସପୋର୍ଟ ଅଛି, ତାହାକୁ ସେ ଏନ୍‌ଆଇଏ ପାଖରେ ଜମା କରନ୍ତୁ ବୋଲି କୋର୍ଟ କହିଛନ୍ତି। ୱାଜେଙ୍କୁ ମୁମ୍ବାଇ ସମେତ ୫ ଜିଲ୍ଲାରେ ପ୍ରବେଶ ପାଇଁ ମନା କରାଯାଇଛି। ମୁମ୍ବାଇ, ନଭୀ ମୁମ୍ବାଇ, ରାୟଗଡ଼, ଥାନେ ଓ ପାଲଘର ଜିଲ୍ଲାରେ ପ୍ରବେଶ ପାଇଁ ଅନୁମତି ନାହିଁ। କେବଳ ଏସବୁ ଜିଲ୍ଲାକୁ କୋର୍ଟ କାମରେ ଯିବାକୁ ତାଙ୍କୁ ଅନୁମତି ମିଳିଛି। ଏହାଛଡ଼ା ୭ ଦିନ ଭିତରେ ନିଜ ରହିବା ସ୍ଥାନ ବିଷୟରେ ଏନ୍‌ଆଇଏକୁ ଜଣାଇବାକୁ କୁହାଯାଇଛି। ପ୍ରତି ରବିବାର ଅପରାହ୍ଣ ୧୨ରୁ ୩ଟା ଭିତରେ ସ୍ଥାନୀୟ ପୁଲିସ୍ ଷ୍ଟେସନରେ ତାଙ୍କୁ ହାଜର ହେବାକୁ ବି କୁହାଯାଇଛି। ଗତ ୨୦୨୧ ଫେବ୍ରୁଆରୀ ୨୫ ତାରିଖରେ ମୁମ୍ବାଇରେ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବାସଭବନ ଏଣ୍ଟିଲିଆ ନିକଟରୁ ଏକ ଏସ୍‌ୟୁଭି ଜବତ ହୋଇଥିଲା। ଗାଡ଼ି ଭିତରୁ ଜେଲାଟିନ୍ ଷ୍ଟିକ୍ ଏବଂ ଏକ ଧମକପୂର୍ଣ୍ଣ ଚିଠି ମିଳିଥିଲା। ଏହି ଗାଡ଼ିର ମାଲିକ ଥିଲେ ମନସୁଖ ହିରେନ। ଗତ ୨୦୨୧ ମାର୍ଚ୍ଚ ୫ରେ ଥାନେର ଘାଟିରୁ ଏକ ହିରେନଙ୍କ ମୃତଦେହ ମିଳିଥିଲା। ଏହା ପରେ ଏଣ୍ଟିଲିଆ ବିସ୍ଫୋରକ ମାମଲା ସହ ମନସୁଖ ହିରେନ ମୃତ୍ୟୁ ମାମଲାର ତଦନ୍ତ ଜାତୀୟ ତଦନ୍ତ ଏଜେନ୍ସି ହାତକୁ ଯାଇଥିଲା। ଏନ୍‌ଆଇଏ ୱାଜେଙ୍କୁ ଗତ ୨୦୨୧ ମାର୍ଚ୍ଚରେ ଗିରଫ କରିଥିଲା। ଗତ ଜୁଲାଇରେ ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ ୱାଜେଙ୍କୁ ମାମଲାରୁ ଡିସଚାର୍ଜ କରିବା ପାଇଁ ଦାଖଲ ଆବେଦନକୁ ଖାରଜ କରିଥିଲେ। ପରେ ଗତ ଅଗଷ୍ଟରେ ସଚିନ ୱାଜେ, ପ୍ରଦୀପ ଶର୍ମା, ସୁନୀଲ ମାନେଙ୍କ ସମେତ ୧୦ ଜଣଙ୍କ ବିରୋଧରେ ହତ୍ୟା, ଅପରାଧିକ ଷଡ଼ଯନ୍ତ୍ର ଅଭିଯୋଗ ଗଠନ କରାଯାଇଥିଲା।

## ଚାପରେ ରହୁଛନ୍ତି ଛାତ୍ରଛାତ୍ରୀ
# ୧୫% ଚାପଗ୍ରସ୍ତ, ୯%ଙ୍କଠାରେ ଆତ୍ମହତ୍ୟାପ୍ରବଣତା



ନୂଆଦିଲ୍ଲୀ,୨୯।୯: ସାଧାରଣତଃ କଲେଜ କିମ୍ବା ୟୁନିଭର୍ସିଟିରେ ଛାତ୍ରଛାତ୍ରୀମାନେ କ୍ୟାରିଅରକୁ ନେଇ ଚିନ୍ତିତ ଥାଆନ୍ତି। ହେଲେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ଏକ ସର୍ବେକ୍ଷଣରେ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ନ୍ୟାସନାଲ ଟାସ୍କ ଫୋର୍ସର ସର୍ଭେ ଅନୁସାରେ, ପ୍ରତି ୧୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୫ ଜଣ ଭାରାକ୍ରାନ୍ତ ରହୁଛନ୍ତି। ୯ ଜଣ ଆତ୍ମହତ୍ୟା ବିଷୟରେ ଚିନ୍ତା କରୁଛନ୍ତି। ସେହିପରି ୧୫ ପ୍ରତିଶତରୁ ଅଧିକ ଦୀର୍ଘ ୬ ମାସ ହେବ ମାନସିକ ଚାପରେ ରହିଛନ୍ତି। ଦେଶବ୍ୟାପୀ ୨୪.୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ସର୍ଭେ କରାଯାଇଥିଲା। ସର୍ଭେର ସବୁଠାରୁ ଆଶ୍ଚର୍ଯ୍ୟଜନକ ପରିସଂଖ୍ୟାନ ହେଉଛି ଆତ୍ମହତ୍ୟା ଚିନ୍ତାଧାରା। ପ୍ରାୟ ୯ ପ୍ରତିଶତ ଛାତ୍ର ଗତ ବର୍ଷ ବହୁତ ଥର ଏପରି ଅନୁଭବ କରିଛନ୍ତି। ଏଥିସହ ପ୍ରାୟ ୧୫ ପ୍ରତିଶତ ଗତ ୬ ମାସ ମଧ୍ୟରେ ଚାପ, ଦୁଃଖ କିମ୍ବା ଚିନ୍ତାରେ ଅତିବାହିତ କରିଛନ୍ତି। ଏହି ସର୍ଭେ ଛାତ୍ରଛାତ୍ରୀମାନଙ୍କ କ୍ୟାମ୍ପସ ଅଭିଜ୍ଞତା ବିଷୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ମଧ୍ୟ ଦେଇଛି। ପ୍ରାୟ ୩୪ ପ୍ରତିଶତ ଛାତ୍ରଛାତ୍ରୀ ସେମାନଙ୍କ କ୍ୟାମ୍ପସରେ ନିଜକୁ ଆଉଟ ସାଇଡର ଭଳି ବି ଅନୁଭବ କରୁଛନ୍ତି। ୩୨ ପ୍ରତିଶତଙ୍କୁ କାଉନସେଲିଂର ସୁବିଧା ମିଳିନାହିଁ। ଶୈକ୍ଷଣିକ ଚାପ, ଚାକିରି ଟେନସନ୍ ଏବଂ କ୍ୟାରିଅର ଚ୍ୟାଲେଞ୍ଜକୁ ନେଇ ସେମାନେ ଚିନ୍ତାଗ୍ରସ୍ତ ରହୁଛନ୍ତି। ଏକ ଉତ୍ତମ ସହାୟତା ପ୍ରଣାଳୀ ବିକଶିତ କରିବା ହେଉଛି ବର୍ତ୍ତମାନ ଟାସ୍କ ଫୋର୍ସର ସବୁଠାରୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉନ୍ନତ ମାନସିକ ସ୍ୱାସ୍ଥ୍ୟ ସହାୟତା, ଶିକ୍ଷକଙ୍କୁ ତାଲିମ, ମାନସିକ ସ୍ୱାସ୍ଥ୍ୟକୁ ନେଇ ଦ୍ୱିଧା ହ୍ରାସ କରିବା ଭଳି ବ୍ୟବସ୍ଥା କରାଯିବା ଉଚିତ। ଏଭଳି କରାଗଲେ ଛାତ୍ରଛାତ୍ରଙ୍କୁ ଉପଯୁକ୍ତ କାଉନସେଲିଂ ମିଳିବ। ସେମାନେ ଚାପରେ ଆତ୍ମହତ୍ୟା କରିବାଠାରୁ ନିବୃତ୍ତ ରହିବେ। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ବେଳେ ଏହି ରିପୋର୍ଟ ଏବେ ଚିନ୍ତାର ବିଷୟ ପାଲଟିଛି।

### ଜାତିସଂଘ ଆତଙ୍କବାଦୀ ତାଲିକାକୁ ନେଇ ହଲଚଲ

# ରିଅଲ ଇଷ୍ଟେଟ ଏଜେଣ୍ଟଙ୍କୁ ସତର୍କ କଲା ସିଟି ଆଣ୍ଡ ଜିଏସଟି ନିର୍ଦ୍ଦେଶାଳୟ

**କଟକ,୨୯।୯(ସଂଚାର ବ୍ୟୁରୋ):** ରାଜ୍ୟର ରିଅଲ ଇଷ୍ଟେଟ କାରବାରରେ ପୁଞ୍ଜିନିବେଶ କରିପାରନ୍ତି ଆତଙ୍କବାଦୀ ସଙ୍ଗଠନ। ଏନେଇ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ସବୁ ରାଜ୍ୟକୁ ସତର୍କ କରିବା ପରେ ଓଡ଼ିଶାର ରିଅଲ ଇଷ୍ଟେଟ ବ୍ୟବସାୟୀଙ୍କ ମଧ୍ୟରେ ହଲଚଲ ସୃଷ୍ଟି ହୋଇଛି। ପରିଷଦ ନିକଟରେ ଜାରି କରିଥିବା ତାଲିକା ଆଧାରରେ ରାଜ୍ୟ ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର (ସିଟି ଆଣ୍ଡ ଜିଏସଟି) ନିର୍ଦ୍ଦେଶାଳୟ ସବୁ ରିଅଲ ଇଷ୍ଟେଟ ଏଜେଣ୍ଟଙ୍କୁ ସତର୍କ କରାଇଛି। ଏଥିସହ ଅନ୍ତର୍ଜାତୀୟ ନିଷିଦ୍ଧ ବ୍ୟକ୍ତିବିଶେଷ ଓ ସଂଗଠନ ଯେପରି ଓଡ଼ିଶାରେ ନିଜର ଆର୍ଥିକ ଜାଲ ବିସ୍ତାର ନ କରିପାରିବେ ସେଥିପାଇଁ ବିଭାଗ ପକ୍ଷରୁ ସମସ୍ତ ସର୍କଲକୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି।



ସୂଚନାନୁଯାୟୀ, ଗତ ୨୦ରେ ସ୍ଥାନୀୟ ସିଟି ଆଣ୍ଡ ଜିଏସଟି କମିଶନରେଟ ମୁଖ୍ୟାଳୟ ପକ୍ଷରୁ ରାଜ୍ୟରେ ନିଜର ସମସ୍ତ ଆଞ୍ଚଳିକ ମୁଖ୍ୟଙ୍କ ନିକଟକୁ ଏକ ନିର୍ଦ୍ଦେଶାବଳୀ ଜାରି ହୋଇଛି। କେନ୍ଦ୍ରୀୟ ପରୋକ୍ଷ କର ଓ ସୀମା ଶୁଳ୍କ ବୋର୍ଡ ଅଧୀନସ୍ଥ ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଅଡିଟ୍ ପକ୍ଷରୁ ପରିଷଦର ଗତ ଅଗଷ୍ଟ ୨୭ ଓ ସେପ୍ଟେମ୍ବର ୪ ତାରିଖର ସଂଶୋଧିତ କଟକଣା ତାଲିକା ରାଜ୍ୟ ଟିକସ

**ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ଆର୍ଥିକ ଗୁଇନ୍ଦା ସଂସ୍ଥାକୁ ସୂଚନା ଦେବାକୁ ନିର୍ଦ୍ଦେଶ**

ବିଭାଗକୁ ପଠାଯାଇଥିଲା। ଏହି ନିଷିଦ୍ଧ ତାଲିକାରେ ତାଲିବାନ ଶାସନ କାଳର ପୂର୍ବତନ ଉପଶିକ୍ଷା ମନ୍ତ୍ରୀ ତଥା ନାର୍କୋଟିକ୍ସ କାରବାରରେ ସମ୍ପୃକ୍ତ ଅବଦୁଲ ସଲାମ ହାନଫି, କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସଆଇଏଲ-ଖୋରାସାନର ମୁଖ୍ୟ ସନାଉଲ୍ଲା ଗଫାରୀ (ଡାକ୍ତର ଶାହାବ ଅଲ ମୁହାଜିର) ଓ ଆଇଏସଆଇଏଲ୍ ପାଇଁ ପାଣ୍ଠି ଯୋଗାଡ଼ କରୁଥିବା ୟୁଗାଣ୍ଡାର ଅବୁବକର ସ୍ୱାଲେହ ଭଳି ଆତଙ୍କବାଦୀଙ୍କ ନାମ ରହିଛି। ଜାତିସଂଘ ସଂକଳ୍ପ ଅନୁଯାୟୀ ଏହି ବ୍ୟକ୍ତିମାନଙ୍କର ସମସ୍ତ ସମ୍ପତ୍ତି ବ୍ୟାଜ୍ୟାପ୍ତି, ଯାତ୍ରା ଉପରେ ପ୍ରତିବନ୍ଧକ ଓ ଅସ୍ତ୍ରଶସ୍ତ୍ର କାରବାର ଉପରେ କଟକଣା ଲାଗୁ ରହିଛି।

ତେଣୁ ଜମି କିମ୍ବା ଘର କାରବାର ସମୟରେ ଗ୍ରାହକଙ୍କ ପୃଷ୍ଠଭୂମି ଭଲ ଭାବେ ଯାଞ୍ଚ କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ଯଦି କୌଣସି ବ୍ୟକ୍ତି ବା ସଂସ୍ଥାର ତଥ୍ୟ ଏହି ଆତଙ୍କବାଦୀ ତାଲିକା ସହ ମେଳ ଖାଏ କିମ୍ବା ସେମାନଙ୍କ ସହ କାରବାର ସମ୍ପୃକ୍ତି ଥିବା ସନ୍ଦେହ ହୁଏ, ତେବେ ତାଙ୍କ ସହ କୌଣସି କାରବାର କରିବେ ନାହିଁ ଏବଂ ତୁରନ୍ତ ଏ ସମ୍ପର୍କରେ କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ଆର୍ଥିକ ଗୁଇନ୍ଦା ସଂସ୍ଥା 'ଫାଇନାନସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍-ଇଣ୍ଡିଆ'ର ନିର୍ଦ୍ଦେଶକ ତଥା ବିଭାଗୀୟ ନିୟାମକଙ୍କୁ ସୂଚନା ଦେବାକୁ କୁହାଯାଇଛି।

## ବୁଥ୍ ସଭାପତିଙ୍କ ଭାଇଙ୍କ ଘର ଉପରେ ଆକ୍ରମଣ ଅଭିଯୋଗ, କାଠଗଡ଼ାରେ ବିଜେପି ଗୋଷ୍ଠୀ



**କୋଲକାତା,୨୯।୯(ସଂଚାର ବ୍ୟୁରୋ):** ବିଜେପିର ଏକ ଗୋଷ୍ଠୀ ବିରୁଦ୍ଧରେ ଦଳର ଜଣେ ବୁଥ୍ ସଭାପତିଙ୍କ ଭାଇଙ୍କ ଘରକୁ ଟାର୍ଗେଟ୍ କରି ଭଙ୍ଗାରୁଜା ଓ ଲୁଟ୍‌ପାଟ୍ କରିଥିବାର ଅଭିଯୋଗ ଆସିଛି। ଏହି ଘଟଣା ସୋମବାର ରାତିରେ ଇଲାମବଜାରର ଧାରମପୁର ଅଞ୍ଚଳରେ ଥିବା ଏକୋନା ଗ୍ରାମରେ ଘଟିଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ବିଜେପି ବୁଥ୍ ସଭାପତି ଶେଖ୍ ଇଜାଜୁଲ୍ ଏକୋନା ଗ୍ରାମରେ ରୁହନ୍ତି ଏବଂ ତାଙ୍କ ଭାଇ ଶେଖ୍ ଆଶ୍ରାଫୁଲ୍ ସେଠାରୁ ଅଳ୍ପ ଦୂରରେ ବାସ କରନ୍ତି। ସେହି ରାତିରେ, ଆଞ୍ଚଳିକ କମିଟି ସହ ଜଡ଼ିତ କିଛି ବ୍ୟକ୍ତି ତାଙ୍କ ଭାଇଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଆଶ୍ରାଫୁଲ୍ ଅଭିଯୋଗ କରିଛନ୍ତି ଯେ ଘରର ଆସବାବପତ୍ରଠାରୁ ଆରମ୍ଭ କରି ଆଜବେଷ୍ଟସ୍ ଛାତ ପର୍ଯ୍ୟନ୍ତ ସବୁକିଛି ନଷ୍ଟ ହୋଇଯାଇଛି ଏବଂ ଘରୁ ବିଭିନ୍ନ ସାମଗ୍ରୀ ଲୁଟ୍ କରାଯାଇଛି। ଏହି ଘଟଣା ପରେ ସେ ଇଲାମବଜାର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି। ଆକ୍ରମଣର କାରଣକୁ ନେଇ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଥିବା ବେଳେ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି।

## ଇସିଏଲ୍ କୋଇଲା ଖଣିରୁ ଘନ ଧୂଆଁ ବାହାରିବାରୁ ଅଞ୍ଚଳରେ ଉତ୍ତେଜନା



**କୋଲକାତା, ୨୯।୯ (ସଂଚାର ବ୍ୟୁରୋ):** ଜାମୁଡିଆ ସ୍ଥିତ ଇସିଏଲ୍‌ର ଏକ କୋଇଲା ଖଣିରୁ ଧୂଆଁ ବାହାରୁଥିବା ଖବର ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏହି ଘଟଣା ମଙ୍ଗଳବାର ସକାଳେ ଜାମୁଡିଆର କେଣ୍ଡା ଅଞ୍ଚଳରେ ଥିବା 'ନ୍ୟୁ କେଣ୍ଡା' କୋଇଲା ଖଣିରେ ଘଟିଥିଲା। ଇସିଏଲ୍‌ର ଏହି ଖୋଲା-ଖଣିରୁ ଘନ ଧୂଆଁ ବାହାରୁଥିବାର ଦେଖି ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଥିଲା। ପ୍ରାଥମିକ ଅନୁମାନ ଅନୁଯାୟୀ, ଖଣି ଭିତରେ ଲାଗିଥିବା ନିଆଁ ଯୋଗୁଁ ଏହି ଧୂଆଁ ବାହାରୁଛି। ତେବେ, ଇସିଏଲ୍ ପକ୍ଷରୁ ଏହି ବିଷୟରେ ଏପର୍ଯ୍ୟନ୍ତ କୌଣସି ବିବୃତ୍ତି ଜାରି କରାଯାଇନାହିଁ।

## ବନ୍ଧୁକ ଓ ଗୁଳି ସହ ଦୁଇ ଗିରଫ

**କୋଲକାତା,୨୯।୯(ସଂଚାର ବ୍ୟୁରୋ):** ଜୟନଗର ଥାନାର ପୁଲିସକୁ ବଡ ସଫଳତା ମିଳିଛି। ଜୟନଗର ଥାନାର ଆଇସିଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିବା ଏକ ଚଢ଼ଉ ସମୟରେ ଦୁଇଜଣ ଯୁବକଙ୍କୁ ଗିରଫ କରାଯାଇଛି, ସେମାନଙ୍କ ନିକଟରୁ ଏକ ବନ୍ଧୁକ ଓ ଗୁଳି ଜବତ କରାଯାଇଛି। ପୁଲିସ ସେମାନଙ୍କ ନିକଟରୁ ଏକ ୭ ଏମ୍‌ଏମ୍ ମାଗାଜିନ୍ ଏବଂ ଛଅ ରାଉଣ୍ଡ ଗୁଳି ଜବତ କରିଛି। କର୍ତ୍ତୃପକ୍ଷ ଏହି ଅସ୍ତ୍ରର ଉତ୍ସ ଓ ଏହାର ବ୍ୟବହାର ସମ୍ପର୍କିତ ଉଦ୍ଦେଶ୍ୟର ତଦନ୍ତ କରୁଛନ୍ତି ଏବଂ ଗିରଫ ବ୍ୟକ୍ତିମାନଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି।

## ଗାଡ଼ି ଧକ୍କାରେ ଜଣେ ମୃତ, ୩ ଆହତ

**କୋଲକାତା,୨୯।୯(ସଂଚାର ବ୍ୟୁରୋ):** ଏକ ବେପାରୁଆ ଲରି ଧକ୍କା ଦେବା ଫଳରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ତିନିଜଣ ଆହତ ହୋଇଛନ୍ତି। ଏହି ଘଟଣା ସୋମବାର ରାତିରେ ହାଓଡ଼ାର ବାଙ୍କଡା ଅଞ୍ଚଳରେ ଘଟିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭଙ୍ଗା ଲୁହା ବୋଝେଇ ଏକ ବଡ଼ ଲରି ହାଓଡ଼ା-ଆମତା ରାସ୍ତା ଦେଇ ବାଙ୍କଡାରୁ ୧୬ ନମ୍ବର ଜାତୀୟ ରାଜପଥ ଆଡ଼କୁ ଦ୍ରୁତ ଗତିରେ ଯାଉଥିଲା। ବାଟରେ ଲରିଟି ବାଙ୍କଡା ମାର୍କେଟ୍ ନିକଟସ୍ଥ ଜାପାନିଜ୍ ଗେଟ୍ ଏବଂ କବ୍ରପଡ଼ା ରାସ୍ତା ନିକଟରେ ଅନେକ ଲୋକଙ୍କୁ ଧକ୍କା ଦେଇଥିଲା। ପରେ, କବ୍ରପଡ଼ା ମୋଡ଼ ନିକଟରେ ଏହା ବାଲି ବୋଝେଇ ଅନ୍ୟ ଏକ ଟ୍ରକର ପଛପଟେ ଧକ୍କା ଦେଇ ଅଟକି ଯାଇଥିଲା। ଘଟଣାସ୍ଥଳରେ ହିଁ ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସେମାନେ ଲରିକୁ ଘେରି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଉତ୍ତ୍ୟକ୍ତ ଜନତା ଗାଡ଼ିଟିକୁ ଭଙ୍ଗାରୁଜା ମଧ୍ୟ କରିଥିଲେ।

## ୪ ଜିଲ୍ଲା ପାଇଁ ୧୦ କୋଟି ଟଙ୍କାର ରିଲିଫ୍ ମଞ୍ଜୁର

● ତୁରନ୍ତ ସହାୟତା ଦେବାକୁ ଏସଆରସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ):** ଅବପାତ ବର୍ଷା ଓ ବନ୍ୟାଜନିତ କ୍ଷୟକ୍ଷତି ପରିପ୍ରେକ୍ଷୀରେ ରାଜ୍ୟର ୪ଟି ଜିଲ୍ଲା ପାଇଁ ମୋଟ ୧୦ କୋଟି ଟଙ୍କାର ରିଲିଫ୍ ସହାୟତା ମଞ୍ଜୁର କରାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସଆରସି) ପକ୍ଷରୁ ଏହି ଅର୍ଥରାଶି ମଞ୍ଜୁର ହୋଇଥିବାବେଳେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଶୀଘ୍ର ସହାୟତା ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମଞ୍ଜୁର ହୋଇଥିବା ମୋଟ ୧୦ କୋଟି ଟଙ୍କା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାକୁ ସର୍ବାଧିକ ୫ କୋଟି ଟଙ୍କା ଦିଆଯାଇଛି। ସେହିପରି ଗଞ୍ଜାମ ଜିଲ୍ଲା ପାଇଁ ୨ କୋଟି, ଗଜପତି ଜିଲ୍ଲା ପାଇଁ ୨ କୋଟି ଏବଂ ଝାରସୁଗୁଡ଼ା ଜିଲ୍ଲା ପାଇଁ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ରିଲିଫ୍ ଅର୍ଥ ମୁଖ୍ୟତଃ ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଘରର ମରାମତି, ଫସଲ କ୍ଷୟକ୍ଷତି ଓ ଅନ୍ୟାନ୍ୟ ତୁରନ୍ତ ରିଲିଫ କାର୍ଯ୍ୟରେ ବ୍ୟବହାର କରାଯିବ। କ୍ଷତିଗ୍ରସ୍ତ ଲୋକଙ୍କୁ ବିଳମ୍ବ ନ କରି ସହାୟତା ଯୋଗାଇବାକୁ ଏସଆରସିଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ କ୍ଷୟକ୍ଷତିର ଆକଳନ କରି ଯୋଗ୍ୟ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ସହାୟତା ଦେବାକୁ ପ୍ରଶାସନକୁ କୁହାଯାଇଛି। ରିଲିଫ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅର୍ଥର ସଠିକ୍ ବ୍ୟବହାର ଉପରେ ମଧ୍ୟ ନଜର ରଖାଯିବ।

## ପୁଲିସ ମାଡ଼ରେ ମହିଳା କଂଗ୍ରେସ ସଭାନେତ୍ରୀ ଆହତ, ହସ୍ପିଟାଲ୍‌ରେ ଭର୍ତ୍ତି

**ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ):** ଆଜି ଲୋୟର ପିଏମଜିରେ ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର, ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଓ ଓଡ଼ିଶାର ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଇଣ୍ଡି ମେଣ୍ଟ ତରଫରୁ ଏକ ବିଶାଳ ପରିବର୍ତ୍ତନ ର୍‍ୟାଲି ଆୟୋଜିତ ହୋଇଥିଲା। ଏହି ର୍‍ୟାଲିରେ ପ୍ରଦେଶ ମହିଳା କଂଗ୍ରେସ ସରକାର ବିରୋଧୀ ସ୍ଲୋଗାନ ଦେବା ବେଳେ ମହିଳା ପୁଲିସ ପକ୍ଷରୁ



ହଠାତ ଆକ୍ରମଣ ହୋଇ ଧସ୍ତାଧସ୍ତି ଆରମ୍ଭ କରାଯାଇଥିଲା। ପୁଲିସର ଆକ୍ରମଣ ଫଳରେ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଗୁରୁତର ଭାବେ ଆହତ ହେବାରୁ ତାଙ୍କୁ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି। ଶ୍ରୀମତୀ ବାହିନୀପତିଙ୍କ ସହ ମହିଳା କଂଗ୍ରେସର ଅନେକ ନେତ୍ରୀ ପୁଲିସର ବର୍ବର ଆକ୍ରମଣର ଶିକାର ହୋଇ ଆହତ ହୋଇଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇବା ସହ ପୁଲିସର ଏଭଳି ଅସମ୍ବିଧାନିକ ଓ ଅମାନୁଷିକ କାର୍ଯ୍ୟକୁ କଠୋର ସମାଲୋଚନା କରାଯାଇଛି।

## ସ୍ୱଚ୍ଛତା ହିଁ ସେବା ଅଭିଯାନରେ ବିଏମସିର ୱେଷ୍ଟ ଟୁ ଆର୍ଟ ପ୍ରଦର୍ଶନୀ

**ଭୁବନେଶ୍ୱର,୨୯।୯ (ସଂଚାର ବ୍ୟୁରୋ):** 'କବାଡ଼ ସେ ଯୁଗାଡ଼', 'କବାଡ଼ ସେ କଳା' ଓ 'ପ୍ଲାଷ୍ଟିକ୍ ରିସାଇକ୍ଲିଂ ମେଳା' ମାଧ୍ୟମରେ ବର୍ଜ୍ୟ ପରିଚାଳନାର ବାର୍ତ୍ତା ଦେଉଛି ବିଏମସି। ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ବର୍ଜ୍ୟବସ୍ତୁର ସୁଚାରୁ ପରିଚାଳନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସ୍ୱଚ୍ଛତା ହିଁ ସେବା-୨୦୨୬ ଅଭିଯାନ ଅଧୀନରେ ବିଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ବିଏମସି କାର୍ଯ୍ୟାଳୟରେ ଆୟୋଜିତ ପ୍ରଦର୍ଶନୀରେ ବର୍ଜ୍ୟକୁ ସମ୍ପଦରେ ପରିଣତ କରିବା ସହ ପୁନଃବ୍ୟବହାର ଓ ପୁନଃଚକ୍ରଣର ବିଭିନ୍ନ ସୃଜନଶୀଳ ପଦକ୍ଷେପଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା 'କବାଡ଼ ସେ ଯୁଗାଡ଼', 'କବାଡ଼ ସେ କଳା' ଓ 'ପ୍ଲାଷ୍ଟିକ୍ ରିସାଇକ୍ଲ ମେଳା'। ଦୈନନ୍ଦିନ ଜୀବନରେ



ଅବ୍ୟବହୃତ କିମ୍ବା ପରିତ୍ୟକ୍ତ ସାମଗ୍ରୀକୁ କିପରି ସୃଜନଶୀଳ ଢଙ୍ଗରେ ପୁନଃବ୍ୟବହାର କରାଯାଇପାରିବ, ତାହାର ବିଭିନ୍ନ ଉଦାହରଣ ଏହି ପ୍ରଦର୍ଶନୀରେ ଉପସ୍ଥାପନ କରାଯାଇଥିଲା। ବର୍ଜ୍ୟବସ୍ତୁରୁ ଉପଯୋଗୀ ଓ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ଜରିଆରେ 'ବର୍ଜ୍ୟ ନୁହେଁ, ସମ୍ପଦ' ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ଏହି ୱେଷ୍ଟ ଟୁ ଆର୍ଟ ପ୍ରଦର୍ଶନୀରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଦର୍ଶନୀ ମାଧ୍ୟମରେ ବର୍ଜ୍ୟବସ୍ତୁ ହ୍ରାସ, ପୁନଃବ୍ୟବହାର ଓ ପୁନଃପ୍ରକ୍ରିୟାକରଣର ଗୁରୁତ୍ୱକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଘରଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବର୍ଜ୍ୟ ପରିଚାଳନାରେ ସମସ୍ତଙ୍କ ଦାୟିତ୍ୱପୂର୍ଣ୍ଣ ଭୂମିକା ରହିଥିବା ବାର୍ତ୍ତା ଦିଆଯାଇଥିଲା। ଏକ ସ୍ୱଚ୍ଛ ଓ ସୁସ୍ଥ ସହର ଗଠନ କେବଳ ପୌର ସଂସ୍ଥାର ଦାୟିତ୍ୱ ନୁହେଁ; ବରଂ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ଏଥିପାଇଁ ଅତ୍ୟନ୍ତ ଆବଶ୍ୟକ। ବର୍ଜ୍ୟକୁ ଉତ୍ସସ୍ଥଳରେ ପୃଥକୀକରଣ, ପ୍ଲାଷ୍ଟିକ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀର ପୁନଃବ୍ୟବହାର ଏବଂ ପୁନଃପ୍ରକ୍ରିୟାକରଣ ଭଳି ଅଭ୍ୟାସକୁ ଦୈନନ୍ଦିନ ଜୀବନର ଅଂଶ କରିବା ଆବଶ୍ୟକ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

## ଧାନ ବିଲକୁ ଯାଇ ଆଉ ଫେରିଲେନି

**ହାତୀ ଆକ୍ରମଣରେ ଚାଲିଗଲା ଜୀବନ**

**କାମାକ୍ଷାନଗର,୨୯।୯(ସଂଚାର ବ୍ୟୁରୋ):** ସକାଳୁ ଧାନ ବିଲକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରିଲେନି। ହାତୀ ଆକ୍ରମଣରେ ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ। ମୃତକ ହେଲେ ମହାବିରୋଡ଼ ରେଞ୍ଜ ଅଧୀନସ୍ଥ କେନ୍ଦୁପଶି ଗାଁର ବୁଲା ମହାରଣା। ସକାଳୁ ନିଜ ଧାନ ଚାଷ ଜମିକୁ ଯାଇଥିବା ବେଳେ ହଠାତ୍ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଶୁଣ୍ଢରେ ବୁଲାଙ୍କୁ




ଫିଙ୍ଗିଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ବୁଲା ମହାରଣାଙ୍କୁ ମୃତ ଘୋଷଣା କରିଥିଲେ। ମହାବିରୋଡ଼ ରେଞ୍ଜର୍ କେନ୍ଦୁପଶି ଗାଁରେ ଏଭଳି ହାତୀ ଆକ୍ରମଣ ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଘଟଣା ପରେ ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ଉପରେ ନଜର ରଖାଯାଇଛି।

## ହାସିରାଣୀ ରଥଙ୍କ ବିରୁଦ୍ଧରେ କଂଗ୍ରେସର ଆବେଦନ ହାଇକୋର୍ଟରେ ଖାରଜ



**କୋଲକାତା,୨୯।୯ (ସଂଚାର ବ୍ୟୁରୋ):** ନନ୍ଦିଗ୍ରାମ ଉପ-ନିର୍ବାଚନ ପୂର୍ବରୁ ବିଜେପି ପ୍ରାର୍ଥୀ ହାସିରାଣୀ ରଥଙ୍କ ପାଇଁ ଆଶ୍ୱସ୍ତିକର ଖବର ଆସିଛି। ତାଙ୍କ ନାମାଙ୍କନ ପତ୍ରରେ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ନେଇ ଅଭିଯୋଗ ଉଠିଥିଲା ଏବଂ ଏହି ମାମଲା କୋର୍ଟରେ ମଧ୍ୟ ପହଞ୍ଚିଥିଲା। ତାଙ୍କ ନାମାଙ୍କନ ରଦ୍ଦ କରିବା ଦାବିରେ କଂଗ୍ରେସ ଦଳ କୋଲକାତା ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା। ଏଥର ବିଚାରପତି କୃଷ୍ଣ ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଏକକ ଖଣ୍ଡପୀଠ ସେହି ଆବେଦନକୁ ଖାରଜ କରିଦେଇଛନ୍ତି। ଗତ ଶୁକ୍ରବାର ଦିନ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ସମ୍ବନ୍ଧୀୟ ମାମଲାର ଶୁଣାଣି ହୋଇଥିଲା ଏବଂ ତା'ପରେ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଥିଲେ। ଶେଷରେ, ମଙ୍ଗଳବାର ହାଇକୋର୍ଟଙ୍କ ରାୟ ବିଜେପି ପ୍ରାର୍ଥୀ ହାସିରାଣୀ ରଥଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି।

# ସ୍କୁଲ ବସ୍ ପଞ୍ଜିକରଣ ହେରଫେର୍ ଧରିଛନ୍ତି ସିଏଜି

**ଭୁବନେଶ୍ୱର,୨୯।୯:** ପଞ୍ଜିକରଣ ସମୟରେ ସ୍କୁଲ ବସ୍‌କୁ ଘରୋଇ ସେବା ଯାନ ଦର୍ଶାଇବାରୁ ରାଜକୋଷର ପ୍ରାୟ ଦେଢ଼ କୋଟି ଟଙ୍କା କ୍ଷତି ହୋଇଛି। ରାଜ୍ୟର ୯ଟି ଆରଟିଓ ଦପ୍ତରରେ ଯାଞ୍ଚ ସମୟରେ ଏଭଳି ଅନିୟମିତତା ଧରିଛନ୍ତି ସିଏଜି। ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ ପରିବହନ ଯାନ ପାଇଁ ବିଭିନ୍ନ ବର୍ଗର ପରମିଟ୍ ପ୍ରଦାନ କରାଯାଇଥାଏ। ଏଥି ମଧ୍ୟରେ ସାମଗ୍ରୀ ପରିବହନ, ଠିକା ଯାନ, ଯାତ୍ରୀବାହୀ ଯାନ ପାଇଁ ସ୍ୱତନ୍ତ୍ର ପରମିଟ୍, ଘରୋଇ ସେବା ଯାନ, ଶିକ୍ଷାନୁଷ୍ଠାନ ବସ୍, ଜାତୀୟ ପରମିଟ୍ ଆଦି ରହିଛି। ଏହି ସମସ୍ତ ଅନୁମତି ବାହନ ପୋର୍ଟାଲ ଜରିଆରେ ଦିଆଯାଏ। ଓଡ଼ିଶା ମୋଟର କର ଅଧିନିୟମ ଅନୁଯାୟୀ ଯାନବାହନ ଉପରେ ଟିକସ ପୈଠ କରିବାର ଖିଲାପ ପାଇଁ ୨ ଶହ ପ୍ରତିଶତ ମଧ୍ୟ ଜରିମାନା ଆଦାୟ କରାଯାଇପାରିବ।

ସିଏଜିଙ୍କ ପକ୍ଷରୁ ୯ଟି ଆରଟିଓରେ ୩୪୬୫ଟି ସ୍କୁଲ ବସ୍ ପରମିଟ୍‌ର ଯାଞ୍ଚ କରାଯାଇଥିଲା। ଏଥିରୁ ଦେଖାଗଲା ଯେ ସେହି ବସ୍‌ଗୁଡିକୁ ଶିକ୍ଷାନୁଷ୍ଠାନ ବସ୍ ହିସାବରେ ପରମିଟ୍ ନ ଦେଇ ଘରୋଇ ସେବା ଯାନ ହିସାବରେ ପରମିଟ୍ ଦିଆଯାଇଛି। ମୋଟ୍ ୨୧୦ଟି ଯାନଠାରୁ ଏଭଳି ଟିକସ ଆଦାୟ ହୋଇଥିବା ବେଳେ ଏଥିରେ ପ୍ରଥମ ସ୍ଥାନରେ ଭୁବନେଶ୍ୱରର ଏକ ନମ୍ବର ପରିବହନ ଦପ୍ତର ରହିଛି। ଏଥିରେ ପ୍ରାୟ ଦେଢ଼ କୋଟି ଟଙ୍କାର ଟିକସ ଓ ଜରିମାନା କମ୍ ଆଦାୟ ହୋଇଥିଲା। ଏଥିସହ ବାହନ ତଥ୍ୟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ୧୯ଟି ମାମଲାରେ ଶିକ୍ଷାନୁଷ୍ଠାନ ବସ୍ ଭାବରେ ପଞ୍ଜିକୃତ ଯାନଗୁଡ଼ିକୁ ପ୍ରଦାନ କରାଯାଇଥିବା ବେଳେ ସେଗୁଡିକ ଠିକା ଯାନ କିମ୍ବା ଘରୋଇ ସେବା ଯାନ ଭାବେ ଦର୍ଶାଯାଇଛି। ୩୨ଟି ମାମଲାରେ ସେବା ପ୍ରକାରକୁ ବିଳାସପୂର୍ଣ୍ଣ, ଡିଲକ୍ସ କିମ୍ବା ଏକ୍ସପ୍ରେସ୍ ସେବା ଭାବରେ ଦର୍ଶାଯାଇଥିଲା ଯାହା ଆଦୌ ଠିକ୍ ନ ଥିଲା। କାରଣ ଏହି ପ୍ରକାରର ଅନୁମତି ଶିକ୍ଷାନୁଷ୍ଠାନ ବସ୍ ପାଇଁ ପ୍ରଯୁଜ୍ୟ ନ ଥିଲା। ବାହନରେ ଇନ୍‌ପୁଟ୍ ବୈଧତାର ଅଭାବ ଯୋଗୁଁ ଭୁଲ୍ ବର୍ଗରେ ଅନୁମତି ପ୍ରଦାନ କରାଯାଇଥିଲା ଓ ଅଯୋଗ୍ୟ ସେବାଗୁଡ଼ିକୁ ଅନୁମୋଦନ କରାଯାଇଥିଲା। ଫଳସ୍ୱରୂପ ଟିକସ ଆଦାୟ ଉପରେ ଏହାର କୁପ୍ରଭାବ ପଡିଥିଲା।

ତେବେ ସରକାର କହିଥିଲେ ଯେ ବାହନରେ ଯାନବାହାନ ଶ୍ରେଣୀର ଭୁଲ୍ ଏଣ୍ଟ୍ରି ଯୋଗୁଁ ଭୁଲ୍ ପରମିଟ୍ ପ୍ରଦାନ କରାଯାଇଥିଲା। ସମସ୍ତ ଆରଟିଓଗୁଡିକୁ ବର୍ଗୀକରଣ ସଂଶୋଧନ କରିବାକୁ ଓ ଡିମାଣ୍ଡ ନୋଟିସ୍ ଜାରି ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ତା' ପରେ ଜରିମାନା ସହ ଟିକସ ଆଦାୟ ପାଇଁ ମାମଲା ରୁଜୁ ସକାଶେ କୁହାଯାଇଛି। ସିଏଜି ଯେଉଁସବୁ ଆରଟିଓରେ ଯାଞ୍ଚ କରିଥିଲେ ସେଗୁଡିକ ମଧ୍ୟରେ ଭୁବନେଶ୍ୱର-୧, ଏଆରଟିଓ ଖୋର୍ଦ୍ଧା, ଭୁବନେଶ୍ୱର-୨, ଆରଟିଓ କଟକ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ଏଆରଟିଓ ବଡ଼ବିଲ୍, ଆରଟିଓ ମୟୂରଭଞ୍ଜ, ଏଆରଟିଓ ରାଇରଙ୍ଗପୁର, ଆରଟିଓ ରାଉରକେଲା ଓ ଆରଟିଓ ତାଳଚେର ସାମିଲ ଥିଲା। ଯେଉଁ ୨୧୦ଟି ସ୍କୁଲ ବସ୍‌କୁ ଅନ୍ୟଯାନ ବର୍ଗରେ ଦର୍ଶାଯାଇଥିଲା ସେଥି ମଧ୍ୟରେ ଗଞ୍ଜାମ ଆରଟିଓରେ ସର୍ବାଧିକ ୧୧୯ଟି ଥିବା ବେଳେ ଭୁବନେଶ୍ୱର-୧ ଆରଟିଓ ଓ ତାଳଚେର ଆରଟିଓର ୨୮ଟି ଲେଖାଏଁ ରହିଥିଲା। (ତଥ୍ୟ)

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁପୋଷିତ ଓଡ଼ିଶା...

ପ୍ରକୃତ ଶ୍ରେୟ ଆମର ଅଙ୍ଗନବାଡ଼ି କର୍ମୀ, ସହାୟିକା, ଏଏନଏମ ଓ ଆଶା କର୍ମୀମାନଙ୍କର। ପୂର୍ବରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସବୁଠାରୁ ଅଧିକ ଶିଶୁ ଓ ମାତୃ ମୃତ୍ୟୁହାର ଥିବା ରାଜ୍ୟ ଥିଲା, ମାତ୍ର ଆଜି ଏହି ଦୁଇଟି ମାପକାଠିରେ ରାଜ୍ୟ ଏକ ସନ୍ତୋଷଜନକ ସ୍ଥିତିରେ ପହଞ୍ଚିପାରିଛି। ସମାଜର ଅଧା ଜନସଂଖ୍ୟାଙ୍କ ମଙ୍ଗଳ ବିନା ବିକାଶ ଅସମ୍ଭବ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'ସୁଭଦ୍ରା ଯୋଜନା', 'ଲକ୍ଷପତି ଦିଦି', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଓ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଙ୍ଗନବାଡ଼ି ପିଲାମାନଙ୍କୁ ସ୍କୁଲ କିଟ୍ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନ ପାଇଁ ବାପାମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶା କର୍ମୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି 'ତ୍ରିରଙ୍ଗା ଥାଳି' ଓ ଗରମ ରନ୍ଧା ଖାଦ୍ୟର ଗୁଣବତ୍ତା ଅନୁଧ୍ୟାନ କରିଥିଲେ ଏବଂ ପିଲାମାନଙ୍କୁ ଖାଦ୍ୟ ମଧ୍ୟ ପରଷିଥିଲେ। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ସ୍ୱାଲ, ବିଭାଗୀୟ ନିର୍ଦ୍ଦେଶକା ମୋନିଷା ବାନାର୍ଜୀଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ଶିଶୁ ଓ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ।

## ଶୁଣାଣି ଶେଷ...

ଚାକିରି ପୂରଣ କରି ୨୦୨୪ ଜାନୁଆରୀ ୧ରୁ ଲେଭଲ-୧୬ ପାଇଁ ଯୋଗ୍ୟ ଥିଲେ ମଧ୍ୟ ସାଢ଼େ ତିନି ବର୍ଷ ଧରି ପଦୋନ୍ନତି ଅପେକ୍ଷାରେ ରହିଥିଲେ ଓ ସେମାନେ ଆଗାମୀ ୨୦୨୮ରେ ଅବସର ନେବେ। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଅସ୍ଥାୟୀ ଏକ୍ସ-କ୍ୟାଡର ପଦବୀ ମଞ୍ଜୁର କରାଇବାର ପ୍ରକ୍ରିୟା ୨୦୨୪ରୁ ଆରମ୍ଭ ହୋଇଥିଲା ଓ ଗତ ଫେବ୍ରୁଆରୀ ୪ ତାରିଖରେ ଚିଠି ଲେଖାଯାଇଥିଲା, ଯାହାକି ମେ'ରେ ଯୁପିଏସସିକୁ ତାଲିକା ପଠାଯିବାର ବହୁ ପୂର୍ବର ଘଟଣା। କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଗତ ଅଗଷ୍ଟ ୧୦ ତାରିଖରେ ରାଜ୍ୟ ସ୍କ୍ରିନିଂ କମିଟି ଦ୍ୱାରା ଶ୍ରୀ ପଣ୍ଡା ଓ ଶ୍ରୀ ଜେଠୱାଙ୍କୁ ପଦୋନ୍ନତି ଦିଆଯାଇଥିଲା। ପଦବୀ ଖାଲି ହେବା ତାରିଖ ସୁଦ୍ଧା ସେମାନେ ଲେଭଲ-୧୬ରେ ଥିବାରୁ ସେମାନଙ୍କ ନାମ ବିଚାରକୁ ନିଆଯିବା ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ବୋଲି ସଲିସିଟର ଜେନେରାଲ ଯୁକ୍ତି ବାଢ଼ିଥିଲେ। ମାତ୍ର ଖଣ୍ଡପୀଠ ଏହା ଉପରେ କଡ଼ା ଆପତ୍ତି ଉଠାଇ କହିଥିଲେ ଯେ ପ୍ରିୟ ବା ଅପ୍ରିୟ କଥା ଏଠାରେ ଉଠୁନାହିଁ, ମୂଳ କଥା ହେଉଛି ନିୟମ ଅନୁସାରେ ଢାଞ୍ଚା ଓ ପ୍ରକ୍ରିୟା ପାଳନ ହୋଇଛି କି ନାହିଁ। ମେ'ରେ ପ୍ରସ୍ତାବ ପଠାସାରିବା ପରେ ଅଗଷ୍ଟ ୧୦ ତାରିଖରେ ନିଜ ଆଡୁ ପଦୋନ୍ନତି ଦେଇ କୋର୍ଟଙ୍କ ବିନାନୁମତିରେ ସେହି ନାମଗୁଡ଼ିକୁ ପୁରୁଣା ତାଲିକାରେ ପଛପଟୁ ଯୋଡ଼ିବା ସୁପ୍ରିମକୋର୍ଟଙ୍କ ନିୟମାବଳୀର ଉଲ୍ଲଂଘନ। ଯଦି କୌଣସି ଅସାଧାରଣ ସ୍ଥିତି ଥିଲା, ତେବେ ରାଜ୍ୟ ସରକାର ଧାରା କୋର୍ଟଙ୍କ ଅନୁମତି ଲୋଡ଼ିବା ଆବଶ୍ୟକ ଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଯୁପିଏସସି ନିୟମାବଳୀ ଅନୁପାଳନ ଉପରେ ପ୍ରଶ୍ନ ଉଠାଇ କହିଥିଲେ ଯେ ନିୟମ ଅନୁସାରେ ପଦବୀ ଖାଲି ହେବାର ୩ ମାସ ପୂର୍ବରୁ ଲେଭଲ-୧୬ ତାଲିକାରୁ ଯୋଗ୍ୟ ଅଧିକାରୀଙ୍କ ନାମ ଯୁପିଏସସିକୁ ପଠାଯିବା କଥା। କିନ୍ତୁ ରାଜ୍ୟ ସରକାର ଲେଭଲ-୧୫ ସହ ଲେଭଲ-୧୬ର ନାଁକୁ ମିଶାଇ ପଠାଇ ଉଭୟ ଧାରାକୁ ଏକାକାର କରିଦେଇଛନ୍ତି। ଯଦି ଲେଭଲ-୧୬ରେ ଯୋଗ୍ୟ ଅଫିସର ଉପଲବ୍ଧ ନାହାନ୍ତି କିମ୍ବା ଯୁପିଏସସି ସେମାନଙ୍କୁ ଅନୁପଯୁକ୍ତ ମନେ କରେ, କେବଳ ସେହି ପରିସ୍ଥିତିରେ ହିଁ ଲେଭଲ-୧୫ ଅଫିସରଙ୍କ ନାମ ବିଚାରକୁ ଆସିପାରିବ।

## ହସ୍ତକ୍ଷେପ କଲା...

ପଞ୍ଚାୟତଙ୍କ ସମୟରୁ ଚାଲିଆସୁଥିବା ବେଳେ ପ୍ରଶାସନ ମୂଳ ମୁଦ୍ରଣ ଦୁର୍ନୀତିକୁ ଘୋଡ଼ାଇବାକୁ ଚେଷ୍ଟା କରିଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବେ ଜଣାଇବା ପରେ ବି କୌଣସି ପଦକ୍ଷେପ ନ ନିଆଯିବାରୁ ସେ ବାଧ୍ୟ ହୋଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପିଏମ୍‌ଓର ହସ୍ତକ୍ଷେପ ପରେ ବର୍ତ୍ତମାନ ଗଣଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କରାଯାଉଛି। ତେବେ ରାଜ୍ୟରେ ଏବେ ନୂଆ ସରକାର ଥିବାରୁ ଏହି ଆର୍ଥିକ ଅନିୟମିତତାକୁ ଦବାଇଦେବା ନ କରି ବିଭାଗ ଭଳି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏବେ ନିରପେକ୍ଷ ତଦନ୍ତ କରାଯିବାକୁ ଦାବି ଜୋର ଧରିଛି।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ...

ସହ ଆଲୋଚନା କରନ୍ତୁ। ଅଯଥା ଚିଠି ଲେଖି ବିବାଦ ଛିଡ଼ା ନ କରିବାକୁ ମଧ୍ୟ ତାଗିଦ କରାଯାଇଥିବା ଜଣାପଡ଼ିଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନରେ ଅପରାହ୍ନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ୫୬ ଜଣ ବିଧାୟକ ଓ ୧୧ ଜଣ ମନ୍ତ୍ରୀ ସାମିଲ ହୋଇଥିଲେ। ବୈଠକ ପରେ ରାଜ୍ୟ ସଭାପତି କିଛି କହିବାକୁ ମନା କରିଦେଇଥିବା ବେଳେ ବିଧାୟକମାନେ କହିଛନ୍ତି ଯେ ସାଙ୍ଗଠନିକ ଆଲୋଚନା ସହ ସେବା ସଙ୍କଳ୍ପ ଅଭିଯାନର ପରବର୍ତ୍ତୀ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ବିଧାୟକମାନଙ୍କ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ନେଇ ରାଜ୍ୟ ସଭାପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

## ମାମଲାରୁ ଓହରିଲେ...

ସେମାନଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ବିଜେଡି ପକ୍ଷରୁ ପ୍ରଥମେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ନିକଟରେ ଦାବି କରାଯାଇଥିଲା। ମାତ୍ର ବାଚସ୍ପତି ଏହି ଆବେଦନକୁ ଖାରଜ କରିଦେବାରୁ ଦଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ସୋଫିଆ ଫିର୍ଦ୍ଦୋସ, ସନାତନ ମହାକୁଡ଼, ଚକ୍ରମଣି କହଁର, ସୁବାସିନୀ ଜେନା ଓ ରମାକାନ୍ତ ଭୋଇଙ୍କ ସଭ୍ୟପଦ ରଦ୍ଦ ପାଇଁ ବିଜେଡି ହାଇକୋର୍ଟ ଯାଇଥିଲା।

## ପ୍ରଗତି ୫୦ରେ...

କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଅଧ୍ୟକ୍ଷତାରେ ପ୍ରଗତି-୫୦ର ଭର୍ଚୁଆଲ୍ ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଭର୍ଚୁଆଲ୍ ମାଧ୍ୟମରେ ଆଲୋଚନା କରିଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ମଧ୍ୟ ଏଥିରେ ଯୋଗଦେଇଥିଲେ। ଆଲୋଚନା ସମୟରେ ଡଃ ମହାପାତ୍ର ଓଡ଼ିଶାରେ ବର୍ଜ୍ୟରୁ ସମ୍ପଦ ସୃଷ୍ଟି ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଭୁବନେଶ୍ୱର, କଟକ ଓ ପୁରୀରେ କମ୍ପ୍ରେସ୍ଡ ବାୟୋ-ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ଦିଗରେ କାର୍ଯ୍ୟ ଚାଲିଥିବା ସେ ପ୍ରକାଶ କରିଥିଲେ। ଏଥିସହ ଭୁବନେଶ୍ୱର ଓ କଟକରେ ବର୍ଜ୍ୟରୁ ଚାରକୋଲ୍ ପ୍ରସ୍ତୁତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।

## ୩,୨୮୦ କୋଟିର...

ଏହାଦ୍ୱାରା ୩୫୦ ନିଯୁକ୍ତି ଲୋକଙ୍କୁ ନିଯୁକ୍ତି ମିଳିବ। ଜୟ ଭବାନୀ ଫୁଡ୍ସ କଟକରେ ୧୦୦ କୋଟି ଟଙ୍କା ନିବେଶରେ କନଫେକ୍ସନରୀ ପ୍ୟାକେଜିଂ ୟୁନିଟ୍ କରିବ ଏବଂ ଏହାଦ୍ୱାରା ୫୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଡାଉନଷ୍ଟ୍ରିମ୍ ଷ୍ଟିଲ୍ କ୍ଷେତ୍ରରେ ଦେବଗଡ଼ରେ ଏସପିଏସ ଅରିହନ୍ତ ଷ୍ଟିଲ୍ ୧୪୦ କୋଟି ଟଙ୍କା କରିବ। ଏହାଦ୍ୱାରା ୫୯୫ ନିଯୁକ୍ତି ସୃଷ୍ଟି ହେବ। ସୁନ୍ଦରଗଡ଼ରେ ଷ୍ଟିଲଏଜ୍ ଫ୍ୟାବ୍ରିକେସନ୍ ୧୦୮.୮୨ କୋଟି ଟଙ୍କା କରିବ। ଏହି ପ୍ରକଳ୍ପ ଜରିଆରେ ୩୭୫ ଯୁବକ ଯୁବତୀ ନିଯୁକ୍ତି ପାଇବେ। କଟକରେ ଭୁବନେଶ୍ୱର ଉଦ୍ୟୋଗ ୧୦୧.୯୯ କୋଟି ଟଙ୍କା କରିବ, ଯାହାଦ୍ୱାରା ୧୩୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଜୈବ ଇନ୍ଧନ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍ କୋର୍ପୋରେସନ୍ (ଆଇଓସିଏଲ) ରାଜ୍ୟର ୮ଟି ଜିଲ୍ଲାରେ - ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁରରେ ୯୬୦ କୋଟି ଟଙ୍କା ନିବେଶରେ କମ୍ପ୍ରେସଡ୍ ବାୟୋ ଗ୍ୟାସ୍ (ସିବିଜି) ପ୍ଲାଣ୍ଟ ସ୍ଥାପନ କରିବ, ଯାହା ୭୬୦ ନିଯୁକ୍ତି ସୃଷ୍ଟି କରିବ। କିନେଟା ଗ୍ଲୋବାଲ୍ ମଧ୍ୟ ଗଞ୍ଜାମରେ ୧୭୦ କୋଟି ଟଙ୍କା ନିବେଶରେ ଏକ ସିବିଜି ପ୍ଲାଣ୍ଟ ପ୍ରତିଷ୍ଠା କରିବ। ପ୍ଲାଷ୍ଟିକ୍ ଓ ସର୍କୁଲାର୍ ଇକୋନୋମି କ୍ଷେତ୍ରରେ ଶ୍ରୀ ଦକ୍ଷିଣେଶ୍ୱରୀ ମା' ପୋଲିଫ୍ୟାବ୍ସ ଖୋର୍ଦ୍ଧାରେ ୪୦୧.୬୩ କୋଟି ଟଙ୍କା ନିବେଶରେ ପିପି ଓଭେନ୍ ଫ୍ୟାବ୍ରିକ୍ ଓ ବ୍ୟାଗ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ।

## କଂଗ୍ରେସର ଗୋଟି...

ବିଜେପିର ସାଂସଦମାନଙ୍କୁ ଗାଳି ଦେଇଥିଲେ। ରାଜଧାନୀରେ ଏମ୍‌ଏମ୍‌ଡିଆର୍ ନାଁରେ ଶକ୍ତି ପ୍ରଦର୍ଶନ କରିବାରେ ବିଜେଡି ଆଉ ଏହି ପ୍ରସଙ୍ଗ ଉଠାଉ ନାହିଁ। ଆଗକୁ ଦଳର ରଣନୀତି ଏ ସଂକ୍ରାନ୍ତରେ କ'ଣ ହେବ, ତା'ର ମଧ୍ୟ କୌଣସି ସୂଚନା ନାହିଁ। ତେବେ ବିଜେଡି ପ୍ରତିବାଦର ଦିନକ ପରେ କଂଗ୍ରେସ ଆଜି ଇଣ୍ଡି ମେଣ୍ଟ ସହାୟତାରେ ରାଜଧାନୀରେ ଜୋରଦାର ପ୍ରତିବାଦ କରିଥିଲା। ସଭା ମଞ୍ଚରୁ ଦଳ ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ଆଗାମୀ ୮ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦେଇଛି। ଅତୀତରେ ଓଡ଼ିଶା ବନ୍ଦ ଡାକରା ଦେଇ କଂଗ୍ରେସ ସଫଳ ରାଜନୀତି ଗୋଟି ଚାଳନା କରିଥିବାରୁ ଆଜିର ଘୋଷଣାକୁ ନେଇ ବିଭିନ୍ନ ସ୍ତରରେ ଅଙ୍କକଷା ଚାଲିଛି। ଶାସକ ଦଳ ଶିବିର ମଧ୍ୟ ଏହାକୁ ନେଇ ଚଳଚଞ୍ଚଳ ହୋଇଛି। ତେବେ ସବୁଠାରୁ ଚିନ୍ତାରେ ପଡ଼ିଛି ବିଜେଡି। କାରଣ ସରକାର ବିରୋଧୀ ଭୋଟକୁ କିଏ କେତେ ହାତେଇବ, ତାହାକୁ ନେଇ ଏବେ ରାଜ୍ୟରେ ବିଜେଡି ଓ କଂଗ୍ରେସ ମଧ୍ୟରେ ବଳ କଷାକଷି ଚାଲିଛି। ଅନ୍ୟ ପକ୍ଷରେ ଉଭୟ ବିଜେଡି ଓ କଂଗ୍ରେସ ସମାନ ପ୍ରସଙ୍ଗରେ ବିଧାନସଭା ଅଚଳ କରି ରଖିଥିବା ବେଳେ ଶାସକ ଦଳ ହଠାତ୍ ବିଧାନସଭା ମୁଲତବୀ କରିବା ଓ ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ଏହାର ପ୍ରତିବାଦ ନ କରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶାସକ ଦଳର ଏଭଳି ରଣନୀତି କଂଗ୍ରେସ ଭୟରେ ଗ୍ରହଣ କରିଛି ଓ ବିଜେଡି ଏହାକୁ ନିରବ ସମର୍ଥନ ଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗରେ ବିଜେଡିର ଆଗାମୀ ରଣନୀତି ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସର ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ସାଙ୍ଗରେ ଇଣ୍ଡି ମେଣ୍ଟର ଦଳଗୁଡ଼ିକୁ ରଖିଛି। ଫଳରେ ରାଜ୍ୟରେ ବିଜେଡି ଏକପ୍ରକାର ଏକଘରିକିଆ ହୋଇପଡ଼ିଛି। ଅଳ୍ପଦିନ ତଳେ ରାଜ୍ୟସଭା ନିର୍ବାଚନରେ ହାତ ଧରାଧରି ହୋଇ ଚାଲିଥିବା ବିଜେଡି ଓ କଂଗ୍ରେସ କିନ୍ତୁ ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଅଲଗା ହୋଇଛନ୍ତି। ତେବେ କଂଗ୍ରେସର ଓଡ଼ିଶା ବନ୍ଦ ଡାକରାକୁ କିଭଳି ସମର୍ଥନ ମିଳୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ଥିବା ବେଳେ ଏହା ହିଁ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିରୋଧୀଙ୍କ ଭାଗ୍ୟ ସ୍ଥିର କରିବ ବୋଲି କୁହାଯାଉଛି।

## ଅନ୍ତରାଜ୍ୟ ଚୋରକୁ କାବୁ କଲା ପଡ଼ିଆ ପୁଲିସ



ମାଲକାନଗିରି, ୨୯।୯ (ସଂଚାର ବ୍ୟୁରୋ): ଘରେ କେହି ନଥିବାର ସୁଯୋଗ ନେଇ ଚୋରି କରୁଥିବା ଜଣେ ଅନ୍ତରାଜ୍ୟ ଚୋରକୁ କାବୁ କରିଛି ପଡିଆ ପୁଲିସ। ମାଲକାନଗିରି ଜିଲ୍ଲାର ସୀମାବର୍ତ୍ତୀ ପଡିଆ ଥାନା ଅଞ୍ଚଳରେ ଚୋରି ଘଟଣାର ତଦନ୍ତ କରି ପୁଲିସ ଭଦ୍ରାଚଳମ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ କାନିଥି ଭେଙ୍କେଟେଶ୍ୱରାଲୁ ବୋଲି ଜଣାପଡିଛି ।

ପୁଲିସ ସୂଚନା ଅନୁଯାୟୀ, ଏମଭି-୧୧୭ ଗ୍ରାମର ପୂର୍ଣ୍ଣିମା ସାନା ଅସୁସ୍ଥତା କାରଣରୁ ଗତ ୨୦ ସେପ୍ଟେମ୍ବର ଦିନ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ରାତିରେ ଘରର ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗ ହୋଇଥିଲା। ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ନଗଦ ପ୍ରାୟ ୧୦ ହଜାର ଟଙ୍କା, ସୁନା ମୁଦି, ସୁନା ଚେନ୍ ସହ ଏକ ମାଟି କୁଣ୍ଡିରେ ରହିଥିବା ପ୍ରାୟ ୬ରୁ ୮ ହଜାର ଟଙ୍କା ଥିବା ଜଣାପଡ଼ିଛି। ଏହି ଘଟଣା ସମ୍ପର୍କରେ ପୂର୍ଣ୍ଣିମା ପଡିଆ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ସୂଚନା ଓ ସ୍ଥାନୀୟ ଖବରଦାତାଙ୍କ ସହଯୋଗରେ ଜାଲ ବିଛାଇ ଅଭିଯୁକ୍ତ ଭେଙ୍କେଟେଶ୍ୱରାଲୁଙ୍କୁ କାବୁ କରାଯାଇଥିଲା। ପୁଲିସର ପଚରାଉଚରା ସମୟରେ ଅଭିଯୁକ୍ତ ଏମଭି-୧୧୭ ଗ୍ରାମର ପୁର୍ଣିମା ଙ୍କ ଘରେ ଚୋରି କରିଥିବା ଘଟଣାରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ତଦନ୍ତରୁ ଅଭିଯୁକ୍ତ ପୂର୍ବରୁ ୨୦୧୦ରୁ ୨୦୨୬ ମଧ୍ୟରେ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ପ୍ରାୟ ୨୫ଟି ଡକାୟତି ମାମଲାରେ ଜଡ଼ିତ ଥିବା ସୂଚନା ମିଳିଛି।

## ୭.୫ ଲକ୍ଷ ଟଙ୍କାର ହେରୋଇନ୍ ଜବତ, ଜଣେ ଗିରଫ



ଯାଜପୁର ରୋଡ଼, ୨୯।୯ (ସଂଚାର ବ୍ୟୁରୋ): ଡୋଲିପୁର ଅବକାରୀ ବିଭାଗ ଥାନାକୁ ଆଜି ଏକ ବଡ଼ ସଫଳତା ମିଳିଛି। ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଚୁନଭାଟି ପୁଟ ସାଇ ମନ୍ଦିର ନିକଟ ଅଂଚଳରେ ଦିନ ଏକ ଘଟିକା ସମୟରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଏକ ଏନଡିପିଏସ ମାମଲାର ଏକ ଅଭିଯୁକ୍ତଙ୍କୁ ଚିହ୍ନଟ କରାହୋଇଛି ଏବଂ ଡୋଲିପୁର ଅବକାରୀ ଷ୍ଟେସନରେ ଅଭିଯୁକ୍ତଙ୍କ ନାମରେ କେସ ନଂ ୧୭୨/୨୬-୨୭ରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଛୋଟପୁରୁଷ ଅଂଚଳର ସଲେଖ ଦାସ ବୋଲି ଜଣାପଡିଛି। ଜବତ ସାମଗ୍ରୀ ୭୫ ଗ୍ରାମ ହେରୋଇନ୍ ହୋଇଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୭.୫ ଲକ୍ଷ ଟଙ୍କା ବୋଲି ଅନୁମାନ କରାଯାଉଛି। ଏହି ଚଢ଼ାଉ ସମୟରେ ଡୋଲିପୁର ଅବକାରୀ ବିଭାଗ ଥାନା ଓଆଇସି- ରାମେଶ୍ୱର ମହାନ୍ତି, ରଶ୍ମିରେଖା ଜେନା, ଏଏସଆଇ ମାଳତୀ ମାଝୀ, କନଷ୍ଟେବଲ ବିକ୍ରମ ବେହେରା ଓ ଅନ୍ୟ କନଷ୍ଟେବଲ ମାନେ ଉପସ୍ଥିତ ଥିଲେ।

## ଘରପୋଡ଼ି ମାମଲାରେ ମୁଦାଲା ଖଲାସ

ନୀଳଗିରି, ୨୯।୯ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ପୁର ଗ୍ରାମରେ ୪/୯/୨୨ ମସିହା ରାତି ପ୍ରାୟ ୧୧.୩୦ ସମୟରେ ବାସଗୃହ ସହ ଏକ ଦୋକାନ ଗୃହ ପୋଡିକୁ ନେଇ,ଉକ୍ତ ଗ୍ରାମ ର ବୃନ୍ଦାବନ ରଣାଙ୍କ ପୁତ୍ର ରମେଶ ଚନ୍ଦ୍ର ରଣା ନାଁ ରେ ନିଜ ଗିରି ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲା ମୂଳେ ନୀଳଗିରି ଥାନାରେ ୨୫୩/୫/୯/୨୨ମାମଲା ଦରଜ ହୋଇଥିଲା। ସୂଚନା ମୁତାବକ ଉକ୍ତ ଗ୍ରାମରେ ଲକ୍ଷ୍ମୀଧର ପତିଙ୍କ ପୁତ୍ର ହରେନ୍ଦ୍ର ପତିଙ୍କୁ ଉକ୍ତ ଘରପୋଡି ମାମଲାରେ ପୋଲିସ ଦୋଷୀ ସାବସ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା। ଉକ୍ତ ମୋକଦମାରେ ସମସ୍ତ ସାକ୍ଷୀ ଓ ପ୍ରମାଣପତ୍ରକୁ ଭିତ୍ତିକରି ଆଜି ମାନ୍ୟବର ନୀଳଗିରି ଅତିରିକ୍ତ ଦୌରାଜକ୍ ଜ୍ୟୋତିସିନି କର ମୁଦାଲା ହରେନ୍ଦ୍ର ପତିଙ୍କୁ ନିର୍ଦ୍ଦୋଷ ରେ ଖଲାସ କରିଛନ୍ତି। ମୁଦାଲା ହରେନ୍ଦ୍ର ପତିଙ୍କ ତରଫରୁ ବରିଷ୍ଠ ଆଇନଜୀବି ଦିଗମ୍ବର ସ ମକୋଦମା ଲଢୁଥିଲେ।

### ଅବକାରୀ ଚଢ଼ାଉ ବେଳେ ତୁମୁଳକାଣ୍ଡ

## ଆକ୍ରମଣରେ ମହିଳା ଅବକାରୀ ଏସ୍‌ଆଇ ଆହତ; ୫ ଗିରଫ, ୫ ବାଇକ୍ ଜବତ



ସୁନ୍ଦରଗଡ଼, ୨୯।୯ (ସଂଚାର ବ୍ୟୁରୋ): ବେଆଇନ ମଦ କାରବାର ବିରୋଧରେ ଅବକାରୀ ବିଭାଗର ଚଢ଼ାଉ ସମୟରେ ତୁମୁଳକାଣ୍ଡ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ଧରୁଆଡିହି ଥାନା ଅନ୍ତର୍ଗତ ଅଲଙ୍ଗପାଣି, ମାମମୁଣ୍ଡା ଓ ଧାଉଁଲାଖାମାନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ବେଳେ କିଛି ଦୁର୍ବୃତ୍ତ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ଦେବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ଚଢ଼ାଉ ସମୟରେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରାଯିବା ସହ ସରକାରୀ ଗାଡ଼ି ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାରେ ଜଣେ ମହିଳା ଅବକାରୀ ଏସ୍‌ଆଇ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆକ୍ରମଣରେ ଗୁରୁତର ଆହତ ହୋଇଥିବା ମହିଳା ଏସ୍‌ଆଇଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ସୂଚନା ମିଳିଛି। ଘଟଣା ପରେ ଧରୁଆଡିହି ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜୋରଦାର କରିଛି।

ଏହି କ୍ରମରେ ଆଜି ସୁନ୍ଦରଗଡ଼ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଧରୁଆଡିହି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଅଭିଯାନରେ ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର ନିଜେ ଉପସ୍ଥିତ ଥିବାବେଳେ ଧରୁଆଡିହି ଥାନା ଅଧିକାରୀ ଅଶୋକ କୁମାର ଦାସ, ଭଞ୍ଜୁ ଥାନା ଅଧିକାରୀ ଅମର ହୋତାଙ୍କ ସମେତ ପ୍ରାୟ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ପୋଲିସର ଏହି ଚଢ଼ାଉ ସମୟରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫ଟି ବାଇକ୍ ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି। ତେବେ ଘଟଣାରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଛି ଏବଂ ସେମାନେ କେଉଁଠାରେ ଅଛନ୍ତି, ସେନେଇ ପୋଲିସ ତଦନ୍ତ କରି ଜେଣକୁ ଗିରଫ କରିଥିବା ସୂଚନା ମିଳିଛି

# ଅବ୍ୟବସ୍ଥାରେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

### ମେଡିକାଲ ଛାତରୁ ଗଳୁଛି ପାଣି

### କ୍ୱାର୍ଟର ଛାତ ଉପରେ ପାଲ ଘୋଡାଇ ରହୁଛନ୍ତି କର୍ମଚାରୀ

### ପାଣି ପାଇଁ ରୋଗୀ ହନ୍ତସନ୍ତ



ଫୁଲବାଣୀ,୨୯।୯ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ମୁଖ୍ୟାଳୟରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବର୍ତ୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି। ମେଡିକାଲ କର୍ମଚାରୀ ରହିବା ପାଇଁ କ୍ୱାଟର ଥିଲେ ମଧ୍ୟ କ୍ୱାଟରଗୁଡ଼ିକ ଭାଙ୍ଗି ରୁଜି ନଷ୍ଟ ହୋଇ ରହିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ଅଧିକାଂଶ ଘରର ପାଣି ଗଳୁଛି। ଯାହାଦ୍ୱାରା କର୍ମଚାରୀ ଓ ଡାକ୍ତର ଘର ଉପରେ ପାଲ ପକାଇ ବହୁ କଷ୍ଟରେ ରହୁଛନ୍ତି । ବର୍ଷା ହେଲେ ଘର ଭିତରେ ପାଣି ଭର୍ତ୍ତି ହୋଇ ରହୁଛି। ଯାହାଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ମେଡିକାଲର ବି ସମାନ ଅବସ୍ଥା। ମେଡିକାଲର ଅଧିକାଂଶ ଛାତ ସିଲିଂରୁ ପାଣି ଗଳୁଛି। ବର୍ଷାରେ ଘର ଭିତରେ ପାଣି ଜମି ରହୁଛି। ଯାହାଦ୍ୱାରା ସ୍ୱାସ୍ଥ୍ୟ ସେବାରେ ବାଧା ଉପୁଜୁଛି ।

ପ୍ରତିବର୍ଷ ଲକ୍ଷାଧିକ ଟଙ୍କାରେ ମେଡିକାଲ ଗୃହ ମରାମତି କରାଯାଉଛି କିନ୍ତୁ ଗ୍ରୀଡିଙ୍ଗ ହୋଇଥିଲେ ମଧ୍ୟ କାମରେ ଲାଗୁନି। ବାଧ୍ୟ ହୋଇ ବର୍ଷା ପାଣି ଗଳି ଭିତରେ ଚାରିଆଡେ ପାଣି ଜମୁଛି। ରୋଗୀ ରହୁଥିବା ଇଣ୍ଡୋରରେ ମଧ୍ୟ ସମାନ ଅବସ୍ଥା। ବାରମ୍ବାର ମେଡିକାଲର ସମସ୍ୟା ନେଇଁ ଅଭିଯୋଗ ହେଉଥିଲେ ମଧ୍ୟ କେହି ଶୁଣୁନଥିବାରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର।

ଏକ୍ସରେ ଭଳି ବିଭିନ୍ନ ଦାମୀ ମେସିନ ପଡି ରହିଛି। ଏଥିପାଇଁ ଟେକନିସିଆନ ମଧ୍ୟ ନିଯୁକ୍ତି ହୋଇଛନ୍ତି କିନ୍ତୁ କାମରେ ଲାଗୁନି। ଯାହାଦ୍ୱାରା ରୋଗୀମାନେ ବାଧ୍ୟ ହୋଇ ଫୁଲବାଣୀ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଅନ୍ୟପଟେ ମେଡିକାଲରେ ପାଣି ସମସ୍ୟା ଯୋଗୁଁ ରୋଗୀ, କର୍ମଚାରୀ ଓ ଡାକ୍ତରମାନେ ହନ୍ତସନ୍ତ ହେଉଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ଟୋପାଏ ମିଳୁନାହିଁ। ବାଧ୍ୟ ହୋଇ ବାହାରକୁ ଯିବାକୁ ପଡୁଛି। ତେଣୁ ବିଭିନ୍ନ ସମସ୍ୟାକୁ ଦୃଷ୍ଟି ଦେଇ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ସମାଧାନ ପାଇଁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହେଉଛି ।

## ୧୮୧ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ଉଦ୍‌ଯାପିତ




ବାଲିଅନ୍ତା,୨୯।୯ (ସଂଚାର ବ୍ୟୁରୋ): ବାଲିଅନ୍ତା ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧୀନସ୍ଥ ୧୮୧ଟି ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା, ଏବଂ ଆଶା କର୍ମୀମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଫଳ- ଝୁଡ଼ି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ମାତୃ-ଶିଶୁ ସେବା, ପୋଷଣ ଓ ସମାଜ କଲ୍ୟାଣ କ୍ଷେତ୍ରରେ ସେମାନଙ୍କର ଅବଦାନକୁ ଏହି ଅବସରରେ ପ୍ରଶଂସା କରାଯାଇଥିଲା। ବିଜେତା ବାପାମାନଙ୍କୁ ପୁରସ୍କାର ପ୍ରଦାନ ସହ ପ୍ରମାଣପତ୍ର ଓ ଫଳ ଝୁଡ଼ି ଦେଇ ସମ୍ମାନିତ କରାଯାଇଥିଲା। ଶିଶୁମାନଙ୍କ ପୋଷଣରେ ପିତାଙ୍କ ସକ୍ରିୟ ଭୂମିକା ଓ ପରିବାରରେ ସୁସ୍ଥ ଖାଦ୍ୟାଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ଦିବସର ଅନ୍ୟତମ ଆକର୍ଷଣ ଥିଲା 'ତ୍ରିରଙ୍ଗା ପ୍ଲେଟ୍'। ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ଭାତ, ଡାଲମା, ଦୁଇଟି ଅଣ୍ଡା ସହ ଅଣ୍ଡା ତରକାରୀ, ଶାଗ, ଖଟା ଓ ସାଲାଡ୍ ଭଳି ପୌଷ୍ଟିକ ଓ ସନ୍ତୁଳିତ ଖାଦ୍ୟ ପ୍ରସ୍ତୁତ କରାଯାଇଥିଲା। ଶିଶୁ ଓ ଅଭିଭାବକମାନଙ୍କୁ ସନ୍ତୁଳିତ ଖାଦ୍ୟ, ସ୍ଥାନୀୟ ଖାଦ୍ୟ ଓ ପୋଷଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ମହିଳା ଓ ଶିଶୁମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ସେଗୁଡ଼ିକର ସୁବିଧା ଓ ଯୋଗ୍ୟ ହିତାଧିକାରୀମାନେ କିପରି ଏହାର ଲାଭ ପାଇପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା।

## ବୋରିଗୁମ୍ମା ବନ୍ୟା ବିପନ୍ନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଣଦେଖା



ବୋରିଗୁମ୍ମା,୨୯।୯ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ରବିବାର ଦିନ କୋଟପାଡ଼ ବନ୍ୟାଞ୍ଚଳ ପରିଦର୍ଶନ କରିବା ପାଇଁ ଜୟପୁର ବିମାନ ବନ୍ଦର ରୁ ବାହାରି ବୋରିଗୁମ୍ମା ସହର ଦେଇ କୋଟପାଡ଼ ଯାଇଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ କର୍ମୀ ଓ କିଛି ସାଧାରଣ ଲୋକ ଥାନା ସମ୍ମୁଖରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ବୋରିଗୁମ୍ମା ବନ୍ୟାଞ୍ଚଳ ପରିଦର୍ଶନ ସହ ବନ୍ୟା ବିପନ୍ନଙ୍କୁ ଭେଟିବା ପାଇଁ ନିବେଦନ ଜଣାଇଥାନ୍ତେ। କିନ୍ତୁ ବୋରିଗୁମ୍ମା ପୋଲିସ ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ସୁଯୋଗ ଦେବା ବଦଳେ ସେମାନଙ୍କୁ ଥାନାରେ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଏହି ବିଷୟକୁ ବିଜେଡି ନିନ୍ଦା କରୁଛି ବୋଲି ଆଜି ଦୋରା କମ୍ପ୍ଲେକ୍ସ ଠାରେ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ସୂଚନା ଦେଇଛନ୍ତି।

କୋଟପାଡ଼ ଓ ବୋରିଗୁମ୍ମା ବ୍ଲକର ଜନସାଧାରଣ ବନ୍ୟା ପାଣିରେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟର ଅସଂବେଦନଶୀଳ ସରକାର ନିଜର ପ୍ରଚାର ଓ ଭୋଟ୍ ବ୍ୟାଙ୍କ ରାଜନୀତିରେ ମାତିଛନ୍ତି। ସରକାର ସେମାନଙ୍କ ପ୍ରଚାର କରୁଛନ୍ତି କିନ୍ତୁ ପ୍ରତିକାର ନାହିଁ। କୋଟପାଡ଼ ବ୍ଲକର ପଞ୍ଚାୟତ ଗୁଡ଼ିକ ଜଳମଗ୍ନ ହୋଇ ହଜାର ହଜାର ଲୋକ ବାସହୀନ ହୋଇପଡ଼ିଥିବା ବେଳେ ମୁଖ୍ୟମନ୍ତ୍ରୀ କେବଳ ଗାଡ଼ି ବୁଲାଇ କେରଳର ନୌକା ବାହାନା ଭଳି ବନ୍ୟା ଦେଖି ଚାଲିଗଲେ! ଗୋଟିଏ ବି ବଡ଼ ସହାୟତା କି କ୍ଷତିପୂରଣ ପ୍ୟାକେଜ୍ ଘୋଷଣା ହେଲାନାହିଁ।

ବୋରିଗୁମ୍ମାରେ ୨,୪୮୦ରୁ ଉର୍ଦ୍ଧ୍ୱ ଲୋକ ଆଶ୍ରୟସ୍ଥଳୀରେ ପଡ଼ିରହିଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ୫ ମିନିଟ୍ ପାଇଁ ଗାଡ଼ି ନରଖି, ବ୍ଲକ ପ୍ରଶାସନ କିମ୍ବା ଜନପ୍ରତିନିଧିଙ୍କ ସହ କଥା ନହୋଇ ସିଧା ଚାଲିଗଲେ। ଏହା ବୋରିଗୁମ୍ମା ବ୍ଲକ ବାସୀଙ୍କ ପ୍ରତି ସରକାରଙ୍କ ଚରମ ଅବହେଳା ନୁହେଁ ତ ଆଉ କ'ଣ? ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ବ୍ଲକ ବିଜେଡି ସଭାପତି ଏଲ ନାରାୟଣ ରାଓ, ପୂର୍ବତନ ସଭାପତି ବିବେକାନନ୍ଦ ପଟ୍ଟନାୟକ, କେଶବ ପଣ୍ଡା,ନରେନ୍ଦ୍ର ବିଶୋଇ, ପ୍ରସାଦ ସାହୁ, ବୁଡା ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟବାଦୀରେ 'ଆଙ୍ଗନ କା ଉତ୍ସବ-୨୦୨୬' ଉଦ୍‌ଯାପିତ



ସତ୍ୟବାଦୀ,୨୯।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସେପ୍ଟେମ୍ବର ୨୭ ତାରିଖରୁ ଜିଲ୍ଲାରେ ତିନିଦିନିଆ 'ଆଙ୍ଗନ କା ଉତ୍ସବ-୨୦୨୬' ଆଜି ଉଦ୍‌ଯାପିତ ହୋଇଛି। 'ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଉତ୍ସବରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁ, ଗର୍ଭବତୀ ଓ ପ୍ରସୂତି ମା'ଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କୁ ସାମିଲ କରାଯାଉଛି। ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି ଜନସାଧାରଣଙ୍କ ଆସ୍ଥା ଓ ଯୋଗଦାନ ବୃଦ୍ଧି କରିବା ସହ ଶିଶୁମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍ ଶିକ୍ଷା ପ୍ରଦାନ ସମ୍ପର୍କରେ ଅଭିଭାବକ ଓ ସମାଜକୁ ସଚେତନ କରିବା ଉତ୍ସବର ମୁଖ୍ୟ ଲକ୍ଷ୍ୟ ରହିଛି।

ସତ୍ୟବାଦୀ ବ୍ଲକ ଅଧୀନରେ ଥିବା ୧୬୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଉତ୍ସବ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ପ୍ରଥମ ଦିନ ଶିଶୁମାନଙ୍କ ବାପାମାନଙ୍କୁ ନେଇ 'ପୋଷଣ ପିଠା' ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନ ଶିଶୁମାନଙ୍କୁ ନେଇ ଖେଳକୁଦ, ଚିତ୍ରାଙ୍କନ, ଗୀତ, ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ ଓ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତୃତୀୟ ଦିନ 'ପୋଷଣ ପିଠା' ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଅଭିଭାବକଙ୍କୁ ଉତ୍ତରୀୟ, ପ୍ରମାଣପତ୍ର ଓ ଫ୍ରୁଟ୍ ବାସ୍କେଟ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ଖାତା, ପେନସିଲ ଓ ରବର ଉପହାର ଦିଆଯାଇଥିଲା। ପୁରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତାଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ବ୍ଲକର ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରିଣୀ ତଥା ଶିଶୁ ସୁରକ୍ଷା ଅଧିକାରିଣୀ ରାଜଲକ୍ଷ୍ମୀ ଦାଶ ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ କରି କାର୍ଯ୍ୟକ୍ରମର ତଦାରଖ କରିଥିଲେ।

## ଢେଙ୍କାନାଳ ଜିଲ୍ଲା ଗସ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ



ଢେଙ୍କାନାଳ,୨୯।୯ (ସଂଚାର ବ୍ୟୁରୋ): ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍ ଗୋପାଳନ ଆଜି ଢେଙ୍କାନାଳ ଜିଲ୍ଲା ଗସ୍ତ କରି ନିର୍ବାଚନ ସାମଗ୍ରୀ ଗୋଦାମର ଯୁଗ୍ମ ଯାଞ୍ଚ କରିବା ସହ ଏ ସଂକ୍ରାନ୍ତୀୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ।

ଗସ୍ତ ଅବସରରେ ଶ୍ରୀ ଗୋପାଳନ ସମ୍ପୃକ୍ତ ଜିଲ୍ଲା ଅଧିକାରୀ ଓ ପ୍ରତିନିଧିମାନଙ୍କ ସହ ନିର୍ବାଚନ ସାମଗ୍ରୀ ଗୋଦାମ ପରିଦର୍ଶନ କରି ଯୁଗ୍ମ ଯାଞ୍ଚ କରିଥିଲେ। ନିର୍ଦ୍ଧାରିତ ନିୟମାବଳୀ ଓ ସୁରକ୍ଷା ପ୍ରୋଟୋକଲ ଅନୁଯାୟୀ ଗୋଦାମରେ ରହିଥିବା ବ୍ୟବସ୍ଥାର ସେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଗୋଦାମରେ ନିର୍ବାଚନ ସାମଗ୍ରୀର ସଂରକ୍ଷଣ, ସୁରକ୍ଷା ଓ ସାମଗ୍ରିକ ପରିଚାଳନା ସମ୍ପର୍କିତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆଇଏଏସ୍ (ପ୍ରୋବେସନ) ସୁଶ୍ରୀ ସୁଧା ଚୌହାନ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଢେଙ୍କାନାଳ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ଡେପୁଟି କଲେକ୍ଟର ସୁଶ୍ରୀ ନିବେଦିତା ରାଉତଙ୍କ ସମେତ ସମ୍ପୃକ୍ତ ନିର୍ବାଚନ ଅଧିକାରୀମାନେ ଉପସ୍ଥିତ ଥିଲେ।

## କ୍ୱାକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ



ହିଞ୍ଜିଳିକାଟୁ,୨୯।୯ (ସଂଚାର ବ୍ୟୁରୋ): ହିଞ୍ଜିଳି ବ୍ଲକ ଗଣ୍ଡଳା ଗ୍ରାମର ସୁବାଷ ଚନ୍ଦ୍ର ପାଢ଼ୀ (୬୫)କ୍ଲିନିକ ବନ୍ଦ କରି ମୋଟର ସାଇକେଲ ଯୋଗେ ନିଜ ଗ୍ରାମ ଗଣ୍ଡଳା ଫେରୁଥିବା ସମୟରେ ଅଜଣା ଦୁର୍ବୃତ୍ତଙ୍କ ମାଡ଼ର ଶିକାର ହୋଇଥିଲେ। ପରେ ୩ ଦୁର୍ବୃତ୍ତ ବୁଲେଟ ସାହାଯ୍ୟରେ ସାହାପୁର, ଶିଖରପୁର ଜଙ୍ଗଲ ଦେଇ ଫେରାର ହୋଇଥିଲେ। କ୍ୱାକଙ୍କୁ ପ୍ରଥମେ ବେଲ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଘଟଣାରେ ବେଲ ଗାଁ ପୁଲିସ ବୁଲେଟ ଜବତ ସହ ଦୁଇ ନାବାଳକଙ୍କୁ ବାଳ ସୁଧାରଗୃହ ପଠାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଜାମୁନୀ ଗ୍ରାମର ଏକାଦଶୀ ନାୟକଙ୍କ ପୁଅ ଶିବ ଶଙ୍କର ନାୟକ (୧୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଶିବ ଘଟଣା ପରେ ବାଙ୍ଗାଲୋର ଚାଲିଯାଇଥିଲା। ଅନ୍ୟ ଦୃର୍ବୃତ୍ତ ୨ ଜଣ ମୋବାଇଲ ନେଇ ହୁଣ୍ଡିତ ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ୩ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଓ ପରେ ଟ୍ରାକିଙ୍ଗ କରି ପାଇଥିବା ବେଲ ଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନ ସୂଚନା ଦେଇଛନ୍ତି। ଶିବ ଶଙ୍କର ବୁଲେଟକୁ ୭୦ ହଜାର ଟଙ୍କାରେ ଅନ୍ୟ ଜଣକୁ ବିକ୍ରି କରିଥିବା ଓ ପରେ ବୁଲେଟକୁ ଜବତ କରିଥିବା ପୋଲିସ ସୂଚନା ଦେଇଛି |

### ମାନବିକତାର ପରିଚୟ ଦେଲେ ଧର୍ମଶାଳା ବିଧାୟକ

## ୧୬ ମାସର କୁନି ଝିଅର ଚିକିତ୍ସା ପାଇଁ ଦେଲେ ୫ ଲକ୍ଷ



ଧର୍ମଶାଳା,୨୯।୯ (ସଂଚାର ବ୍ୟୁରୋ): ମାନବିକତା, ସମ୍ବେଦନଶୀଳତା ଓ ଜନସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଧର୍ମଶାଳାର ମାନ୍ୟବର ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅରେଇକଣା ଗ୍ରାମପଞ୍ଚାୟତର ରମାପୁର ଗ୍ରାମର ମୁକେଶ ଚନ୍ଦ୍ର ରାୟଙ୍କ ୧୬ ମାସର କୁନି ଝିଅ ତ୍ରିସିକା ରାୟଙ୍କ ଚିକିତ୍ସା ନିମନ୍ତେ ନିଜର ମାସିକ ଦରମାରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ବିଧାୟକ।

ସୂଚନା ଅନୁଯାୟୀ, ତ୍ରିସିକା ଏକ ଦୁର୍ଲଭ ତଥା ଗୁରୁତର ସ୍ନାୟୁଜନିତ ରୋଗ 'ସ୍ପାଇନାଲ୍ ମସ୍କୁଲାର ଆଟ୍ରୋଫି (ଏସ୍‌ଏମ୍‌ଏ) ଟାଇପ୍-୨'ରେ ପୀଡ଼ିତ ଅଛନ୍ତି। ଏତେ କମ୍ ବୟସରେ ଏଭଳି ଗୁରୁତର ରୋଗରେ ପୀଡ଼ିତ ହୋଇଥିବାରୁ ତ୍ରିସିକାଙ୍କ ପରିବାର ଗଭୀର ଚିନ୍ତା ଓ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। କୁନି ଝିଅଟିର ଚିକିତ୍ସା ପାଇଁ ପ୍ରାୟ ୧୬ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଖର୍ଚ୍ଚ ଆବଶ୍ୟକ ଥିବା ଜଣାପଡ଼ିଛି।

ଏଭଳି ଏକ ସମ୍ବେଦନଶୀଳ ପରିସ୍ଥିତିରେ ବିଧାୟକ ଶ୍ରୀ ସାହୁ ନିଜର ମାସିକ ଦରମାରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରି ତ୍ରିସିକାଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କର ଏହି ମାନବିକ ପଦକ୍ଷେପ ଅସହାୟ ପରିବାରକୁ ଆଶ୍ୱାସନା ଦେବା ସହ କୁନି ଝିଅଟିର ଚିକିତ୍ସା ପାଇଁ ଆଶାର ଆଲୋକ ସୃଷ୍ଟି କରିଛି।

## ଦୁଇ ମନ୍ତ୍ରୀଙ୍କୁ ଭେଟିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ



ପାରାଦୀପ,୨୯।୯ (ସଂଚାର ବ୍ୟୁରୋ): ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶକୁ ଆହୁରି ଗତିଶୀଳ କରିବା ଲକ୍ଷ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ସରକାରଙ୍କ ସହ ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ପିପିଏ ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ, ଆଇଆରଏସଇଇ, ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଛନ୍ତି।

ସାକ୍ଷାତକାର ସମୟରେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର ପ୍ରାଧିକରଣ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ନେଇ ଆଲୋଚନା ହୋଇଥିଲା। ଶିଳ୍ପ କ୍ଷେତ୍ରରେ ନୂତନ ନିବେଶକୁ ଉତ୍ସାହିତ କରିବା, ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ପାରାଦୀପ ବନ୍ଦରକୁ କେନ୍ଦ୍ର କରି ଆର୍ଥିକ କାର୍ଯ୍ୟକଳାପର ସମ୍ପ୍ରସାରଣ ନେଇ ମତ ବିନିମୟ ହୋଇଥିଲା।

# ପୁଲିସ ନିଷ୍କ୍ରିୟତା ଯୋଗୁଁ ଅଚଳ ଅସ୍ତରଙ୍ଗ ମୁଖ୍ୟ ବଜାର

### ରାସ୍ତା ଜବରଦଖଲ କରି ବ୍ୟବସାୟ, ଭିଡ଼ ନିୟନ୍ତ୍ରଣରେ ଫେଲ୍ ପୁଲିସ

### ଘଣ୍ଟା ଘଣ୍ଟା ଧରି ଫସୁଛନ୍ତି ଛାତ୍ରଛାତ୍ରୀ, ଅଟକୁଛି ଆମ୍ବୁଲାନ୍ସ, ହନ୍ତସନ୍ତ ପର୍ଯ୍ୟଟକ



କାକଟପୁର/ଅସ୍ତରଙ୍ଗ,୨୯।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଏବେ ଅଚଳ। ପ୍ରତିଦିନ ଯାତାୟାତ ବାଧାପ୍ରାପ୍ତ ହେଉଛି। ବଜାରର ମୁଖ୍ୟ ରାସ୍ତାକୁ କିଛି ଅସାଧୁ ବ୍ୟବସାୟୀ ଜବରଦଖଲ କରି ଦୋକାନ ଆଗକୁ ଠେଲି ବ୍ୟବସାୟ କରୁଥିବା ବେଳେ ଅନ୍ୟପଟେ ଭିଡ଼ ନିୟନ୍ତ୍ରଣ ପାଇଁ ଅସ୍ତରଙ୍ଗ ପୁଲିସ ତରଫରୁ ଜଣେ ବି କର୍ମଚାରୀ ନିୟୋଜିତ ହେଉ ନଥିବାରୁ ସମସ୍ୟା ଗମ୍ଭୀର ରୂପ ନେଇଛି।

ଏହି ଗୋଟିଏ ମୁଖ୍ୟ ବଜାର ଦେଇ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ପର୍ଯ୍ୟଟକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ, ଗଙ୍ଗାଦେବୀ ଓ କେଳୁଣୀ ମୁହାଣକୁ ଯାଉଛନ୍ତି। ଦୈନିକ ଶହ ଶହ ବାଇକ୍, ଅଟୋ, କାର୍, ବସ୍, ମାଲବାହୀ ପିକ୍‌ଅପ୍ ଯାତାୟାତ କରୁଛି। ଏହା ସହ ବଜାର ଉଚ୍ଛେଦ କାର୍ଯ୍ୟ ମଧ୍ୟ ମାସ ମାସ ହେଲା ହୋଇନାହିଁ। ଫଳରେ ପୁଲିସର ଘୋର ଅବହେଳା ଯୋଗୁଁ ସକାଳୁ ସନ୍ଧ୍ୟା ଯାଏ ମୁଖ୍ୟ ବଜାରରେ ଭିଡ଼ ଲାଗି ରହୁଛି। ଅନେକ ବିଦ୍ୟାଳୟ ଛାତ୍ରଛାତ୍ରୀ, ଦୂରଦୁରାନ୍ତର ଯାତ୍ରୀ, ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଏହି ଭିଡ଼ରେ ଫସି ରହୁଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୂର୍ବରୁ ଅସ୍ତରଙ୍ଗ ଥାନା ଅଧିକାରୀ ଭାବେ ରାଜେଶ ବଲିୟାରସିଂ ଓ ବାମଦେବ ନନ୍ଦ ଦାୟିତ୍ୱରେ ଥିବା ସମୟରେ ଅସ୍ତରଙ୍ଗ ମୁଖ୍ୟ ବଜାର ହାଇସ୍କୁଲ ଛକ, ଗ୍ରାମ୍ୟ ବ୍ୟାଙ୍କ ସାମ୍ନା ଓ ତାରିଣୀ ମନ୍ଦିର ନିକଟରେ ତିନୋଟି ସ୍ଥାନରେ ସ୍ଥାୟୀ ଭାବେ ପୁଲିସ କର୍ମଚାରୀ ନିୟୋଜିତ କରୁଥିଲେ। ସେତେବେଳେ ଟ୍ରାଫିକ ସୁରୁଖୁରୁରେ ଚାଲୁଥିଲା, କେହି ରାସ୍ତା ଜବରଦଖଲ କରିବାକୁ ସାହସ କରୁ ନଥିଲେ। କିନ୍ତୁ ବର୍ତ୍ତମାନ ଥାନା ଅଧିକାରିଣୀ ଆସିବା ପରେ ବଜାର ଭିଡ଼ ହେଉ କି ଯାତାୟାତ ସମସ୍ୟା ହେଉ କୌଣସି ଶୃଙ୍ଖଳା କାର୍ଯ୍ୟ ପ୍ରତି ଦାୟିତ୍ୱ ନେଉ ନାହାଁନ୍ତି। ଥାନାକୁ ଫୋନ୍ କଲେ ମଧ୍ୟ ପୁଲିସ ଆସୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

ଗତ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟ ସହ ସ୍କୁଲ ଛୁଟି ସମୟରେ ଅସ୍ତରଙ୍ଗ ମୁଖ୍ୟ ବଜାର ହାଇସ୍କୁଲ ଛକରେ କୌଣସି ପୋଲିସ କର୍ମଚାରୀ ନଥିବାରୁ ଘଣ୍ଟା ଘଣ୍ଟା ଧରି ଶହ ଶହ ଲୋକ, ବିଦ୍ୟାଳୟ ଛାତ୍ରଛାତ୍ରୀ ସହ ମାଲବାହୀ ଗାଡି ଫସି ରହିଥିଲା।


**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, JAGATSINGHPUR**

**1st Corrigendum**

Corrigendum to Tender Online 04 of 2026-27 invited by the Executive Engineer, Rural Works Division, Jagatsinghpur vide letter No.6517 dtd.10.09.2026. The critical date has been changed are as follows due to unavoidable circumstances.

New Critical dates:-

| | | | |
|---|---|---|---|
| Published Date | 03-10-2026 11:00 | Bid Opening Date | 13-10-2026 11:00 |
| Document Download / Sale Start Date | 03-10-2026 11:30 | Document Download / Sale End Date | 12-10-2026 17:00 |
| Clarification Start Date | 03-10-2026 11:30 | Clarification End Date | 09-10-2026 15:00 |
| Bid Submission Start Date | 03-10-2026 11:30 | Bid Submission End Date | 12-10-2026 17:00 |

**Revised Estimated Cost Rs. in lakh**
**Sl.No. 05 of NIT - Rs.40.33 lakh**
**Sl.No. 06 of NIT - Rs.40.33 lakh**
**Sl.No. 07 of NIT - Rs.26.89 lakh**
**Sl.No. 08 of NIT - Rs.27.69 lakh**

All other terms & condition are remained unchanged.

**Executive Engineer**
**Rural Works Division**
**Jagatsinghpur**

ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା

## ମୁଖ୍ୟ ଅଭିଯୁକ୍ତ କ୍ଷୀତିଶଙ୍କୁ ମାରାଥନ ଜେରା

ବଲାଙ୍ଗୀର,୨୯।୯(ସଂଚାର ବ୍ୟୁରୋ): ବଲାଙ୍ଗୀରର ଜଣାଶୁଣା ବ୍ୟବସାୟୀ ଗୁଣ୍ଡା ଓରଫ ନରେନ୍ଦ୍ର ସାହୁ ଅପହରଣ ଓ ଆକ୍ରମଣ ମାମଲାର ମୁଖ୍ୟ ଅଭିଯୁକ୍ତ କ୍ଷୀତିଶ ଚନ୍ଦ୍ର ସାହୁଙ୍କୁ ଗତକାଲି ବଲାଙ୍ଗୀର ପୁଲିସ ୨ଦିନିଆ ରିମାଣ୍ଡରେ ଆଣିଛନ୍ତି।



ପୁଲିସ କ୍ଷୀତିଶଙ୍କୁ ରିମାଣ୍ଡରେ ଆଣି ବଲାଙ୍ଗୀର ରିଜର୍ଭ ପୁଲିସ ବାରାକ୍‌ରେ ରଖିଛି। ପୁଲିସ କ୍ଷୀତିଶଙ୍କୁ ନରେନ୍ଦ୍ର ସାହୁ ଅପହରଣ ଘଟଣାରେ ମାରାଥନ ଜେରା କରୁଥିବା ସୂଚନା ମିଳିଛି। ଗତ ୧୪ ତାରିଖରେ ବ୍ୟବସାୟୀ ଗୁଣ୍ଡା ସାହୁଙ୍କୁ କ୍ଷୀତିଶ ଓ ତାଙ୍କ ସହଯୋଗୀ ଅପହରଣ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ କ୍ଷୀତିଶ ସାହୁ ତାଙ୍କ ଭଉଣୀ ପୁଲିସ ସବ୍‌ଇନ୍‌ସପେକ୍ଟର ସ୍ନେହମଞ୍ଜରୀ ସାହୁ, ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଜେନା ଓ ବଲାଙ୍ଗୀରର ସଞ୍ଜିତ ବେହେରାଙ୍କୁ ଗିରଫ କରିଥିଲା। ହେଲେ ଘଟଣାରେ ସମ୍ପୃକ୍ତ ଅନ୍ୟ ୬ରୁ ୭ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ପୁଲିସ ଗିରଫ କରିପାରିନାହିଁ। ବୁଧବାର କ୍ଷୀତିଶଙ୍କ ରିମାଣ୍ଡ ଅବଧି ସରିବ। କ୍ଷୀତିଶଙ୍କ ପରେ ତାଙ୍କ ଅଭିଯୁକ୍ତ ଭଉଣୀ ସ୍ନେହମଞ୍ଜରୀଙ୍କୁ ରିମାଣ୍ଡରେ ଆଣିବାକୁ ପୁଲିସ ଯୋଜନା କରୁଥିବା ଜଣାପଡ଼ିଛି।

ଲୋକଙ୍କ ଦ୍ୱାର ମୁହଁରେ ସରକାର

# ୧ରୁ ୧୦ ଯାଏଁ 'ସେବା ସେତୁ' ଅଭିଯାନ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ସରକାରୀ ସେବା ଓ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ସେବା ସେତୁ' ଅଭିଯାନ ଆୟୋଜିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଗତ ୧୭ରୁ ଆସନ୍ତା ୧୭ ପର୍ଯ୍ୟନ୍ତ ଚାଲୁଥିବା 'ସେବା ସଂକଳ୍ପ' ଅଭିଯାନର ଏହା ଏକ ଅଂଶବିଶେଷ। 'ସେବା ସଂକଳ୍ପ' ଅଭିଯାନର ରାଜ୍ୟ ସଂଯୋଜକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ 'ସେବା ସେତୁ' ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଓ ସେବା ସମ୍ପର୍କରେ ସୂଚନା ପାଇବା ସହ ପଞ୍ଜୀକରଣ, ଆବେଦନ ଓ ଆବଶ୍ୟକ ସହାୟତା ପାଇପାରିବେ। ଏଥିପାଇଁ ରାଜ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସରକାରୀ ସେବାକୁ ଲୋକଙ୍କ ନିକଟକୁ ନେଇ ଯୋଗ୍ୟ ହିତାଧିକାରୀଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସହ ଯୋଡ଼ିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ।

'ନାଗରିକରୁ ହିତାଧିକାରୀ- ଗୋଟିଏ ସ୍ଥାନରେ



ସମସ୍ତ ସେବା' ଲକ୍ଷ୍ୟ ନେଇ ଆୟୋଜିତ 'ସେବା ସେତୁ'ରେ ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରି ସେମାନଙ୍କୁ ସମ୍ପୃକ୍ତ ସରକାରୀ ଯୋଜନା ଓ ସେବା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ରାଜ୍ୟରେ ବ୍ୟାପକ ପ୍ରସ୍ତୁତି ଓ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଏହି ଅଭିଯାନ ଅଧୀନରେ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀର ବ୍ଲକ୍ ସ୍ତରରେ 'ସେବା ସେତୁ' ଶିବିର ଆୟୋଜନ କରାଯିବ। ଶିବିରରେ ଯୋଗ୍ୟ

### ନାଗରିକରୁ ହିତାଧିକାରୀ -ଗୋଟିଏ ସ୍ଥାନରେ ସମସ୍ତ ସେବା

ହିତାଧିକାରୀମାନଙ୍କ ପାଇଁ ସିଧାସଳଖ ପ୍ରଯୁକ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ସେବାକୁ ସାମିଲ କରାଯିବ। ଶିବିରକୁ ଆସୁଥିବା ନାଗରିକଙ୍କ ଯୋଗ୍ୟତା ଆଧାରରେ ସେମାନେ ଯେଉଁ ଯୋଜନାର ସୁବିଧା ପାଇବାକୁ ଯୋଗ୍ୟ, ସେହି ଯୋଜନାର ହିତାଧିକାରୀ ଭାବେ ସେହି ସ୍ଥାନରେ ହିଁ ପଞ୍ଜୀକରଣ କରାଯିବ। ଆବଶ୍ୟକ ସ୍ଥଳେ ଆବେଦନ ପ୍ରକ୍ରିୟା ଓ ଅନ୍ୟାନ୍ୟ ଔପଚାରିକତା ସମ୍ପାଦନରେ ମଧ୍ୟ ସହାୟତା ଯୋଗାଇ ଦିଆଯିବ। ଫଳରେ ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ନାଗରିକଙ୍କୁ ବାରମ୍ବାର ସରକାରୀ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡ଼ିବ ନାହିଁ।

ଏଥିସହ ପ୍ରତ୍ୟେକ ବ୍ଲକ୍ ଓ ବିଧାନସଭା ନିର୍ବାଚନମଣ୍ଡଳୀରେ 'ସେବା ସେତୁ କେନ୍ଦ୍ର' ସ୍ଥାପନ କରାଯିବ। ଏହି କେନ୍ଦ୍ରଗୁଡ଼ିକରେ ନାଗରିକମାନେ ବିଭିନ୍ନ କଲ୍ୟାଣକାରୀ ଯୋଜନା, ସରକାରୀ ସେବା ଓ ସୁବିଧା ସମ୍ପର୍କରେ ଗୋଟିଏ ସ୍ଥାନରେ ଆବଶ୍ୟକ ସୂଚନା ପାଇପାରିବେ। ପଞ୍ଜୀକରଣ, ଆବେଦନ ଓ ଆବଶ୍ୟକ ସହାୟତା ପାଇଁ ମଧ୍ୟ ଏଠାରେ ସହଯୋଗ ଯୋଗାଇ ଦିଆଯିବ। ଅଭିଯାନର ସୁଚାରୁ କାର୍ଯ୍ୟାନ୍ୱୟନ ପାଇଁ ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀ ଓ ବ୍ଲକ୍‌ଓ୍ୱାରୀ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି। ଏଥିସହ ନୋଡାଲ୍ ଅଧିକାରୀ ନିଯୁକ୍ତି, ଯୋଗ୍ୟ ହିତାଧିକାରୀଙ୍କ ଡାଟା ବ୍ୟାଙ୍କ ପ୍ରସ୍ତୁତି, ଶିବିରରେ ବିଭିନ୍ନ ବିଭାଗର ସମନ୍ୱୟ ଓ ଆବଶ୍ୟକ ମାନବସମ୍ବଳ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଯୋଗ୍ୟ ନାଗରିକଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ନିକଟରେ ଆବଶ୍ୟକ ସେବା ଓ ଯୋଜନାର ସୁଫଳ ପହଞ୍ଚାଇବା ସହଜ ହେବ। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ ଯେପରି ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚେ, ସେଥିପାଇଁ ଜନସମ୍ପର୍କ ଓ ସେବା କାର୍ଯ୍ୟକୁ ଆହୁରି ଗତିଶୀଳ କରାଯିବ। ସେବାରୁ ସମୃଦ୍ଧି, ସଂକଳ୍ପରୁ ବିକାଶ ଓ ଜନଭାଗିଦାରୀରୁ ବିକଶିତ ଓଡ଼ିଶା, ବିକଶିତ ଓଡ଼ିଶାରୁ ବିକଶିତ ଭାରତ'- ଏହା ହେଉଛି ଆମର ଲକ୍ଷ୍ୟ।

ଚାଲାଣ ନାଁରେ ପୁଲିସ ଓ ଆରଟିଓଙ୍କ କାରସାଦି ଧରାପଡ଼ିଲା

# ରଫାଦଫା ପାଇଁ ୬୪୦ କୋଟି ରାଜସ୍ୱ କ୍ଷତି




ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ମୋଟର ଯାନ ଆଇନ ଅନୁସାରେ ସଡ଼କ ନିୟମ ଭାଙ୍ଗିଲେ ଜରିମାନା ଲାଗୁ ହେବ। ଇ-ଚାଲାଣ କାଟିବା ବେଳେ ସବୁ ଅପରାଧ ପାଇଁ ଭିନ୍ନ ଭିନ୍ନ ଜରିମାନା ଲାଗୁ ହେବ। କିନ୍ତୁ ୨୦୧୯ରୁ ୨୦୨୪ ଭିତରେ କଟାଯାଇଥିବା ଚାଲାଣରେ ବଡ଼ ହେରଫେର ହୋଇଛି। ଟ୍ରାଫିକ ପୁଲିସ ଓ ଆରଟିଓ କର୍ମଚାରୀ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଚାଲାଣ କାଟିଛି ସତ, ହେଲେ ଅନେକ ମାମଲାରେ ଅମାନିଆଙ୍କ ସହ ରଫାଦଫା କରି ଚାଲାଣରେ ଜରିମାନା ରାଶି କମାଇ ଦେଇଛି। ନିୟମ ବାହାରକୁ ଯାଇ ଏହି ତଥାକଥିତ ରଫାଦଫା କରିବା ଯୋଗୁଁ ସରକାର ୬୪୦ କୋଟି ଟଙ୍କାର ଜରିମାନା ରାଶି ହରାଇଛନ୍ତି। ଚାଲାଣ ବେଳେ ହୋଇଥିବା ଏହି ହେରଫେରକୁ ଧରିଛନ୍ତି ସିଏଜି। ଯଦି ଜଣେ ଅମାନିଆ ଗାଡ଼ି ଚାଳକ ଧରାପଡ଼ନ୍ତି, ନିୟମ ଅନୁସାରେ ତାଙ୍କର ଡ୍ରାଇଭିଂ ଲାଇସେନ୍ସ (ଡିଏଲ), ପଞ୍ଜିକରଣ ପ୍ରମାଣ ପତ୍ର (ଆରସି),

### ବିନା ପ୍ରମାଣରେ କଟାଯାଇଛି ୪୩.୮୮ ଲକ୍ଷ ଚାଲାଣ

ଫିଟନେସ୍ ଓ ଇନସୁରାନ୍ସ (ବୀମା) ଡକ୍ୟୁମେଣ୍ଟ ଯାଞ୍ଚ କରିବା ବାଧ୍ୟତାମୂଳକ। ଏକାଧିକ ନିୟମ ଉଲଙ୍ଘନ କରିଥିଲେ ଏକାଧିକ ଜରିମାନା କଷାଯିବ। ଅର୍ଥାତ, ଯଦି ଜଣେ ନିୟମ ଭାଙ୍ଗି ଧରାପଡ଼ନ୍ତି ଓ ତାଙ୍କ ଗାଡ଼ିର ଫିଟନେସ୍ ନ ଥିବ, ତାଙ୍କ ଉପରେ ୫ ହଜାର ଜରିମାନା ଲାଗୁ ହେବ। ପୁଣି ସେହି ସମାନ ଗାଡ଼ିର ବୀମା ନ ଥିଲେ ଅତିରିକ୍ତ ୨ ହଜାର ଟଙ୍କା ଜରିମାନା ଲାଗିବ। ଯଦି ସେହି ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଲାଗି ନ ଥିବ, ତା' ଉପରେ ଆଉ ୫ ହଜାର ଜରିମାନା ଲାଗିବ। ଯଦି ବିନା ପରମିଟରେ ଗାଡ଼ି ଚାଲିଥିବ ଆଉ ୧୦ ହଜାର ଜରିମାନା କଷାଯିବ। ଭିନ୍ନ ଭିନ୍ନ ଅପରାଧ ବା ନିୟମ ଉଲ୍ଲଙ୍ଘନ ପାଇଁ ଟ୍ରାଫିକ ପୁଲିସ ବା ଆରଟିଓ କର୍ମଚାରୀ ଏହିସବୁ ଅପରାଧକୁ ବୁକ୍ କରି ଜରିମାନା ଲଗାଇବେ। କିନ୍ତୁ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହୋଇଛି। ଏକାଧିକ ଅପରାଧ କ୍ଷେତ୍ରରେ ଗାଡ଼ି ଚାଳକଙ୍କ ସହ ରଫାଦଫା କରି କେବଳ ଗୋଟିଏ ବା ଦୁଇଟି ଅପରାଧ ପାଇଁ ଜରିମାନା ପକାଯାଇଛି। ୩ ଲକ୍ଷ ୩୧ ହଜାର ୮୦୯ ମାମଲାରେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ପାଇଁ ଜରିମାନା ଆଦାୟ ହୋଇନାହିଁ। ଏଥିପାଇଁ ୩୩୧ କୋଟି ଟଙ୍କା କ୍ଷତି ହୋଇଛି। ପୁଣି ଫିଟନେସ୍ ପ୍ରମାଣପତ୍ର ନ ଥାଇ ବି ୨ ଲକ୍ଷ ୯୧ ହଜାର ୫୩୬ ମାମଲାରେ ଜରିମାନା ଛାଡ଼ କରାଯାଇଛି। ଏଥିରେ ୧୪୫ କୋଟି ଟଙ୍କାର କ୍ଷତି ହୋଇଛି। ବୀମା ପ୍ରମାଣପତ୍ର ବା ଇନସ୍ୟୁରାନ୍ସ ନ ଥାଇ ବି ୭ ଲକ୍ଷ ୩ ହଜାର ମାମଲାରେ ଜରିମାନା ଆଦାୟ ନ ହେବାରୁ ୧୪୦ କୋଟି ଟଙ୍କାର କ୍ଷତି କ୍ଷତି ସହିଛନ୍ତି ସରକାର। ପୁଣି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲାଗି ନ ଥିବା ୩୧,୩୨୦ ଗାଡ଼ି ଉପରେ ଜରିମାନା ଲାଗୁ ନ ହେବାରୁ ୧୫ କୋଟି କ୍ଷତି ହୋଇଛି। ବିନା ପରମିଟ୍‌ରେ ଯାଉଥିବା ୬୯୩୪ ଗାଡ଼ିକୁ ମାଫି ଦିଆଯାଇଛି। ଏଥିରେ ସରକାର ପ୍ରାୟ ୭ କୋଟି ଟଙ୍କା ହରାଇଛନ୍ତି। ଏହି କ୍ଷତି ଉପରେ ସରକାର ସଫେଇ ରଖି କହିଛନ୍ତି ଯେ ଟ୍ରାଫିକ ପୁଲିସ ଅଧିକାରୀ ଓ କର୍ମଚାରୀ ନିଜ ପୁଲିସ ଷ୍ଟେସନର କ୍ଷେତ୍ରାଧିକାର ମଧ୍ୟରେ ଏହି ଜରିମାନାକୁ ରଫାଦଫା ପାଇଁ ଅଧିକାରପ୍ରାପ୍ତ। କିନ୍ତୁ ମୋଟର ଯାନ ଆଇନ କହୁଛି, ଏହି ଅପରାଧର ରଫାଦଫା ସମ୍ଭବ ନୁହେଁ।

## ବୃଦ୍ଧାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ରାଇଘର,୨୯।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଅଞ୍ଚଳରେ ଜନୈକା ୮୧ ବର୍ଷୀୟା ବୃଦ୍ଧାଙ୍କୁ ଜଙ୍ଗଲକୁ ନେଇ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଅଟକ ରଖିବା ପରେ ତାଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ,



ରାଇଘର ଥାନା ଅଧୀନ ଛଲାନପାରା ଗ୍ରାମର ଉକ୍ତ ବୃଦ୍ଧା ଗତକାଲି ସନ୍ଧ୍ୟାରେ ନିଜ ଝିଅଙ୍କ ଘରକୁ ଯିବା ପାଇଁ ଖୁଟୁଗାଁ ଅଭିମୁଖେ ଯାଉଥିଲେ। ଛଲାନପାରା ଓ ଖୁଟୁଗାଁ ମଧ୍ୟବର୍ତ୍ତୀ ରାସ୍ତା ନିକଟରେ ଥିବା ଜଙ୍ଗଲ ନିକଟରେ ଜଣେ ଯୁବକ ତାଙ୍କୁ ଜୋରଜବରଦସ୍ତି ଜଙ୍ଗଲ ଭିତରକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଏହି ସମୟରେ ପାତ୍ରକୋଟି ଗ୍ରାମର ଦୁଇ ଜଣ ବ୍ୟକ୍ତି ଜଙ୍ଗଲ ରାସ୍ତା ରାଇଘର ଯାଉଥିବା ବେଳେ ଜଣେ ମହିଳାଙ୍କ ଚିତ୍କାର ଶୁଣିଥିଲେ। ସେମାନେ ଜଙ୍ଗଲ ଭିତରକୁ ଯାଇ ଜଣେ ଯୁବକ ବୃଦ୍ଧାଙ୍କ ସହ ଜୋରଜବରଦସ୍ତି କରୁଥିବା ଦେଖିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ବୃଦ୍ଧାଙ୍କୁ ସେଠାରୁ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପାତ୍ରକୋଟି ଗ୍ରାମର ଅନ୍ୟ କିଛି ଲୋକ ମଧ୍ୟ ସେଠାରେ ପହଞ୍ଚିଥିଲେ। ସେମାନେ ଅଭିଯୁକ୍ତଙ୍କୁ ଅଟକ ରଖି ତାଙ୍କ ପରିଚୟ ପଚାରିଥିଲେ। ଅଭିଯୁକ୍ତ ଜଣଙ୍କ କୋଲିଆପଦର ଗ୍ରାମର ପିଲାରାମ ଗୌଡ଼ା ବୋଲି ଜଣାପଡ଼ିଥିଲା। ଏନେଇ ବୃଦ୍ଧାଙ୍କ ପୁଅ ଚମାରୁ ଗୋଣ୍ଡ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ରାଇଘର ଥାନା ପୁଲିସ କେସ୍ ନଂ.୨୪୭/୨୦୨୬ରେ ବିଏନ୍‌ଏସ୍‌ର ଧାରା ୧୨୬(୧), ୧୧୫(୨), ୮୭ ଓ ୬୪(୧)ରେ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ମାମଲାର ତଦନ୍ତ ଏସ୍‌ଆଇ ଚନ୍ଦନ ସାହୁ କରୁଛନ୍ତି। ତଦନ୍ତ ପରେ ଅଭିଯୁକ୍ତ ପିଲାରାମଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଦେବଗଡ଼ରେ ଭୂମିକମ୍ପ: ଥରିଲା ସହର

ଦେବଗଡ଼, ୨୯।୯ (ସଂଚାର ବ୍ୟୁରୋ): ଦେବଗଡ଼ ଜିଲ୍ଲାରେ ଭୂମିକମ୍ପ। ରିଆମାଳ ବ୍ଲକ୍ ଚଢ଼େଇମରା ଅଞ୍ଚଳରେ ଭୂକମ୍ପ ଝଟ୍‌କା ଅନୁଭୂତ



ହୋଇଛି। ଗତକାଲି ରାତି ପ୍ରାୟ ୧୦ଟା ୪୮ ମିନିଟ୍ ସମୟରେ ଏହି ଭୂକମ୍ପ ହୋଇଥିବା ବେଳେ ଏହା ତୀବ୍ରତା ରିକ୍ଟର ସ୍କେଲରେ ୩.୯ ରହିଥିଲା। ସେହିପରି ଏହି ଭୂମିକମ୍ପର ଉତ୍ପତ୍ତିସ୍ଥଳ ଭୂପୃଷ୍ଠରୁ ପ୍ରାୟ ୨୦ କିମି ଗଭୀରରେ ରହିଥିଲା। ଭୂମିକମ୍ପର ଅକ୍ଷାଂଶ ୨୧.୧୭୯ ଡିଗ୍ରୀ ଉତ୍ତର ଓ ଦ୍ରାଘିମା ୮୪.୭୭୪ ଡିଗ୍ରୀ ପୂର୍ବ ବୋଲି ଦେବଗଡ଼ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୂଚନା ଦେଇଛନ୍ତି। ଦେବଗଡ଼ ସମେତ ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ଓ ସମ୍ବଲପୁରର କେତେକ ଅଞ୍ଚଳରେ ଲୋକେ ଏହି ମୃଦୁ କମ୍ପନ ଅନୁଭବ କରିଥିଲେ। ତେବେ ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ରିପୋର୍ଟ ସାମ୍ନାକୁ ଆସିନାହିଁ। କିନ୍ତୁ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇଆସିଥିବା ଦେଖିବାକୁ ମିଳିଥିଲା।

## ବନ୍ୟା ସମୟରେ ଅନୁପସ୍ଥିତ ଥିବା ଆରଆଇ ନିଲମ୍ବିତ




ନବରଙ୍ଗପୁର,୨୯।୯(ସଂଚାର ବ୍ୟୁରୋ): ବନ୍ୟା ସମୟରେ ଅବହେଳା କରିବା ଆର୍‌ଆଇଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବନ୍ୟା ସମୟରେ ଅନୁପସ୍ଥିତି ଯୋଗୁଁ ତାଙ୍କ ବିରୋଧରେ ଜିଲ୍ଲାପାଳ ଆକ୍ସନ୍ ନେଇଛନ୍ତି। ନବରଙ୍ଗପୁର କୋଡ଼ିଙ୍ଗା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବିରଞ୍ଚି ନାରାୟଣ ଦାସଙ୍କୁ ନିଲମ୍ବିତ କରାଯାଇଛି। ଏନେଇ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଅଫିସ ଅର୍ଡର ଜାରି ହୋଇଛି। ବନ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ହୋଇଥିବା ଛୁଟି ବାତିଲ ନିଷ୍ପତ୍ତି ପରେ ବି ସମ୍ପୃକ୍ତ ଆର୍‌ଆଇ ଅନୁପସ୍ଥିତ ରହିଥିଲେ, ଯାହାକୁ ନେଇ ଆକ୍ସନ ନେଇଛନ୍ତି ଜିଲ୍ଲାପାଳ। ନିଲମ୍ବନ ଅବଧିରେ ଶ୍ରୀ ଦାସ ଜିଲ୍ଲା ମୁଖ୍ୟାଳୟ ନବରଙ୍ଗପୁର କଲେକ୍ଟରେଟ୍ ରେଭେନ୍ୟୁ ସେକ୍ସନ ରହିବେ ଓ ସେ ଅତିରିକ୍ତ ଜିଲ୍ଲାପାଳ, ରେଭେନ୍ୟୁଙ୍କ ପ୍ରଶାସନିକ ନିୟନ୍ତ୍ରଣରେ ରହିବେ। କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ଅର୍ଡରରେ କୁହାଯାଇଛି।

ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ



ମୟୂରଭଞ୍ଜ,୨୯।୯ (ସଂଚାର ବ୍ୟୁରୋ): ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା। ଅନାଦେୟ ପରିପ୍ରେକ୍ଷୀରେ ଦୋଷୀଙ୍କୁ ଅଧିକ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଏକ ଦୁଷ୍କର୍ମ ମାମଲାର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ। ଅଭିଯୁକ୍ତ ଜଣଙ୍କ ହେଲେ କରଞ୍ଜିଆ ଥାନା ଅଞ୍ଚଳର ଅଶୋକ ରାଉଳ।

ଗତ ବର୍ଷ ଅକ୍ଟୋବର ୧୯ ତାରିଖରେ ଘଟିଥିଲା ଘଟଣା। ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ଘର ସମ୍ମୁଖରୁ ଅପହରଣ କରି ନେଇ ନିଜ ସମ୍ପର୍କୀୟଙ୍କ ଘରେ ରଖି ଦୁଷ୍କର୍ମ କରିଥିଲା। ପୀଡ଼ିତାଙ୍କ ବାପା କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲର ବିଚାର କରି କୋର୍ଟ ଆଜି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

ଆଜି 'ଓଡ଼ିଶା ବନ୍ଦ' ଡାକରା

## ସତର୍କ ରହିବାକୁ ଜିଲ୍ଲାପାଳଙ୍କୁ ଗୃହ ବିଭାଗର ପରାମର୍ଶ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ଆସନ୍ତାକାଲି ରାଜ୍ୟବ୍ୟାପୀ 'ଓଡ଼ିଶା ବନ୍ଦ' ଡାକରାକୁ ନେଇ ସତର୍କ ହୋଇଛି ରାଜ୍ୟ ପ୍ରଶାସନ। ବିଭିନ୍ନ ଦାବି ନେଇ ନବ ନିର୍ମାଣ କୃଷକ ସଂଗଠନ ଓ ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ ପାଇଁ ଆହ୍ୱାନ ଦିଆଯାଇଛି।

ସେପଟେ ଏହି ବନ୍ଦକୁ ବିଜେଡି, କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ସମର୍ଥନ କରିଥିବା ନେଇ ରାଜ୍ୟରେ ଏହାକୁ ନେଇ ରାଜନୈତିକ ତାତି ବଢ଼ିଛି। ଏମିତିରେ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ବିଭାଗର ଯୁଗ୍ମ ଶାସନ ସଚିବ ଶରତ ଚନ୍ଦ୍ର ମାରାଣ୍ଡି ଏନେଇ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି।

ଚିଠିରେ ସମ୍ଭାବ୍ୟ ଆଇନଶୃଙ୍ଖଳା ସମସ୍ୟାକୁ ଏଡ଼ାଇବା ପାଇଁ ଆବଶ୍ୟକ ପ୍ରତିଷେଧକ ଓ ସୁରକ୍ଷାମୂଳକ ପଦକ୍ଷେପ ନେବାକୁ କୁହାଯାଇଛି। ବନ୍ଦ ସମୟରେ ଜିଲ୍ଲାର ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମଧ୍ୟ ପ୍ରଶାସନକୁ ନିର୍ଦ୍ଦେଶ ରହିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ରାସ୍ତାରୋକ, ଗାଡ଼ିମୋଟର ଚଳାଚଳରେ ବାଧା, ଟାୟାର ଜାଳିବା ଓ ଟ୍ରାଫିକ ସମସ୍ୟା ଭଳି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ପ୍ରକାଶ କରାଯାଇଛି। ତେଣୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି।

ବନ୍ଦ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଯେପରି ସ୍ୱାଭାବିକ ଭାବେ ଚାଲିପାରିବ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯାଇଛି। ବିଶେଷକରି ହସ୍ପିଟାଲ, ଆମ୍ବୁଲାନ୍ସ ସମେତ ଜରୁରୀକାଳୀନ ସେବା ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାରର 'ଓଡ଼ିଶା ବନ୍ଦ'କୁ ନେଇ ସାରା ରାଜ୍ୟରେ ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାକୁ ଜୋରଦାର କରାଯାଉଛି।

ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ହେଉଛି ଖଜା

## ପୁଣି ୫ ଖଜା ଭାଟି ଓ ଦୋକାନରେ ଚଢ଼ାଉ

ପୁରୀ,୨୯।୯(ସଂଚାର ବ୍ୟୁରୋ): ପୁରୀ ସହରରେ ଅସ୍ୱାସ୍ଥ୍ୟକର ପରିବେଶରେ ଖଜା ପ୍ରସ୍ତୁତ କରାଯାଉଥିବା ନେଇ କିଛି ଦିନ ତଳେ ଅନେକ ଖଜା ଭାଟି ଓ ଦୋକାନରେ



ଚଢ଼ାଉ ହୋଇଥିବା ବେଳେ ଆଜି ପୁଣି ହୋଇଛି ଚଢ଼ାଉ। ଆଜି ୫ଟି ଖଜା ଦୋକାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୪ କ୍ୱିଣ୍ଟାଲ ଖଜା ଜବତ କରାଯାଇଥିଲା, ଯାହାର ମାନ ଖୁବ୍ ଖରାପ ଥିଲା ଓ ଯେଉଁଗୁଡ଼ିକୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି କରାଯାଇଥିଲା। ଏଥିସହ ଖଜା କାରଖାନାରେ ବ୍ୟବହୃତ ହେଉଥିବା ୫ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିଲା। ଏହି ଭାଟିଗୁଡ଼ିକରୁ ୨୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁଲିସ, ପୁରୀ ମହାନଗର ନିଗମ ଓ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ମିଳିତ ସହଯୋଗରେ ଏହି ଖଜା ଚଢ଼ାଉ କରାଯାଇଥିଲା। କିଛି ଖଜା ଭାଟିକୁ ସିଲ୍ କରାଯାଇଥିବା ବେଳେ ଆଉ କିଛି ଭାଟି ମାଲିକଙ୍କୁ ଲାଇସେନ୍ସ ପାଇଁ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ ତପସ୍ୱିନୀ

### ୪ କ୍ୱିଣ୍ଟାଲ ଜବତ, ୨୮ ହଜାର ଜରିମାନା ଆଦାୟ

ବେହେରା କହିଛନ୍ତି। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ନିକଟରେ ଖଜା ଭୋଗ ହେଉଥିବାରୁ ଏହାର ଚାହିଦା ବୃଦ୍ଧି ପାଇଛି। ତେଣୁ ଏବେ ସହର ସାରା ଖଜା ଦୋକାନର ପସରା ଖୋଲିଗଲାଣି। ଯୁଆଡ଼େ ଦେଖିବ ଖଜା ଦୋକାନ। ତେବେ ଅସ୍ୱାସ୍ଥ୍ୟକର ପରିବେଶରେ ଖଜା ପ୍ରସ୍ତୁତିକୁ ନେଇ ଗତ କିଛି ଦିନ ତଳେ ଖଜା ଭାଟି ଉପରେ ଚଢ଼ାଉ କରାଯାଇଥିଲା। ଏହା ଆଗକୁ ମଧ୍ୟ ଜାରି ରହିବ ବୋଲି ପ୍ରଶାସନ କହିଛି। କିଛି ଖଜା ଭାଟି ମାଲିକ କହିଛନ୍ତି ଯେ ସେମାନେ ଦୁଇ ମାସ ହେବ ଭାଟି କରିଛନ୍ତି। ସେମାନଙ୍କର କୌଣସି ଲାଇସେନ୍ସ ନାହିଁ।

● କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତି ମାମଲା

## ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ



ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଅତିଥି ଅଧ୍ୟାପକ ନିଯୁକ୍ତି ବିଜ୍ଞପ୍ତି ଉପରେ ଓଡ଼ିଶା ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବା ନେଇ ଜାରି ହୋଇଥିବା ସରକାରୀ ବିଜ୍ଞପ୍ତି ଉପରେ ଅଦାଲତ ଅନ୍ତରୀଣ ରହିତାଦେଶ ଲଗାଇଛନ୍ତି। ପରବର୍ତ୍ତୀ ଆଦେଶ ପ୍ରକାଶ ପାଇବା ପର୍ଯ୍ୟନ୍ତ ଏହି ରହିତାଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ମଙ୍ଗଳବାର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, କଲେଜଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଗତବର୍ଷ ଅକ୍ଟୋବରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ନୂତନ ବ୍ୟବସ୍ଥା ଅନୁସାରେ, ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଅତିଥି ଅଧ୍ୟାପକ ପଦବୀରେ କେବଳ ଅବସରପ୍ରାପ୍ତ ଅଧ୍ୟାପକ ଓ ପ୍ରାଧ୍ୟାପକଙ୍କୁ ହିଁ ସୁଯୋଗ ଦେବାର ପ୍ରାବଧାନ ରହିଥିଲା। ସରକାରଙ୍କ ଏହି ନିଷ୍ପତ୍ତି ଓ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ କରି ପୁଷ୍ପଲତା ମାଝୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ଦାୟର କରିଥିଲେ। ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଏକକ ଖଣ୍ଡପୀଠ ଉଚ୍ଚଶିକ୍ଷା ବିଭାଗର ସେହି ବିଜ୍ଞପ୍ତିର କାର୍ଯ୍ୟକାରିତା ଉପରେ ରୋକ ଲଗାଇଛନ୍ତି। ଆଗାମୀ ଶୁଣାଣି ପର୍ଯ୍ୟନ୍ତ କୋର୍ଟଙ୍କ ଏହି ଅନ୍ତରୀଣ ସ୍ଥଗିତାଦେଶ ବଳବତ୍ତର ରହିବ, ଯାହା ଫଳରେ ବର୍ତ୍ତମାନ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିବ।

# ଭିଜିଲାନ୍ସ ଚଢ଼ାଉ ପରେ ବି ଚେତୁନାହାଁନ୍ତି ସରକାରୀ ବାବୁ

ଭୁବନେଶ୍ୱର,୨୯।୯(ସଂଚାର ବ୍ୟୁରୋ): କଳା ସମ୍ପତ୍ତିର ପାହାଡ଼ରେ ଛିଡ଼ା ହୋଇଛନ୍ତି ଲାଞ୍ଚୁଆ ବାବୁ। କଳାଧନ ଠୁଳ କରି ହୋଇଛନ୍ତି କୋଟି କୋଟି ଟଙ୍କା ସ୍ଥାବର ଅସ୍ଥାବର ସମ୍ପତ୍ତିର ଅଧିକାରୀ। ଏଭଳି ୨ ଜଣ ବାବୁ ଏବଂ ଜଣେ ମହିଳା ଇଞ୍ଜିନିୟର ପଡ଼ିଛନ୍ତି ଭିଜିଲାନ୍ସ ହାବୁଡ଼ରେ। ସମ୍ବଲପୁର ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରି ପାଇଛି ୪ଟି ବହୁତଳ କୋଠା, ଗୋଟିଏ ତିନି ମହଲା ବିଶିଷ୍ଟ ଫ୍ଲାଟ୍ ଓ ୨୪ଟି ପ୍ଲଟ୍ ସହ ସମ୍ପତ୍ତିର ଲମ୍ବା ତାଲିକା। ଏହି ବହୁତଳ ପ୍ରାସାଦ ମଧ୍ୟରେ ରହିଛି ଭୁବନେଶ୍ୱର ନନ୍ଦନ ବିହାରରେ ପ୍ରାୟ ୨୯୦୦ ବର୍ଗଫୁଟର ଗୋଟିଏ ଡୁପ୍ଲେକ୍ସ। ଭୁବନେଶ୍ୱର ଜଟଣୀ

● ୧୦ରୁ ୧୫ ହଜାରରେ ଆରମ୍ଭ କରିଥିଲେ ଚାକିରି

● ଏବେ କୋଟି କୋଟି ଟଙ୍କାର ମାଲିକ

ବରକୁଦା, ଇଣ୍ଡସ୍ କଲେଜ୍ ଅଫ୍ ଇଞ୍ଜିନିୟରିଂ ନିକଟରେ ପ୍ରାୟ ୨୪୬୦ ବର୍ଗଫୁଟର ଗୋଟିଏ କୋଠା। ପୁରୀ ବାଲିଗୁଆଳିରେ ୪ ହଜାର ବର୍ଗଫୁଟର ତିନି ମହଲା କୋଠା, ଖୋର୍ଦ୍ଧା ବାଲୁଗାଁ ସୁଭାଷ ମାର୍ଗରେ ପ୍ରାୟ ୪ ହଜାର



ବର୍ଗଫୁଟର ଦୁଇ ମହଲା କୋଠା। ସମ୍ବଲପୁର ଧନକଉଡ଼ାସ୍ଥିତ ସନ୍ ସିଟି ଆପାର୍ଟମେଣ୍ଟରେ ପ୍ରାୟ ୨ ହଜାର ବର୍ଗଫୁଟର ୩-ବିଏଚଙ୍କ ଆବାସିକ ଫ୍ଲାଟ୍ ମଧ୍ୟ ମିଳିଛି। ଏଥିସହ ଭୁବନେଶ୍ୱର ପ୍ରମୁଖ ଅଞ୍ଚଳରେ ୮ଟି, ଖୋର୍ଦ୍ଧାରେ ୩ଟି, ସମ୍ବଲପୁର ସହର ଓ ଆଖପାଖରେ ୮ଟି, ବୁର୍ଲାରେ ୩ଟି ଓ ରେଙ୍ଗାଲିରେ ୨ଟି ପ୍ଲଟ୍ ଠାବ ହୋଇଛି। ଏଥିସହ ବିଭିନ୍ନ ବ୍ୟାଙ୍କ ଜମା ଓ ଅନ୍ୟାନ୍ୟ ଆର୍ଥିକ ନିବେଶ ସମ୍ପର୍କରେ ମଧ୍ୟ ତଥ୍ୟ ଯାଞ୍ଚ ହେଉଛି। ଉମାକାନ୍ତ ସାମନ୍ତରାୟ ଗତ ୨୦୦୯ରେ ରାଉରକେଲାରେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଭାବେ ମାସକୁ ୧୫ ହଜାର ଟଙ୍କାରେ କାମ ଆରମ୍ଭ କରିଥିଲେ। ସେହିଭଳି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ଦାଶଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଛି। ତାଙ୍କ ସଂପତ୍ତି ମଧ୍ୟରେ ରହିଛି ଭୁବନେଶ୍ୱର ବରମୁଣ୍ଡାରେ ୬ ହଜାର ୭୬୦ ବର୍ଗଫୁଟ ଜାଗାରେ ତିଆରି ହୋଇଥିବା ଏକ ୪ ମହଲା କୋଠା। ବ୍ରହ୍ମପୁରର ନୀଳାଚଳ ନଗରରେ ୨ ହଜାର ୫୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଥିବା ଏକ ଦୁଇ ମହଲା କୋଠା। ଏଥିସହ ବ୍ରହ୍ମପୁରରେ ୩ଟି, ପୁରୀରେ ଗୋଟିଏ, ଖୋର୍ଦ୍ଧା ଓ ଗଞ୍ଜାମ ଗୋବରାରେ ଗୋଟିଏ ଲେଖାଏଁ ମୂଲ୍ୟବାନ ପ୍ଲଟ୍। ସେହିଭଳି ବ୍ୟାଙ୍କରେ ୮୨ ଲକ୍ଷର ଜମା ଟଙ୍କା, ଗୋଟିଏ କାର ସହ ଅନ୍ୟାନ୍ୟ ଆୟବହିର୍ଭୂତ ସମ୍ପତ୍ତି ମିଳିଛି। ଏହାଛଡ଼ା ଗତକାଲି ୩୫ ହଜାର ଲାଞ୍ଚ ନେଇ ଧରାପଡ଼ିଥିବା ଯାଜପୁର ବଡ଼ଚଣା ବ୍ଲକ ସହକାରୀ ଯନ୍ତ୍ରୀ ବନ୍ଦିତା ଦାଶଙ୍କ ଘରେ ଚଢ଼ାଉ କରି ଭିଜିଲାନ୍ସ ପାଇଛି ନଗଦ ୫ ଲକ୍ଷ ୧୫ ହଜାର ୨୦୦ ଟଙ୍କା। ଏହି ଟଙ୍କା ତାଙ୍କ କଟକ ଜଗତପୁରସ୍ଥିତ ଜେନାମଣି ମଣ୍ଡପ ନିକଟସ୍ଥ ବାସଭବନରୁ ଆଜି ଜବତ କରାଯାଇଛି। ତାଙ୍କର ଜଣେ ସହଯୋଗୀ ସୋମନାଥ ସେଠୀଙ୍କୁ ମଧ୍ୟ ଧରିଥିଲା ଭିଜିଲାନ୍ସ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୩୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୫୪୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୩୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୫୪୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୩,୩୨୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୫୪୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୩,୩୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୩୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୫୪୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୯,୯୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ବି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ଡାର୍କ ଲୁକ୍‌ରେ ଆସିଲା ଟାଟା ସିଏରା

ନୂଆଦିଲ୍ଲୀ, ୨୯।୯: ଟାଟା ମୋଟର୍ସର ପପୁଲାର ଏସୟୁଭି ସିଏରା ଏବେ ଆହୁରି ଷ୍ଟାଇଲିଶ୍ ଓ ଡାର୍କ ମଡେଲରେ। ଭାରତୀୟ ବଜାରରେ ଲଞ୍ଚ ହୋଇଛି ସିଏରା ଡାର୍କ ଏଡିସନ। ପୂରା ବ୍ଲାକ୍ ଥିମ୍, ପ୍ରିମିୟମ୍ ଇଣ୍ଟେରିୟର୍ ଓ ଦମଦାର ଫିଚର୍ ସହ ଆସିଛି ଏହି ନୂଆ ଏସୟୁଭି। ତେବେ କେତେ ରହିଛି ଦାମ ଏବଂ କ'ଣ ରହିଛି ଏହାର ଖାସ୍ ଫିଚର୍? ଆସନ୍ତୁ ଜାଣିବା...



ସିଏରା ଡାର୍କ ଏଡିସନରେ ସବୁଠାରୁ ବଡ଼ ପରିବର୍ତ୍ତନ ହୋଇଛି ଏହାର ଲୁକରେ। ନୂଆ Friesian Black କଲର୍ ସହ ବ୍ଲାକ୍ ଫିନିଶର ଲୋଗୋ ଓ ବ୍ୟାଜିଂ ଦିଆଯାଇଛି। ଏହା ସହ ୧୯ ଇଞ୍ଚ୍ ଆଲଏ ହ୍ୱିଲ୍ସ ମଧ୍ୟ ମିଳିଛି ବ୍ଲାକ୍ ଟ୍ରିଟମେଣ୍ଟ। ବମ୍ପରଠାରୁ ଆରମ୍ଭ କରି ଅନ୍ୟ ବାହ୍ୟ ଅଂଶରେ ମଧ୍ୟ ଡାର୍କ ଫିନିଶ୍ ଦିଆଯାଇଛି। କେବଳ ବାହାର ନୁହେଁ, କ୍ୟାବିନ୍‌ରେ ମଧ୍ୟ ଦେଖିବାକୁ ମିଳିବ ଡାର୍କ ଥିମ୍। ବ୍ଲାକ୍ ଇଣ୍ଟେରିୟର୍ ସହ Violet Eclipse ଥିମ୍ ଏବଂ ପର୍ପଲ୍ ଡିଟେଲିଂ ଦିଆଯାଇଛି। AC ଭେଣ୍ଟ୍, ସେଣ୍ଟର୍ କନ୍ସୋଲ୍ ଓ ସିଟ୍ ଷ୍ଟିଚିଂରେ ମଧ୍ୟ ପର୍ପଲ୍ ଟଚ୍ ରହିଛି। ସିଟ୍‌ରେ ମିଳିବ ବ୍ଲାକ୍ ଲେଦରେଟ୍ ଅପହୋଲଷ୍ଟ୍ରି। ଫିଚର୍ କଥା କହିଲେ, ଟପ୍ ଭାରିଆଣ୍ଟରେ ରହିଛି ଟ୍ରିପଲ୍ ସ୍କ୍ରିନ୍ ସେଟଅପ୍, ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ୍ ସିଟ୍ ଓ ଡୁଆଲ୍-ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍। ଏହା ସହ ପାୱାର୍ଡ ଟେଲଗେଟ୍, କନେକ୍ଟେଡ୍ କାର୍ ଟେକ୍ନୋଲୋଜି, ୩୬୦ ଡିଗ୍ରୀ କ୍ୟାମେରା ଏବଂ ଲେଭଲ୍-୨ ADAS ଭଳି ଫିଚର୍ ମଧ୍ୟ ରହିଛି। କିଛି ଭାରିଆଣ୍ଟରେ ୧୨-ସ୍ପିକର୍ JBL ଅଡିଓ ସିଷ୍ଟମ୍ ମିଳିବ। ପାୱାର୍‌ଟ୍ରେନ୍‌ରେ କୌଣସି ବଡ଼ ପରିବର୍ତ୍ତନ କରାଯାଇନାହିଁ। Sierra #DARK Editionରେ ୧.୫ ଲିଟର୍ ପେଟ୍ରୋଲ୍, ୧.୫ ଲିଟର୍ ଡିଜେଲ୍ ଏବଂ ୧.୫ ଲିଟର୍ ଟର୍ବୋ-ପେଟ୍ରୋଲ୍ ଇଞ୍ଜିନ୍ ବିକଳ୍ପ ରହିଛି। ଏବେ ଦାମ ଉପରେ ନଜର ପକାଇବା। Sierra #DARK Editionର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ଦାମ ୧୩ ଲକ୍ଷ ୯୯ ହଜାର ଟଙ୍କା। ସେହିପରି ଟପ୍ ଭାରିଆଣ୍ଟର ଦାମ ୨୧ ଲକ୍ଷ ୫୯ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ନୂଆ ଡାର୍କ ଲୁକ୍ ଓ ପ୍ରିମିୟମ୍ ଫିଚର୍ ସହ ଟାଟା ସିଏରାର ଏହି #DARK Edition ଗାଡ଼ିପ୍ରେମୀଙ୍କ ପାଇଁ ଆଣିଛି ଏକ ନୂଆ ରୂପ।

# ସିମେଣ୍ଟ ବସ୍ତା ୭ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୨୯।୯: ଦେଶରେ ସିମେଣ୍ଟ ଦାମ ପୁଣି ବଢ଼ିବା ସମ୍ଭାବନା ଦେଖାଦେଇଛି। ସେପ୍ଟେମ୍ବରରେ ଦେଶରେ ସିମେଣ୍ଟର ହାରାହାରି ଦାମ ବସ୍ତା ପିଛା ୭ ଟଙ୍କା ବଢ଼ିଛି। ଅକ୍ଟୋବରରେ ବିଭିନ୍ନ ବଜାରରେ ବସ୍ତା ପିଛା ଆହୁରି ୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ଦାମ ବଢ଼ାଇବାକୁ କମ୍ପାନିଗୁଡ଼ିକ ଚିନ୍ତା କରୁଛନ୍ତି। ଦକ୍ଷିଣ ଭାରତରେ ସିମେଣ୍ଟ ଦାମ ବସ୍ତା ପିଛା ୧୧ ଟଙ୍କା ବଢ଼ିଛି। ପଶ୍ଚିମ ଭାରତରେ ୯ ଟଙ୍କା ଓକେନ୍ଦ୍ର, ପୂର୍ବ ଓ ଉତ୍ତର ଭାରତରେ ୫ ଟଙ୍କା ଲେଖାଏଁ ବୃଦ୍ଧି ହୋଇଛି। ସିମେଣ୍ଟ କମ୍ପାନିଗୁଡ଼ିକ ଦାମ ବଢ଼ାଇବା ପଛରେ ଇନ୍ଧନ ଦରବୃଦ୍ଧି ଏକ ପ୍ରମୁଖ କାରଣ ବୋଲି ଦର୍ଶାଇଛନ୍ତି। ଗତ କିଛି ସପ୍ତାହରେ ଇନ୍ଧନ ମୂଲ୍ୟରେ ତୀବ୍ର ବୃଦ୍ଧି ହୋଇଥିବାରୁ କମ୍ପାନିଗୁଡ଼ିକ ଉପରେ ଖର୍ଚ୍ଚ ଚାପ ବଢ଼ିଛି। ତେବେ କମ୍ପାନିଗୁଡ଼ିକ ଦାମ ବଢ଼ାଇଲେ ମଧ୍ୟ ସବୁ ବଜାରରେ ଏହାର ସମ୍ପୂର୍ଣ୍ଣ ପ୍ରଭାବ ଗ୍ରାହକଙ୍କ ଉପରେ ପଡ଼ିନାହିଁ। କେତେକ ସ୍ଥାନରେ ଡିଲରମାନେ ତ୍ରୈମାସିକ ବିକ୍ରି ଲକ୍ଷ୍ୟ ପୂରଣ ପାଇଁ ପୁରୁଣା ଦାମରେ ସିମେଣ୍ଟ ବିକ୍ରି କରୁଛନ୍ତି। ଜୁଲାଇ-ଅଗଷ୍ଟରେ ଅନେକ ବଜାରରେ ଚାହିଦା ସୀମିତ ରହିଥିଲା। ବର୍ଷା ଯୋଗୁଁ କେତେକ ଅଞ୍ଚଳରେ ନିର୍ମାଣ କାମ ପ୍ରଭାବିତ ହୋଇଥିବାବେଳେ କମ୍ ବର୍ଷା ହୋଇଥିବା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଭଲ ରହିଛି। ସେପ୍ଟେମ୍ବର ଶେଷ ଆଡ଼କୁ କେତେକ ବଜାରରେ ଚାହିଦାରେ ସୁଧାର ଦେଖାଦେଇଛି। ଅକ୍ଟୋବରରେ ପ୍ରସ୍ତାବିତ ଦାମ ବୃଦ୍ଧି କେତେଦୂର ସ୍ଥାୟୀ ହେବ, ତାହା ସିମେଣ୍ଟର ଚାହିଦା ଓ ଡିଲରମାନେ ଅଧିକ ଦାମ ଗ୍ରହଣ କରୁଛନ୍ତି କି ନାହିଁ, ତା' ଉପରେ ନିର୍ଭର କରିବ। ତେଣୁ ଆଗାମୀ ଦିନରେ ଚାହିଦା ବୃଦ୍ଧି ସିମେଣ୍ଟ ଶିଳ୍ପ ପାଇଁ ମୁଖ୍ୟ ନଜରରେ ରହିବ।



# ଗଣେଶ କଞ୍ଜ୍ୟୁମର ପ୍ରଡକ୍ଟସ୍‌ର ସୋୟା ଚଙ୍କ୍‌ସ

କୋଲକାତା,୨୯।୯: ଗଣେଶ କଞ୍ଜ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ ପକ୍ଷରୁ ଗଣେଶ ସୋୟା ଚଙ୍କ୍‌ସ ଓ ମିନି ସୋୟା ଚଙ୍କ୍‌ସ ଉନ୍ମୋଚନ କରାଯାଇଛି। ଏହା ଓଡ଼ିଶାସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ବଜାରରେ ଉପଲବ୍ଧ ହୋଇଛି ଯାହାର ପ୍ରାରମ୍ଭିକ ମୂଲ୍ୟ ହେଉଛି ୧୦ ଟଙ୍କା। ଗଣେଶ ସୋୟା ଚଙ୍କ୍‌ସ ପ୍ରତି ୧୦୦ ଗ୍ରାମରେ ୫୩.୧ ଗ୍ରାମର ପ୍ରୋଟିନ୍ ଓ ୧୫.୪ ଗ୍ରାମର ଫାଇବର ପ୍ରଦାନ କରୁଛି। ଏ ସମ୍ପର୍କରେ କମ୍ପାନିର ନିର୍ଦ୍ଦେଶକ ଦେବାଂଶ ମିମାନି କହିଛନ୍ତି ଯେ ଦୈନନ୍ଦିନ ପୋଷଣରେ ପ୍ରୋଟିନର ଗୁରୁତ୍ୱ ଦିନକୁ ଦିନ ବଢ଼ୁଛି। ଗ୍ରାହକମାନେ ପୁଷ୍ଟିକର, ସୁବିଧାଜନକ ଓ ସହଜରେ ମିଳୁଥିବା ବିକଳ୍ପ ଖୋଜୁଛନ୍ତି। ଗଣେଶ ସୋୟା ଚଙ୍କ୍‌ସ ଜରିଆରେ ଆମେ ଉଦ୍ଭିଦଭିତ୍ତିକ ପ୍ରୋଟିନ୍‌କୁ ନିତିଦିନିଆ ଭୋଜନରେ ସାମିଲ କରିବାକୁ ଚାହୁଁଛୁ। ଏହି ବର୍ଗରେ ଆମେ ଆମର ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଉପରେ ଧ୍ୟାନ ଦେବୁ ବୋଲି ସେ କହିଛନ୍ତି। କମ୍ପାନିର ସୋୟା ଚଙ୍କ୍‌ସ ଏଫ୍‌ଏସ୍‌ଏସ୍‌ଏଆଇର ନିୟମ ପାଳନ କରୁଥିବା ବେଳେ ଆଇଏସ୍‌ଓ ସାର୍ଟିଫାଏଡ୍ ଓ ସଂଗ୍ରହଠାରୁ ଉତ୍ପାଦନ ପର୍ଯ୍ୟନ୍ତ ସବୁ ପର୍ଯ୍ୟାୟରେ ଗୁଣାତ୍ମକ ମାନ ଯାଞ୍ଚ କରାଯାଉଛି। ବିଭିନ୍ନ ଦୋକାନ ସମେତ ଇ-କମର୍ସ ଓ କ୍ୱିକ୍ କମର୍ସ ମଧ୍ୟରେ ଏହି ଉତ୍ପାଦ ଉପଲବ୍ଧ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।




# ଭାରତୀୟ କାର୍ ବଜାରରେ ଟାଟା ଏରିସ୍‌ର ଧମାକା

ନୂଆଦିଲ୍ଲୀ, ୨୯।୯: ଭାରତୀୟ ରାସ୍ତାରେ ଦିନେ ମାରୁତି ସୁଜୁକିର ଗାଡ଼ି ଅଧିକ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ବଦଳିଛି ଚିତ୍ର। ଟାଟା ମୋଟର୍ସ ମଧ୍ୟ ଭାରତୀୟ କାର୍ ବଜାରରେ ନିଜ ସ୍ଥିତିକୁ ଆହୁରି ମଜବୁତ କରିଛି। ଏହି ମଧ୍ୟରେ ଟାଟା ମୋଟର୍ସ ନିଜର ନୂଆ କମ୍ପାକ୍ଟ ସେଡାନ୍ ଟାଟା ଏରିସ୍‌କୁ ଲଞ୍ଚ କରିଛି। ମାତ୍ର ୫.୨୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ଏକ୍ସ-ଶୋରୁମ୍ ଦାମରେ ଏହି ଗାଡ଼ିକୁ ବଜାରକୁ ଅଣାଯାଇଛି। ତେବେ ଏହାର ଟପ୍-ଏଣ୍ଡ୍ ଭାରିଆଣ୍ଟର ଦାମ ୯.୧୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଉଛି। ପେଟ୍ରୋଲ୍ ସହ ଟାଟାର ଲୋକପ୍ରିୟ ଟ୍ୱିନ୍-ସିଲିଣ୍ଡର୍ iCNG ଟେକ୍ନୋଲୋଜିରେ ମଧ୍ୟ ଏହି କାର୍ ଉପଲବ୍ଧ ହେବ। ବଜାରରେ ଏହାର ପ୍ରତିଦ୍ୱନ୍ଦ୍ୱୀ ଭାବେ ମାରୁତି ସୁଜୁକି ଡିଜାୟର୍, ହୁଣ୍ଡାଇ ଔରା ଏବଂ ହୋଣ୍ଡା ଆମେଜ୍ ଭଳି କାର୍ ରହିବ। ନୂଆ ଟାଟା ଏରିସ୍‌ର ଲୁକ୍‌କୁ ଟାଟା ପକ୍ଷରୁ ଫ୍ରେଶ୍ ଏବଂ ପ୍ରିମିୟମ୍ ରଖାଯାଇଛି। ଗାଡ଼ିରେ ଟାଟାର ନୂଆ ଡିଜାଇନ୍ ଲାଙ୍ଗୁଏଜ୍ ଦେଖିବାକୁ ମିଳିବ। ଏଥିରେ ସ୍ଲିକ୍ ଫ୍ରଣ୍ଟ୍ ଗ୍ରିଲ୍, ଶାର୍ପ LED ହେଡଲ୍ୟାମ୍ପ୍ ଏବଂ ସ୍ପୋର୍ଟି ଷ୍ଟାଇଲ୍ LED DRLs ଦିଆଯାଇଛି। ବ୍ୟାକରେ କନେକ୍ଟେଡ୍-ଷ୍ଟାଇଲ୍ ଟେଲଲାଇଟ୍ ଏବଂ ନୂଆ ବମ୍ପର୍ ମିଳିଛି। ଏହା ଗାଡ଼ିକୁ ରାସ୍ତାରେ ଏକ ଷ୍ଟ୍ରଙ୍ଗ୍ ଏବଂ ସ୍ପୋର୍ଟି ଲୁକ୍ ଦେଇଥାଏ। ସାଇଡ୍ ପ୍ରୋଫାଇଲ୍‌ରେ ୧୫ ଇଞ୍ଚର ନୂଆ ଆଲୟ ହ୍ୱିଲ୍ ଏବଂ ୧୭୦ ମିଲିମିଟର୍ ଗ୍ରାଉଣ୍ଡ୍ କ୍ଲିୟରାନ୍ସ ଦିଆଯାଇଛି। ଭାରତୀୟ ରାସ୍ତା ଏବଂ ଖାଲଢିପ ରାସ୍ତାରେ ଚାଳନା ପାଇଁ ଏହା ଉପଯୋଗୀ ହୋଇପାରେ। କ୍ୟାବିନ୍ ଭିତରକୁ ପ୍ରବେଶ କରିବା ପରେ ନୂଆ Aerisରେ ଏକ ଅପମାର୍କେଟ୍ ଏବଂ ଫିଚର୍-ଲୋଡେଡ୍ ଇଣ୍ଟେରିୟର୍ ଦେଖିବାକୁ ମିଳେ। ଏଥିରେ ରହିଛି ୧୦.୨୫ ଇଞ୍ଚର ବଡ଼ ଟଚ୍‌ସ୍କ୍ରିନ୍ ଇନ୍ଫୋଟେନ୍ମେଣ୍ଟ ସିଷ୍ଟମ୍, ଯାହା ୱାୟାରଲେସ୍ Android Auto ଏବଂ Apple CarPlayକୁ ସପୋର୍ଟ କରେ। ଏହା ସହ ଗାଡ଼ିରେ ୩୬୦-ଡିଗ୍ରୀ ସରାଉଣ୍ଡ୍ ଭ୍ୟୁ କ୍ୟାମେରା, ଭେଣ୍ଟିଲେଟେଡ୍ ଫ୍ରଣ୍ଟ୍ ସିଟ୍, ଡିଜିଟାଲ୍ ଡ୍ରାଇଭର୍ ଡିସପ୍ଲେ, ଅଟୋମେଟିକ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଏବଂ ଇଣ୍ଟିଗ୍ରେଟେଡ୍ ଡ୍ୟାଶକ୍ୟାମ୍ ଭଳି ଫିଚର୍ ମିଳିବ। ଦୀର୍ଘ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ରିଅର୍ AC ଭେଣ୍ଟ୍ ଏବଂ ପର୍ଯ୍ୟାପ୍ତ ବୁଟ୍ ସ୍ପେସ୍ ମଧ୍ୟ ଦିଆଯାଇଛି। ଏବେ ନଜର ପକାଇବା କାରର ପରଫର୍ମାନ୍ସ ଉପରେ। ଟାଟା ଏରିସ୍‌ରେ ରହିଛି ୧.୨ ଲିଟର୍ Revotron ୩-ସିଲିଣ୍ଡର୍ ପେଟ୍ରୋଲ୍ ଇଞ୍ଜିନ୍। ଏହା ସହ ୫-ସ୍ପିଡ୍ ମାନୁଆଲ୍ ଏବଂ ୫-ସ୍ପିଡ୍ AMT ଅଟୋମେଟିକ୍ ଗିୟରବକ୍ସର ଅପ୍ସନ ମିଳିବ। ଏହା ବ୍ୟତୀତ ଗ୍ରାହକଙ୍କ ପାଇଁ iCNG ଭାରିଆଣ୍ଟ୍ ମଧ୍ୟ ରହିଛି। ଏହା ଟାଟାର ପେଟେଣ୍ଟେଡ୍ ଟ୍ୱିନ୍-ସିଲିଣ୍ଡର୍ ଟେକ୍ନୋଲୋଜି ଉପରେ କାମ କରେ। ବୁଟ୍ ଫ୍ଲୋର୍ ତଳେ ଦୁଇଟି ଛୋଟ ସିଲିଣ୍ଡର୍ ଫିଟ୍ କରାଯାଇଥିବାରୁ CNG ମଡେଲ୍‌ରେ ମଧ୍ୟ ଲଗେଜ୍ ପାଇଁ ଭଲ ସ୍ପେସ୍ ରହିଥାଏ। iCNG ମଡେଲ୍‌ରେ ମଧ୍ୟ ମାନୁଆଲ୍ ସହ AMT ଗିୟରବକ୍ସ ବିକଳ୍ପ ଦିଆଯାଇଛି। ସୁରକ୍ଷା କ୍ଷେତ୍ରରେ ମଧ୍ୟ ଟାଟା ମୋଟର୍ସ ଗୁରୁତ୍ୱ ଦେଇଛି। ଟାଟା ଏରିସ୍‌ରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ୬ଟି ଏୟାରବ୍ୟାଗ୍, ABS ସହ EBD, Electronic Stability Program, ରିଅର୍ ପାର୍କିଂ ସେନ୍ସର୍, ISOFIX ଚାଇଲ୍ଡ ସିଟ୍ ଆଙ୍କର୍ ଏବଂ ଟାୟାର୍ ପ୍ରେସର୍ ମନିଟରିଂ ସିଷ୍ଟମ୍ ଭଳି ଫିଚର୍ ଦିଆଯାଇଛି। ମଜବୁତ ବଡି ଶେଲ୍ ଏବଂ ବିଭିନ୍ନ ସେଫ୍ଟି ଫିଚର୍ ଯୋଗୁଁ ଏହି କାରକୁ ନେଇ ବଜାରରେ ସୁରକ୍ଷା ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ମୋଟାମୋଟି ଭାବେ, ନୂଆ ଟାଟା ଏରିସ୍‌ରେ ଷ୍ଟାଇଲିଶ୍ ଡିଜାଇନ୍, ପ୍ରିମିୟମ୍ ଫିଚର୍ସ, ପେଟ୍ରୋଲ୍ ଓ iCNG ଅପ୍ସନ ସହ ସୁରକ୍ଷା ଫିଚର୍ସ ଉପରେ ଫୋକସ୍ କରାଯାଇଛି। ଏବେ ଦେଖିବାକୁ ରହିଲା, ଭାରତୀୟ କାର୍ ବଜାରରେ ଏହି ନୂଆ କମ୍ପାକ୍ଟ ସେଡାନ୍ କେତେ ଗ୍ରାହକଙ୍କୁ ଆକର୍ଷିତ କରୁଛି ।




# ଆମେରିକାରେ ଇସ୍ପାତ କାରଖାନା କରିବ ଏସାର

ନୂଆଦିଲ୍ଲୀ,୨୯।୯: ଏସାର୍ ଆମେରିକାରେ ବଡ଼ ଧରଣର ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବାକୁ ଯାଉଛି। ଏସାର୍ ଗ୍ରୁପ୍‌ର ଆମେରିକୀୟ ସହାୟକ କମ୍ପାନି ମେସାବି ମେଟାଲିକ୍ସ ଆଇଓୱାରେ ଏହି ଇସ୍ପାତ କାରଖାନା ନିର୍ମାଣ କରିବ। ଏଥିରେ ପ୍ରାୟ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ନିବେଶ ହେବ ବୋଲି ଏସାର୍ ପକ୍ଷରୁ ଜଣାପଡ଼ିଛି। ଏହି ପ୍ରକଳ୍ପରୁ ୨୦୩୦ରୁ ଇସ୍ପାତ ଉତ୍ପାଦନ ଆରମ୍ଭ କରିବାର ଲକ୍ଷ୍ୟ ରହିଛି। କାରଖାନା ପୂର୍ଣ୍ଣ କ୍ଷମତାରେ ଚାଲିଲେ ବର୍ଷକୁ ପ୍ରାୟ ୧ କୋଟି ଟନ୍ ଇସ୍ପାତ ଉତ୍ପାଦନ ହୋଇପାରିବ। ଏହା ଆମେରିକାର ସବୁଠାରୁ ବଡ଼ ଇସ୍ପାତ କାରଖାନାଗୁଡ଼ିକ ମଧ୍ୟରୁ ଗୋଟିଏ ହେବ। ଏହି ପ୍ରକଳ୍ପରେ ନିର୍ମାଣ ସମୟରେ ପ୍ରାୟ ୬,୦୦୦ ଚାକିରି ସୃଷ୍ଟି ହେବା ସହିତ କାରଖାନା ଓ ଖଣି କାର୍ଯ୍ୟରେ ପ୍ରାୟ ୨,୦୦୦ ସ୍ଥାୟୀ ନିଯୁକ୍ତି ସୃଷ୍ଟି ହେବ ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି। ଆଇଓୱାରେ ହେବାକୁ ଥିବା ଏହି କାରଖାନାକୁ କଞ୍ଚାମାଲ ମିନେସୋଟାର ମେସାବି ଆଇରନ୍ ରେଞ୍ଜରେ ଏସାର୍ ଗ୍ରୁପ୍ ବିକଶିତ କରୁଥିବା ନୂଆ ଲୁହାପଥର ଖଣିରୁ ଯୋଗାଣ କରାଯିବ। ଏହି ଖଣିରେ ପ୍ରାୟ ୨.୫ ବିଲିୟନ୍ ଡଲାର ନିବେଶ ହୋଇଛି। ଖଣିରୁ ବର୍ଷକୁ ପ୍ରାୟ ୭.୫ ନିୟୁତ ଟନ୍ ଲୁହାପଥର ଉତ୍ପାଦନ ହେବାର ଲକ୍ଷ୍ୟ ରହିଛି। ଏସାର୍ ଗ୍ରୁପ୍‌ର ସହ-ପ୍ରତିଷ୍ଠାତା ରବି ରୁଇଆ ଏବଂ ମେସାବି ମେଟାଲିକ୍ସର ଚେୟାରମ୍ୟାନ୍ ରେୱନ୍ତ ରୁଇଆଙ୍କ ଉପସ୍ଥିତିରେ ହ୍ୱାଇଟ୍ ହାଉସ୍‌ରେ ଏହି ପ୍ରକଳ୍ପ ଘୋଷଣା କରାଯାଇଛି। ମେସାବି ମେଟାଲିକ୍ସ କହିଛି ଯେ ନୂଆ କାରଖାନାରେ ଆଧୁନିକ ଇସ୍ପାତ ଉତ୍ପାଦନ ପ୍ରଯୁକ୍ତି ବ୍ୟବହାର କରାଯିବ। ଆମେରିକାରେ ଇସ୍ପାତ ଉତ୍ପାଦନ ବଢ଼ାଇବା ଏବଂ ଦେଶ ଭିତରେ ଶିଳ୍ପ ନିବେଶ ବୃଦ୍ଧି କରିବା ଉପରେ ଆମେରିକୀୟ ସରକାର ଜୋର ଦେଉଥିବା ସମୟରେ ଏହି ନିବେଶ ଘୋଷଣା ହୋଇଛି। ଆମେରିକାର ଇସ୍ପାତ ଆମଦାନୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଥିବା ପରିପ୍ରେକ୍ଷୀରେ ଦେଶ ଭିତରେ ଉତ୍ପାଦନ ପାଇଁ ଏପରି ନିବେଶ ଆକର୍ଷିତ ହେଉଥିବା ଆମେରିକୀୟ ଅଧିକାରୀମାନେ କହିଛନ୍ତି।



# ଟାଟାକୁ ଲିଷ୍ଟିଂରୁ ବଞ୍ଚାଇବେ ନୋଏଲ୍- ଟାଟା ସନ୍ସ ସହ ୨ଟି କମ୍ପାନୀ ମିଶିବ

ମୁମ୍ବାଇ,୨୯।୯: ଟାଟା ସନ୍ସକୁ ରିଜର୍ଭ ବ୍ୟାଙ୍କର ଏନ୍‌ବିଏଫ୍‌ସି ନିୟମ ଓ ବାଧ୍ୟତାମୂଳକ ଷ୍ଟକ୍ ବଜାର ଲିଷ୍ଟିଂରୁ ବଞ୍ଚାଇବା ପାଇଁ ଟାଟା ଟ୍ରଷ୍ଟର ମୁଖ୍ୟ ନୋଏଲ୍ ଟାଟା ଏକ ନୂଆ ଯୋଜନା ଉପରେ କାମ କରୁଛନ୍ତି। ସେ ଟାଟା ସନ୍ସ ସହିତ ଟାଟା ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍‌ସ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ (ଟିଇଏସ୍‌ଏସ୍) ଓ ଟାଟା କନ୍‌ସଲ୍‌ଟିଂ ଇଞ୍ଜିନିୟର୍ସ (ଟିସିଇ)କୁ ମିଶ୍ରଣ କରିବାକୁ ଚିନ୍ତା କରୁଛନ୍ତି। ଟାଟା ସନ୍ସରେ ଟାଟା ଟ୍ରଷ୍ଟଗୁଡ଼ିକର ପ୍ରାୟ ୬୬ ପ୍ରତିଶତ ଅଂଶଧନ ରହିଛି। ଟ୍ରଷ୍ଟ ପ୍ରସ୍ତାବ ଅନୁସାରେ ଦୁଇଟି ପରିଚାଳନାଧୀନ ତଥା ଅଣ ଆର୍ଥିକ ବ୍ୟବସାୟକୁ ଟାଟା ସନ୍ସରେ ମିଶାଇବା ପରେ କମ୍ପାନିର ଆୟର ବଡ଼ ଅଂଶ ପରିଚାଳିତ ବ୍ୟବସାୟରୁ ଆସିବ। ଏହାଦ୍ୱାରା ଟାଟା ସନ୍ସ ରିଜର୍ଭ ବ୍ୟାଙ୍କର ଏନ୍‌ବିଏଫ୍‌ସି କିମ୍ବା କୋର୍ ଇନଭେଷ୍ଟମେଣ୍ଟ୍ କମ୍ପାନି (ସିଆଇସି) ମାନଦଣ୍ଡ ଅଧୀନକୁ ଆସିବ ନାହିଁ ଓ ଏକ ପ୍ରାଇଭେଟ୍ କମ୍ପାନି ହୋଇରହିବ। ଟାଟା ଟ୍ରଷ୍ଟ ତଥ୍ୟ ଅନୁସାରେ ୨୦୨୬ ମାର୍ଚ୍ଚ ସୁଦ୍ଧା ପ୍ରସ୍ତାବିତ ମିଶ୍ରିତ ସଂସ୍ଥାର ପରିଚାଳନା ଆୟ ୧,୦୫,୦୪୩ କୋଟି ଟଙ୍କା ହେବ। ଏହା କମ୍ପାନିର ମୋଟ ଆୟର ୬୪.୩ ପ୍ରତିଶତ। ଅନ୍ୟପକ୍ଷରେ ଆର୍ଥିକ ସମ୍ପତ୍ତିରୁ ଆୟ ୪୦,୦୭୨ କୋଟି ଟଙ୍କା ରହିବ। ମୋଟ ନିଟ୍ ସମ୍ପତ୍ତି ୨,୦୦,୧୫୮ କୋଟି ଟଙ୍କା ଓ ଟାଟା ଗ୍ରୁପ୍ କମ୍ପାନିଗୁଡ଼ିକରେ ନିବେଶ ୧,୭୭,୧୨୦ କୋଟି ଟଙ୍କା ହେବ। ଏହି ପୁନର୍ଗଠନ ପାଇଁ ଟାଟା ସନ୍ସ ବୋର୍ଡର ଅନୁମୋଦନ ସହ ରିଜର୍ଭ ବ୍ୟାଙ୍କର ଏନ୍‌ଓସି ଆବଶ୍ୟକ। ପୁନର୍ଗଠନ ସଫଳ ହେଲେ ଟାଟା ସନ୍ସକୁ ସିଆଇସି ଭାବେ ଥିବା ପଞ୍ଜୀକରଣ ପ୍ରମାଣପତ୍ର ମଧ୍ୟ ସମର୍ପଣ କରିବାକୁ ପଡ଼ିବ। ଟାଟା ଟ୍ରଷ୍ଟସ କହିଛି ଯେ ଏହା ଟାଟା ସନ୍ସର ପୂର୍ବର ପରିଚାଳନା ମଡେଲକୁ ଫେରିବା ଭଳି। ପ୍ରାୟ ୮୦ ବର୍ଷ ଧରି ଟାଟା ସନ୍ସ ନିଜ ଅଧୀନରେ ବିଭିନ୍ନ ପରିଚାଳନାଧୀନ ବ୍ୟବସାୟ ରଖିଥିଲା। ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ମଧ୍ୟ ୨୦୦୪ ପର୍ଯ୍ୟନ୍ତ ଟାଟା ସନ୍ସର ଏକ ବ୍ୟବସାୟ ଥିଲା।



## ବିଶ୍ୱ ହୃଦୟ ଦିବସରେ ୫୦ତମ ରକ୍ତଦାନ କଲେ ଲକ୍ଷ୍ମଣ

**ରକ୍ତଦାନରେ ଜୀବନ ରକ୍ଷା, ମାନବସେବାରେ ନୂଆ ମାଇଲଖୁଣ୍ଟ**



ମହାକାଳପଡ଼ା,୨୯।୯ (ସଂଚାର ବ୍ୟୁରୋ): ବିଶ୍ୱ ହୃଦୟ ଦିବସ ଅବସରରେ ଜୀବନର ୫୦ତମ ରକ୍ତଦାନ କରି ମାନବସେବାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ମହାକାଳପଡ଼ା ବ୍ଲକ ବାରତାଙ୍ଗ ଗ୍ରାମର ଲକ୍ଷ୍ମଣ ସ୍ୱାଇଁ। ଭୁବନେଶ୍ୱରସ୍ଥିତ ଏମ୍ସ ଠାରେ ସେ ନିଜର ୫୦ତମ ସ୍ୱେଚ୍ଛାକୃତ ରକ୍ତଦାନ କରି ଜଣେ ରୋଗୀଙ୍କ ଜୀବନ ରକ୍ଷାରେ ସହାୟତା କରିଛନ୍ତି।

ଶ୍ରୀ ସ୍ୱାଇଁ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ଯୁବ ରେଡକ୍ରସ ଅଧିକାରୀ ଭାବେ କାର୍ଯ୍ୟରତ। କରୋନା ମହାମାରୀ ସମୟରେ ରକ୍ତ ସଙ୍କଟ ଦୂର କରିବା ପାଇଁ ଆରମ୍ଭ ହୋଇଥିବା 'ଗିଭ୍ ଇନ୍ ଇନ୍ ମାଇଁ ବ୍ଲଡ୍' ଅଭିଯାନରେ ସେ ଜଣେ ପ୍ରମୁଖ ପ୍ରଚାରକ ଭାବେ ଯୋଗଦାନ କରିଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ତାଙ୍କର ଅତୁଟ ନିଷ୍ଠା ଓ ନିଃସ୍ୱାର୍ଥପର ମାନବସେବାର ପରିଚୟ ଦେଇଛି। ଏହି ଅବସରରେ ସେ କହିଛନ୍ତି, "ରକ୍ତର ପ୍ରତ୍ୟେକ ବୁନ୍ଦା ଏକ ନୂତନ ଜୀବନର ଉପହାର। ଆସନ୍ତୁ, ସ୍ୱେଚ୍ଛାକୃତ ରକ୍ତଦାନକୁ ମାନବିକତା ଓ କରୁଣାର ଏକ ଜନଆନ୍ଦୋଳନରେ ପରିଣତ କରିବା।" ଏଥିସହ ସେ ରେଡକ୍ରସର ମୂଳମନ୍ତ୍ର 'ମାନବତାର ସେବା'କୁ ଜୀବନରେ ଆପଣାଇବା ସହ ଅଧିକରୁ ଅଧିକ ଲୋକଙ୍କୁ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି।

## ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ପାଳିତ



କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ୨୧୪୭ଟି ଅଙ୍ଗନୱାଡୀ କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଗତ ତିନି ଦିନ ଧରି ଜିଲ୍ଲାର ପ୍ରତ୍ୟେକ ଅଙ୍ଗନୱାଡୀ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ) ଏବଂ ରାଜ୍ୟ ମହିଳା କମିଶନ ସଦସ୍ୟା ଡ଼. କଳ୍ପନା ମଲ୍ଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ ଅଙ୍ଗନୱାଡୀ କେନ୍ଦ୍ର ପରିଦର୍ଶନ କରିଥିଲେ। ସେମାନେ ଅଙ୍ଗନୱାଡୀ କେନ୍ଦ୍ରଗୁଡ଼ିକର କାର୍ଯ୍ୟକ୍ରମ ସମୀକ୍ଷା କରିବା ସହ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସମ୍ପର୍କିତ ସେବା କାର୍ଯ୍ୟକଳାପ ବିଷୟରେ ଅବଗତ ହୋଇଥିଲେ।

ଉତ୍ସବ ଅବସରରେ ଆୟୋଜିତ ରେସିପି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପିତାମାତାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଙ୍ଗନୱାଡୀ କର୍ମୀ, ସହାୟିକା ଓ ଆଶାକର୍ମୀମାନଙ୍କୁ ସେମାନଙ୍କର ନିଷ୍ଠାପୂର୍ଣ୍ଣ ସେବା ଏବଂ ଶିଶୁ ଓ ମହିଳା କଲ୍ୟାଣ କ୍ଷେତ୍ରରେ ଅବଦାନ ପାଇଁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ଅଭିଭାବକମାନଙ୍କୁ 'ତିରଙ୍ଗା ଥାଳି'ର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ସନ୍ତୁଳିତ, ପୁଷ୍ଟିକର ଓ ବିବିଧ ଖାଦ୍ୟ ଗ୍ରହଣ ଦ୍ୱାରା ଶିଶୁମାନଙ୍କ ସୁସ୍ଥ ବିକାଶ ସମ୍ଭବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ।

## ଖରସ୍ରୋତା ନଦୀ ପୋଲ କାମ ତ୍ୱରାନ୍ୱିତ କରିବାକୁ ଦାବି
## ଜିଲ୍ଲାପାଳଙ୍କୁ ଭେଟିଲା ବ୍ରିଜ୍ ସଂଗ୍ରାମ ସମିତି



କେନ୍ଦ୍ରାପଡା,୨୯।୯ (ସଂଚାର ବ୍ୟୁରୋ): ଖରସ୍ରୋତା ନଦୀ ଉପରେ ପ୍ରସ୍ତାବିତ ପୋଲ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା, ନଦୀକୂଳ ସୁରକ୍ଷା ପାଇଁ ପଥର ପ୍ୟାକିଂ କରିବା ଏବଂ କୁମ୍ଭୀର ଆତଙ୍କରୁ ସ୍ଥାନୀୟ ଲୋକଙ୍କ ସୁରକ୍ଷା ନିମନ୍ତେ ତାରଜାଲି ବ୍ୟବସ୍ଥା କରିବା ଦାବିରେ ଗଙ୍ଗାଧର ପ୍ରସାଦ ଡିହଁ ବ୍ରିଜ୍ ସଂଗ୍ରାମ ସମିତି ସୋମବାର ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି।

ସ୍ମାରକପତ୍ରରେ ସମିତି ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ପୋଲ ନିର୍ମାଣ ଦାବିରେ ଗ୍ରାମବାସୀମାନେ ଗତ କିଛି ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଅମରଣ ଅନଶନରେ ବସିଥିଲେ। ସେତେବେଳେ ଦୁଇ ମାସ ମଧ୍ୟରେ ଡିପିଆର୍ ପ୍ରସ୍ତୁତ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଅନଶନ ପ୍ରତ୍ୟାହାର କରାଯାଇଥିଲା। ମାତ୍ର ଏକ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟରେ ଦୃଶ୍ୟମାନ ଅଗ୍ରଗତି ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ସମିତିର ଅଭିଯୋଗ ଅନୁସାରେ, ଚଳିତ ବର୍ଷ ଖରସ୍ରୋତା ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ଶହ ଶହ ଏକର ଚାଷଜମି ନଦୀଗର୍ଭରେ ଲୀନ ହୋଇଯାଇଛି। ଗଙ୍ଗାଧର ପ୍ରସାଦ ଡିହଁ ଗ୍ରାମ ନିକଟରେ ନଦୀକୂଳର ସୁରକ୍ଷା ପାଇଁ ତୁରନ୍ତ ପଥର ପ୍ୟାକିଂ କରାନଗଲେ ଆଗାମୀ ଦିନରେ ଗାଁ ଓ କୃଷିଜମି ପାଇଁ ଗୁରୁତର ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।

ଏହା ସହିତ ନଦୀରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ନଦୀକୁ ଗାଧୋଇବାକୁ କିମ୍ବା ଦୈନନ୍ଦିନ କାମରେ ଯାଉଥିବା ମହିଳା, ଶିଶୁ ଓ ଗୃହପାଳିତ ପଶୁମାନଙ୍କ ପାଇଁ ପ୍ରତି ମୁହୂର୍ତ୍ତରେ ବିପଦ ରହିଥିବା ସମିତି ଦର୍ଶାଇଛି। ତେଣୁ ନଦୀକୂଳରେ ସୁରକ୍ଷା ତାରଜାଲି ସ୍ଥାପନ କରି କୁମ୍ଭୀର ଆକ୍ରମଣ ରୋକିବାକୁ ଦାବି କରାଯାଇଛି। ଖରସ୍ରୋତା ନଦୀ ପୋଲ ନିର୍ମାଣ, ନଦୀକୂଳ ସୁରକ୍ଷା କାର୍ଯ୍ୟ ଏବଂ କୁମ୍ଭୀର ପ୍ରତିରୋଧ ବ୍ୟବସ୍ଥାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ସଂଗ୍ରାମ ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କୁ ଅନୁରୋଧ କରାଯାଇଛି।

## ବୈଷ୍ଣବ ଚରଣ ପଣ୍ଡାଙ୍କ ଦ୍ୱାଦଶାହରେ ସ୍ମୃତି ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡା,୨୯।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଞ୍ଚଳର ପୂର୍ବତନ କାଉନ୍‌ସିଲର ତଥା ଜିଲ୍ଲାର ଜଣାଶୁଣା ରସାବଳୀ ନିର୍ମାତା ସ୍ୱର୍ଗତ ବୈଷ୍ଣବ ଚରଣ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ସୋମବାର ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ପ୍ରଫେସର ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ଏବଂ ଯୁବ ସମାଜସେବୀ ରାଜେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ଜୀବନାଦର୍ଶ, ସାମାଜିକ ଅବଦାନ ଓ ପରୋପକାରୀ ମନୋଭାବ ଉପରେ ଆଲୋକପାତ କରିଥିଲେ।

ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ପଣ୍ଡା କେବଳ ଜଣେ ସଫଳ ବ୍ୟବସାୟୀ କିମ୍ବା ରସାବଳୀ ନିର୍ମାତା ନୁହେଁ, ବରଂ ଜଣେ ସମାଜମୁଖୀ ଓ ପରୋପକାରୀ ବ୍ୟକ୍ତିତ୍ୱ ଭାବେ ଲୋକମାନଙ୍କ ମନରେ ସ୍ଥାୟୀ ସ୍ଥାନ ଅଧିକାର କରିଥିଲେ। ତାଙ୍କର ନମ୍ର ବ୍ୟବହାର, ସାମାଜିକ ସେବା ଏବଂ ଲୋକଙ୍କ ପ୍ରତି ଆନ୍ତରିକତା ତାଙ୍କୁ ସର୍ବମହଲରେ ଆଦୃତ କରିଥିଲା। ସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଯାଇଥିଲା।

### ଚାଟରାଚକଡ଼ା ସମବାୟ ସମିତିକୁ ସମ୍ପାଦକଙ୍କ ଅଣଦେଖା

# ପ୍ରତିବାଦରେ ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଅନଶନ




ଡେରାବିଶ,୨୯।୯ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତରେ ଗଠନ ହୋଇଥିବା ନୂତନ ପ୍ରାଥମିକ କୃଷି ସମବାୟ ସମିତିର ଦାୟିତ୍ୱରେ ଥିବା କାଉପଡ଼ା ସମବାୟ ସମିତିର ସମ୍ପାଦିକାଙ୍କ ମନମାନୀ ବିରୋଧରେ ସୋମବାର କାଉପଡ଼ା ସମବାୟ ପ୍ରାଥମିକ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀମାନଙ୍କ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି।

୨୦୨୩ ମସିହାରେ କାଉପଡ଼ା ସମିତି ଅଧୀନରେ ଥିବା ଚାଟରାଚକଡ଼ା ପଞ୍ଚାୟତରେ ନୂତନ ସମବାୟ ସମିତି ଗଠନ ହେବା ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ କାଉପଡ଼ା ସମିତି ସମ୍ପାଦିକା ସୁମନ ସଙ୍ଗୀତା ଦାସ, କାର୍ଯ୍ୟନିର୍ବାହୀ ସମ୍ପାଦିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମାତ୍ର ଏହି ନୂଆ ସମିତି ଅଧୀନରେ ଥିବା ଚାଷୀମାନଙ୍କୁ ଖରିଫ୍ ଓ ରବି ଋଣ ଲଗାଣ ଏବଂ କାଗଜପତ୍ର ହସ୍ତାନ୍ତର କରାଯାଉନଥିବା ନେଇ ଚାଷୀମାନଙ୍କ ପକ୍ଷରୁ ଜିଲ୍ଲା ସମବାୟ ନିବନ୍ଧକ ଓ ସହକାରୀ ଉପନିବନ୍ଧକଙ୍କ ସମେତ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇ ଆସୁଛି। ମାତ୍ର ଏହି ନୂତନ ସମିତିକୁ ଷଡ଼ଯନ୍ତ୍ର କରାଯାଇ ସଠିକ୍ ଢ଼ଙ୍ଗରେ କାର୍ଯ୍ୟକ୍ଷମ କରାଯାଉନଥିବା ନେଇ ଚାଷୀ ନେତା ଶରତ ଚନ୍ଦ୍ର ମଳିକ କହିଛନ୍ତି।

ଶରତଙ୍କ କହିବା ଅନୁଯାୟୀ ଭାରପ୍ରାପ୍ତ ସମ୍ପାଦକ ସଙ୍ଗୀତା ଚାଷୀମାନଙ୍କ ପାଇଁ ଆସିଥିବା ବିଭିନ୍ନ ଯୋଜନାକୁ ସମ୍ପାଦିକା ସମ୍ପୂର୍ଣ୍ଣ ଅଣଦେଖା କରିବା ଯୋଗୁଁ ଏହାର ପ୍ରତିବାଦରେ ଆଜି ଠାରୁ କାଉପଡ଼ା ସମିତି ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରାଯାଇଛି। ଏହି ଅନଶନକୁ ସମର୍ଥନ ଜଣାଇ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଧାରଣାରେ ସାମିଲ ହେବା ସହ ଚାଷୀମାନଙ୍କ ନାର୍ଯ୍ୟଦାବୀ ପୂରଣ ନହେବା ଯାଏ ଏହି ଅନଶନ ଚାଲୁ ରହିବ ବୋଲି ଲକ୍ଷ୍ମୀକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଶ୍ରୀ ମହାନ୍ତିଙ୍କ ସୂଚନା ଅନୁଯାୟୀ ଚାଷୀମାନଙ୍କ ସହ ଜିଲ୍ଲା ସମବାୟ ନିବନ୍ଧକ ଓ ସହକାରୀ ଉପନିବନ୍ଧକ ଆଲୋଚନା ନକରିବା ଯାଏ ଧାରଣା ପ୍ରତ୍ୟାହୃତ ହେବ ନାହିଁ। ସନ୍ଧ୍ୟାରେ ଜିଲ୍ଲା ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ଅନଶନ ସ୍ଥଳକୁ ଆସି ଆନ୍ଦୋଳନ ରତ ଚାଷିଙ୍କ ସହ ଆଲୋଚନା ଆରମ୍ଭ କରିଥିଲେ।

ଚାଷୀ ଶ୍ରମିକ ସଂଘର ସଭାପତି ପଣ୍ଡିତ ଶରତ ମିଶ୍ର ନୂଆକରି ଗଠନ କରାଯାଇଥିବା ଚାଟରାଚକଡ଼ା ସମବାୟ ସମିତିକୁ ଜିଲ୍ଲା ସମବାୟ ବିଭାଗ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି, ଯେଉଁଥିପାଇଁ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଉନ୍ନତି ପାଇଁ କରାଯାଇଥିବା ବିଭିନ୍ନ ଯୋଜନାରୁ ଏହି ସମିତି ଅଧୀନରେ ଥିବା ଚାଷୀମାନେ ବଞ୍ଚିତ ହେଉଛନ୍ତି ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ପରେ ଉପନିବନ୍ଧକ ଶ୍ରୀ ବିଶ୍ୱାଳ ଏହି ସମିତିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ନିଜେ ସମିତିର ସମସ୍ତ ଦାୟିତ୍ୱ ନେବେ ବୋଲି କହିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଅସ୍ତରଙ୍ଗରେ ପୋଷଣର ନୂଆ କାହାଣୀ

## 'ଆଙ୍ଗନ କା ଉତ୍ସବ'ରେ ବାପାଙ୍କୁ ପ୍ରଥମ ଥର ସମ୍ମାନ



କାକଟପୁର/ଅସ୍ତରଙ୍ଗ,୨୯।୯ (ସଂଚାର ବ୍ୟୁରୋ): ଗୋଟିଏ ପଟେ ରଙ୍ଗୀନ ବେଲୁନ୍, କାନ୍ଥରେ ପୋଷଣର ଚିତ୍ର, ଆଉ ଗୋଟିଏ ପଟେ ମା'ଙ୍କ ହାତ ତିଆରି ମାଣ୍ଡିଆ ପିଠାର ବାସ୍ନା। ଏ ଦୃଶ୍ୟ କୌଣସି ମେଳାର ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୭୮ଟି ଅଙ୍ଗନବାଡିର। ପୁରୀ ଜିଲ୍ଲା ଅସ୍ତରଙ୍ଗରେ ଏବେ ଅଙ୍ଗନବାଡି ଆଉ କେବଳ କେନ୍ଦ୍ର ନୁହେଁ, ପାଲଟିଛି ଗାଁର ପୋଷଣ ମନ୍ଦିର। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ୧୫ଟି ପଞ୍ଚାୟତରେ ୨୭ ରୁ ୨୯ ତାରିଖ ଯାଏଁ 'ଆଙ୍ଗନ କା ଉତ୍ସବ' ଆୟୋଜନ କରାଯାଇଥିଲା। ତିନି ଦିନ, ତିନିଟି ଥିମ୍, ଆଉ ଶେଷ ଦିନରେ ସବୁଠୁ ବଡ ସରପ୍ରାଇଜ୍ - ତ୍ରିରଙ୍ଗା ଥାଳି।

ପ୍ରଥମ ଦିନ ଥିଲା ପୋଷଣ ପିଠା ପ୍ରତିଯୋଗିତା। ବଜାରୀ ଖାଦ୍ୟ ନୁହେଁ, ଘର ବାଡିର ଶାଗ, ମାଣ୍ଡିଆ, ଛତୁ, ରାଗିରେ ବାପାମାନେ ତିଆରି କରିଥିଲେ ପିଠା, ବରା, ଲଡୁ, ହାଲୱା। ଗୋଟିଏ ପ୍ରଶ୍ନର ଉତ୍ତର ମିଳିଲା - ପୋଷଣ ପାଇଁ ଟଙ୍କା ନୁହେଁ, ସଚେତନତା ଦରକାର। ଦ୍ୱିତୀୟ ଦିନ ସମ୍ପୂର୍ଣ୍ଣ ପିଲାଙ୍କ ପାଇଁ। ଖେଳ, ଗୀତ, କାହାଣୀ ଓ 'ଆମ କୁନି ପିଲା' ବହି ପଠନ। 'ମୋ ବିକାଶ ପତ୍ର' ଦେଖି ଅଭିଭାବକ ବୁଝିଲେ, ପିଲା କେମିତି ବଢୁଛି।

ମଙ୍ଗଳବାର ମୁଖ୍ୟ ସମାରୋହ ଦୁଇଟି ଜାଗାରେ ହୋଇଥିଲା। କେନ୍ଦ୍ରାପଟି ପଞ୍ଚାୟତର କେନ୍ଦ୍ରାପଟି-୨ ଅଙ୍ଗନବାଡି ଓ ଆଳସାହିର ଓଳିହାଁ କେନ୍ଦ୍ରରେ ଶହ ଶହ ଲୋକ ଏକାଠି ବସି ଖାଇଲେ। ମେନୁରେ ଥିଲା ବିଶେଷ ତ୍ରିରଙ୍ଗା ଥାଳି। ଧଳା - ଭାତ, ଦହି, ଅଣ୍ଡାରେ ପ୍ରୋଟିନ। ସବୁଜ - ପାଳଙ୍ଗ, ସଜନା, ଶାଗରେ ଆଇରନ। କମଳା - ଗାଜର, ପମ୍ପକିନ, ଡାଲିରେ ଭିଟାମିନ। ସିଡିପିଓ ଲୋଚନା ସେଠୀଙ୍କ ସ୍ଲୋଗାନ - "ଥାଳି ଯେତେ ରଙ୍ଗୀନ, ପିଲା ସେତେ ପୋଷିତ, ଗାଁ ସେତେ ସୁସ୍ଥ"। ଲୋକେ କହୁଛନ୍ତି, ଏହା ଖାଦ୍ୟ ନୁହେଁ, ଏକ ମେସେଜ୍।

ଏହି ଦିନର ଆଉ ଏକ ହାଇଲାଇଟ୍ ଥିଲା - ବାପା ମାନଙ୍କୁ ସମ୍ମାନ। ପ୍ରଥମ ଥର ପାଇଁ ପିଲା ଯତ୍ନରେ ମା'ଙ୍କୁ ସାହାଯ୍ୟ କରୁଥିବା ବାପାଙ୍କୁ ମଞ୍ଚକୁ ଡାକି ପୁରସ୍କୃତ କରାଗଲା। ପୋଷଣ, ମମତା, ପିଏମ ଆବାସ, ଅଦ୍ୱିକା ଯୋଜନା ଉପରେ ମଧ୍ୟ ବ୍ୟାପକ ଆଲୋଚନା ହେଲା।

କାର୍ଯ୍ୟକ୍ରମରେ ସିଡିପିଓ ଲୋଚନା ସେଠୀ, ସୁପରଭାଇଜର ଜ୍ୟୋସ୍ନା ଦାଶ, ସୁଚିତ୍ରା ପ୍ରଧାନ, ଅଞ୍ଜନା ନାୟକ, ବ୍ଲକ କୋଅର୍ଡିନେଟର ଶାଶ୍ୱତ ସେଠୀ, ନମିତା ନାୟକ ଉପସ୍ଥିତ ଥିଲେ। ଏବେ ଏହି ତ୍ରିରଙ୍ଗା ମଡେଲ ୧୭୮ କେନ୍ଦ୍ରରେ ଲାଗୁ ହୋଇଛି।

### ବ୍ୟାସନଗର ଶ୍ମଶାନର କରୁଣ ଚିତ୍ର

## ମଣିଷର ଶେଷ ଠିକଣା ବେହାଲ, ପ୍ରଶାସନ ନୀରବ



ଯାଜପୁର ରୋଡ଼, ୨୯।୯ (ସଂଚାର ବ୍ୟୁରୋ): ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ କେତେ ସ୍ୱପ୍ନ ଦେଖେ, କେତେ ବଙ୍ଗଳା ଗଢ଼େ, କିନ୍ତୁ ଶେଷରେ ସମସ୍ତଙ୍କ ଶେଷ ଠିକଣା ସେହି ଗୋଟିଏ — ଶ୍ମଶାନ। ହେଲେ ସେହି ଶେଷ ଠିକଣାର ଅବସ୍ଥା ଯଦି ଜରାଜୀର୍ଣ୍ଣ ହୁଏ, ତା'ଠୁ ବଡ ଦୁଃଖ ଆଉ କ'ଣ ହୋଇପାରେ? ବ୍ୟାସନଗର ପୌରାଅଂଚଳର ଚୁନଭାଟି ପ୍ଲଟ ନିକଟରେ ଥିବା ବ୍ୟାସନଗର ପୌର ପରିଷଦର ମୁଖ୍ୟ ଶ୍ମଶାନର ଚିତ୍ର ଏବେ ଠିକ୍ ଏହିପରି। ଶ୍ମଶାନକୁ ଯିବାକୁ ଭଲ ରାସ୍ତା ନାହିଁ, ବର୍ଷା ହେଲେ କାଦୁଅ ପଚପଚ, ରାତିରେ ଲାଇଟ୍ ନାହିଁ, ପିଇବା ପାଣି କି ବସିବା ପାଇଁ ସେଡ୍ ନାହିଁ। ମୃତ ଶରୀରକୁ ନେଇ ଆସୁଥିବା ପରିବାର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ବୃଦ୍ଧ ଜଣଙ୍କ କହିବା ଅନୁସାରେ, "ଜୀବନ ସାରା ଟିକସ ଦେଲୁ, ସହରର ବିକାଶ ପାଇଁ ସବୁ କଲୁ, କିନ୍ତୁ ମଣିଷର ଶେଷ ଯାତ୍ରା ପାଇଁ ଏତିକି ସମ୍ମାନ ମଧ୍ୟ ମିଳୁନି। କୋଟି କୋଟି ଟଙ୍କା ପୌର ଉନ୍ନୟନରେ ଖର୍ଚ୍ଚ ହେଉଛି, କିନ୍ତୁ ଶେଷ ଠିକଣାର ଉନ୍ନତି ପାଇଁ କାହିଁକି ଅବହେଳା? ଏହି ଅମାନବୀୟ ଅବସ୍ଥାର ତୁରନ୍ତ ସୁଧାର ପାଇଁ ନଗରପାଳ ଓ ପୌର ନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ବ୍ୟାସନଗରବାସୀ ଦାବି କରିଛନ୍ତି।

## ଗଞ୍ଜେଇ ସହ ୧.୧୬ ଲକ୍ଷ ଜବତ, ୪ ଗିରଫ



ପାରାଦୀପ,୨୯।୯ (ସଂଚାର ବ୍ୟୁରୋ): ନିଶାଦ୍ରବ୍ୟ ଓ ବେଆଇନ ମଦ କାରବାର ବିରୋଧରେ ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ଚଢ଼ଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଛି। ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ନିମିଢ଼ି ଗ୍ରାମ ରେ ଚଢ଼ଉ କରାଯାଇ ୧୨ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ ଲକ୍ଷ ୨୦ ହଜାର ଟଙ୍କା ହୋଇଥିବାବେଳେ ବିକ୍ରିରୁ ମିଳିଥିବା ୧ ଲକ୍ଷ ୧୬ ହଜାର ୨୦୦ ଟଙ୍କା ମଧ୍ୟ ଜବତ ହୋଇଛି। ଏହି ଘଟଣାରେ ନିମିଢ଼ି ଗ୍ରାମର ଅମ୍ବିକ ସ୍ୱାଇଁ (୪୮) ଓ ଲୋକନାଥ ସ୍ୱାଇଁ (୪୬)ଙ୍କୁ ଗିରଫ କରାଯାଇଛି। ସେହିପରି ପାରାଦୀପ ଅବକାରୀ ରେଞ୍ଜ ପକ୍ଷରୁ ଦୁଇଟି ପୃଥକ ମାମଲାରେ ରଙ୍ଗିଆଗଡ଼ ଗ୍ରାମ ର ରବୀନ୍ଦ୍ର ମଲ୍ଲିକ (୩୨) ଓ ବାଉରିଆପାଳନ୍ଦା ର କବୀର ବିଶ୍ୱାଳ (୫୯)ଙ୍କୁ ଗିରଫ କରାଯାଇଛି। ରବୀନ୍ଦ୍ରଙ୍କ ଠାରୁ ୩.୬୦୦ ଲିଟର ଏବଂ କବୀରଙ୍କ ଠାରୁ ୩.୨୪୦ ଲିଟର ମଦ ଜବତ କରାଯାଇଛି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଅଯୋଧ୍ୟା-ବାରାଣସୀ ଗସ୍ତ



ମାଲକାନଗିରି,୨୯।୯ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟା ଏବଂ ବାରାଣସୀ ଗସ୍ତ ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କୁ ବିଦାୟ ଦେବା ସହ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରାରେ ମାଲକାନଗିରି ଜିଲ୍ଲାରୁ ମୋଟ ୭୫ ଜଣ ବରିଷ୍ଠ ନାଗରିକ ସାମିଲ ହୋଇଥିବା ବେଳେ ସେମାନଙ୍କ ସୁବିଧା ତଥା ସୁରକ୍ଷା ପାଇଁ ୨ ଜଣ ସହଯୋଗୀ ଅଧିକାରୀ ମଧ୍ୟ ଯାତ୍ରା କରୁଛନ୍ତି।

ଆଜି ସମସ୍ତ ତୀର୍ଥଯାତ୍ରୀ ମାଲକାନଗିରିରୁ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଏକ ସ୍ୱତନ୍ତ୍ର ରେଳଗାଡ଼ି ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧ୍ୟା ଏବଂ ବାରାଣସୀ ଅଭିମୁଖେ ଗସ୍ତ କରିବେ। ବିଶେଷ କରି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ତୀର୍ଥଯାତ୍ରୀମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଯିବା ଆସିବା, ରହିବା, ଖାଇବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା କହିଥିଲେ ବରିଷ୍ଠ ନାଗରିକମାନଙ୍କୁ ପବିତ୍ର ଅଯୋଧ୍ୟା ଓ ବାରାଣସୀ ଭଳି ଧାର୍ମିକ ପୀଠ ଦର୍ଶନର ସୁଯୋଗ ଦେବା ଏକ ମହତ ପଦକ୍ଷେପ।

## ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମୀକ୍ଷା କଲେ ରାଜ୍ୟ ସ୍ତରୀୟ ଏନ୍‌କ୍ୱାସ ଟିମ୍



ବୋରିଗୁମ୍ମା,୨୯।୯ (ସଂଚାର ବ୍ୟୁରୋ): ରାଜ୍ୟ ସ୍ତରୀୟ ତିନି ଜଣିଆ ଏନ୍.କ୍ୱା.ସ୍ ଟିମ୍ ଆଜି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ସ୍ୱାସ୍ଥ୍ୟ ସେବା ଗୁଡିକୁ ପରଖି ଛନ୍ତି। ଏହି ଟିମ୍ ପହଞ୍ଚି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତ୍ୟକ୍ଷ ସ୍ଥିତି ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ର ଆନୁସଙ୍ଗିକ ବ୍ୟବସ୍ଥା, ରୋଗୀଙ୍କୁ ମିଳୁଥିବା ସେବା ଓ ପାରିବେଶିକ ସ୍ୱଚ୍ଛତାକୁ ଏହି ଟିମ୍ ପରଖିଥିଲେ। ନିରାମୟ ଯୋଜନା, ନିଦାନ, ଅଣ ସଂକ୍ରମିତ ରୋଗ, ବର୍ଜ୍ୟ ବସ୍ତୁ ପରିଚାଳନା ଭଳି ଅନେକ ଗୁଡ଼ିଏ ବିଭାଗ ବୁଲି ସ୍ୱାସ୍ଥ୍ୟ ସେବାର ସ୍ଥିତି ପରଖିଥିଲେ। ରାଜ୍ୟ ସ୍ତରୀୟ ଏହି ତିନି ଜଣିଆ ଟିମ୍ରେ ବୌଦ୍ଧ ଜିଲ୍ଲା ର ଡାକ୍ତର ରମାକାନ୍ତ ନନ୍ଦ, ଗୋପାଳ କୃଷ୍ଣ ସାହୁ, ବିକାସିନୀ ମହାପାତ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ ସେବାର ସ୍ଥିତି ଗୁଡ଼ିକ ପରଖିଥିଲେ।

## ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶ ପାଇଁ ପୁରୀରୁ ଆସିଲା ଆଜ୍ଞାମାଳ



ନୀଳଗିରି,୨୯।୯ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଅମ୍ବିକାପୁର ଗ୍ରାମରେ ଚଳିତ ବର୍ଷ ୨୬ ବର୍ଷ ରାହାସ ପୂର୍ଣ୍ଣମୀ ପାଳନ ଅବସର ରେ ସାର୍ବଜନୀନ ବୋଇତ ବନ୍ଦାଣ କମିଟି ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ବତ୍ରିଶ ବେଶଅନୁଷ୍ଠିତ ପାଇଁ ପୁରୀରୁ ଗ୍ରାମବାସୀଙ୍କ ଦ୍ୱାରା ଆସିଲା ଆଜ୍ଞା ମାଳ। ଏହି ପରିପ୍ରେକ୍ଷୀରେ ପୁରୀ ଶ୍ରୀମନ୍ଦିରରୁ ଅଣାଯାଇଥିବା ଆଜ୍ଞା ମାଳକୁ ସର୍ବପ୍ରଥମେ ଗ୍ରାମବାସୀଙ୍କ ଦ୍ୱାରା କାଂଶ ପେଟ୍ରୋଲ ଟାଙ୍କିଠାରେ ସ୍ୱାଗତ କରାଯାଇଥିଲା। ପରେ ଏହି ଆଜ୍ଞାମାଳକୁ ଏକ ଶୋଭାଯାତ୍ରା ରେ ନେଇ ଗ୍ରାମ ଦେବୀ ମା ଆନକେଇ ଓ ବାବା ଖଜୁରେଶ୍ୱର ମହାଦେବଙ୍କୁ ଦର୍ଶନ କରି ସାରିବା ପରେ ଗ୍ରାମ ପରିକ୍ରମା କରାଇଥିଲା। ପରିକ୍ରମା ସମୟରେ ଶତାଧିକ ଗ୍ରାମର ଶ୍ରଦ୍ଧାଳୁ ଆବାଳ ବୃଦ୍ଧ ବନିତାକାର୍ଯ୍ୟକ୍ରମ ରେ ଯୋଗଦେଇ ଶଙ୍ଖ, ହୋଳହୋଳି ହରିନାମ ସଂକୀର୍ତ୍ତନ ମଣ୍ଡଳୀ ରେ ଚତୁର୍ଦ୍ଦିଗଏକଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ସର୍ବଶେଷରେ ଆଜ୍ଞା ମାଳ କୁ ନେଇ ଗ୍ରାମରେ ଥିବା ଶ୍ରୀ ହନୁମାନଙ୍କ ମନ୍ଦିରରେ ପହଞ୍ଚି ଆଜ୍ଞା ମାଳକୁ ରଖାଯାଇଥିଲା। ଏହି ଆଜ୍ଞା ମାଳରେ ନାକ ଚଣା, ସିନ୍ତି, କୁଣ୍ଡଳ ଓ ମଣୀମାଳ ପୁରୀରୁ ଅଣାଯାଇ ଥିଲା।

## ବାଉଁଶନାଳ ଅଙ୍ଗନବାଡିରେ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ଉଦ୍‌ଯାପିତ



ନୀଳଗିରି,୨୯।୯ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସମସ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ତିନିଦିନ ବ୍ୟାପି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଙ୍ଗନ୍ କା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଅଙ୍ଗନବାଡି କେନ୍ଦ୍ରରେ ମଧ୍ୟ ପାଳନ ହୋଇଯାଇଛି।

ଏହି କାର୍ଯ୍ୟ କ୍ରମରେ, ସାମାଜିକକର୍ମି, ଶିଶୁ ଓ ଅଭିଭାବକ, କିଶୋରୀ ବାଳିକା, ଏ ଏମ୍ ସି, ର ସଦସ୍ୟ ମାନଙ୍କୁ ସାମିଲ କରାଯାଇ ପ୍ରଥମ ଦିନ ର ଅଭିଭାବକ ମାନଙ୍କ ଦ୍ୱାରା ପୋଷଣ ଯୁକ୍ତ ସ୍ୱାଦିଷ୍ଟ ଓ ପୃଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ରକୁ ଆଣିଥିଲେ। ଯାହା ଅଙ୍ଗନବାଡି କେନ୍ଦ୍ର ରେ ପ୍ରଦର୍ଶିତ ହୋଇଥଲା। ଦ୍ୱିତୀୟ ଦିବସରେ ପିଲା ମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ଗଳ୍ପ, ମଜାଦାର ଖେଳ ଆୟୋଜିତ ହୋଇଥଲା। ତୃତୀୟ ଦିନରେ ମହିଳା ଓ ଶିଶୁ ଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ଯଥା ସୁଭଦ୍ରା ଯୋଜନା, ମମତା ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥି ସହିତ ବାପା ମାଆ ମାନଙ୍କ ମଧ୍ୟରେ ହୋଇଥିବା ରୋଷେଇ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାପାଳ ଙ୍କ ସ୍ୱାକ୍ଷର ଥିବା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଶେଷ ଦିନ ତ୍ରିରଙ୍ଗା ପ୍ଲେଟ୍ ମଧ୍ୟାର୍ଣ୍ଣ ଭୋଜନ ରେ ସମସ୍ତ ଅଭିଭାବକ, ଗର୍ଭବତୀ ଓ ପ୍ରସୂତି ମା, କିଶୋରୀ ଏବଂ ଶିଶୁ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପୁଷ୍ଟିକର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ।

## ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୯।୯ (ସଂଚାର ବ୍ୟୁରୋ): ଢେଙ୍କାନାଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠାନ ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ କରି ଭାଇଚାରା ମଧ୍ୟରେ ସମାପନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଓ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସହର ମଧ୍ୟରେ ନିୟମିତ ଭାବେ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ ଓ ପରିଷ୍କାର ପରିଚ୍ଛନ୍ନ ପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଆସନ୍ତା ଅକ୍ଟୋବର ୨୫ ରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ନଭେମ୍ବର ୪ ରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ । ମିଳିତ ଲକ୍ଷ୍ମୀପୂଜା ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରାଯିବ ବୋଲି ମିଳିତ ପୂଜା କମିଟିର ସଭାପତି ଶ୍ରୀ ରାମ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି।ଏଥି ନିମନ୍ତେ ସେ ସମସ୍ତ ପୂଜା ପ୍ରତିଷ୍ଠାନ ଓ ବିଭାଗୀୟ ଅଧିକାରୀମାନଙ୍କ ପୂର୍ଣ୍ଣ ସହଯୋଗ କାମନା କରିଥିଲେ ।



## ରଙ୍ଗିଆଗଡ଼ରେ ଜମି କେଳେଙ୍କାରୀ ଅଭିଯୋଗ ▶ ୩ କୋଟି ୧୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ, ଥାନାରେ ମାମଲା



ପାରାଦୀପ,୨୯।୯ (ସଂଚାର ବ୍ୟୁରୋ): ଜମି ବ୍ୟବସାୟ ନାଁରେ କୋଟି କୋଟି ଟଙ୍କାର କାରବାର। କାହାକୁ ଜମି ଦେବାର ପ୍ରତିଶ୍ରୁତି, ତ ଆଉ କାହାକୁ ବ୍ୟବସାୟରେ ଭାଗୀଦାର କରିବାର ଲୋଭ। ଟଙ୍କା ନେବା ପରେ ଏବେ ହିସାବ ମାଗିଲେ ମିଳୁନି ଟଙ୍କା— ବରଂ ମିଳୁଛି ଧମକ! ଏଭଳି ଅଭିଯୋଗକୁ ନେଇ ପାରାଦୀପର ରଙ୍ଗିଆଗଡ଼ ଅଞ୍ଚଳରେ ଜମି କାରବାରକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଜମି ବ୍ୟବସାୟରେ ଭାଗୀଦାର କରିବାକୁ କହି ଭୂତମୁଣ୍ଡାଇ ଅଞ୍ଚଳର ରାଜେନ୍ଦ୍ର ଦାସଙ୍କଠାରୁ ପ୍ରାୟ ୩ କୋଟି ୧୦ ଲକ୍ଷ ଟଙ୍କା ନିଆଯାଇଥିଲା। ଟଙ୍କା ଫେରସ୍ତ ମାଗିବା ପରେ ଏବେ ଧମକ ମିଳୁଥିବା ରାଜେନ୍ଦ୍ର ଅଭିଯୋଗ କରିଛନ୍ତି।

ରାଜେନ୍ଦ୍ରଙ୍କ କହିବା ଅନୁସାରେ, ତିର୍ତ୍ତୋଲ ବ୍ଲକ କୋଲର ଗ୍ରାମର ସୁଧୀର ମହାପାତ୍ରଙ୍କ ପୁଅ ସିତାଂଶୁ ମହାପାତ୍ର ଏବଂ କୁଜଙ୍ଗ ବ୍ଲକ କୋଠିଆସାହିର ରଘୁନାଥ ପରିଜାଙ୍କ ପୁଅ ଉମାକାନ୍ତ ପରିଜା ଏକ କମ୍ପାନୀ ଖୋଲି ରଙ୍ଗିଆଗଡ଼ ନିକଟରେ ଜମି କିଣି ପ୍ଲଟିଂ କରୁଥିଲେ।

ଏହି ବ୍ୟବସାୟରେ ତାଙ୍କୁ ଭାଗୀଦାର କରିବାକୁ କହି ତାଙ୍କଠାରୁ ଆକାଉଣ୍ଟ ମାଧ୍ୟମରେ ପ୍ରାୟ ଦେଢ଼ କୋଟି ଟଙ୍କା ଏବଂ ନଗଦରେ ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ନିଆଯାଇଥିବା ଅଭିଯୋଗ ହୋଇଛି। ସମୟ ଗଡ଼ିବା ପରେ ରାଜେନ୍ଦ୍ର ବ୍ୟବସାୟର ଲାଭକ୍ଷତିର ହିସାବ ମାଗିଥିଲେ। ହେଲେ ହିସାବ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ପରେ ନିଜ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ୩ କୋଟି ୧୦ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଥିଲା। କିନ୍ତୁ ଚେକ୍‌ଟି ବାଉନ୍ସ ହୋଇଥିବା ରାଜେନ୍ଦ୍ର କହିଛନ୍ତି। ଏହାପରେ ଟଙ୍କା ମାଗିବାରୁ ଜୀବନରେ ମାରିଦେବାର ଧମକ ମିଳିଥିବା ଅଭିଯୋଗ କରି ରାଜେନ୍ଦ୍ର ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏତଲା ଗ୍ରହଣ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। କେବଳ ରାଜେନ୍ଦ୍ର ନୁହନ୍ତି, ରଙ୍ଗିଆଗଡ଼ ଅଞ୍ଚଳର ଜମି କାରବାରକୁ ନେଇ ଆହୁରି ଅନେକ ଅଭିଯୋଗ ସାମ୍ନାକୁ ଆସିଛି। ୩୦ରୁ ଊର୍ଦ୍ଧ୍ୱ ଲୋକ ଜମି କିଣିଥିବା ବେଳେ ଜମି ବିକ୍ରି କରିଥିବା ମାଲିକମାନେ ସମ୍ପୂର୍ଣ୍ଣ ଟଙ୍କା ପାଇନଥିବାରୁ ଜମିକୁ ଯିବା ରାସ୍ତା ଛାଡୁନଥିବା ଅଭିଯୋଗ ହୋଇଛି।




SANCHAR ସଂଚାର
ବୁଧବାର ୩୦ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ

# ଶୋଇକି ଉଠିଲା ପରେ ଲାଗୁଛି କି ନିଦ



ଜଣେ ସୁସ୍ଥ ବ୍ୟକ୍ତି ପାଇଁ ଆଠ ଘଣ୍ଟା ନିଦ ଜରୁରୀ। ଅନେକ ଲୋକ ପ୍ରାୟତଃ ଏହି ନିଦ କୋଟା ପୂରଣ କରିବାରେ ବିଫଳ ହୁଅନ୍ତି। ଯାହା ଫଳରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୁଏ। ତଥାପି, କେତେକ ସମୟରେ ଜଣେ ବ୍ୟକ୍ତି ଆଠ ଘଣ୍ଟା ଶୋଇବା ପରେ ମଧ୍ୟ କ୍ଳାନ୍ତ ଏବଂ ଅଳସୁଆପଣ ଅନୁଭବ କରିଥାନ୍ତି। ଏହା ଇଡିଓପାଥିକ୍ ହାଇପରସୋମନିଆ (IH) ନାମକ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସୂଚାଇଥାଏ। ଏହି ଅବସ୍ଥା ଲୋକଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବା ପରେ ମଧ୍ୟ ନିଦ୍ରା ଅନୁଭବ କରାଇଥାଏ।

ସରଳ ଭାଷାରେ କହିବାକୁ ଗଲେ, ଏହା ନିଦ ସହିତ ଜଡିତ ଏକ ସ୍ନାୟୁଗତ ରୋଗ । ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ଦିନରେ ବାରମ୍ବାର ଶୋଇପଡ଼ନ୍ତି। କିଛି ଲୋକ ଦୀର୍ଘ ସମୟ ପାଇଁ ଶୋଇପଡ଼ିଥାନ୍ତି। ଏହି ରୋଗରେ ପୀଡିତ ଲୋକମାନେ ପ୍ରାୟତଃ ନିରନ୍ତର ଥକ୍କା ଅନୁଭବ କରିଥାନ୍ତି। ରାତିର ଭଲ ନିଦ ପରେ ମଧ୍ୟ, ସେମାନଙ୍କୁ ଦିନରେ ଜାଗ୍ରତ ରହିବାରେ ଅସୁବିଧା ହୁଏ ଏବଂ ଉଠିବା ସମୟରେ ନିଦୁଆ ନିଦୁଆ ଅନୁଭବ ହୋଇଥାଏ।

ଏହାର ଲକ୍ଷଣଗୁଡ଼ିକ ଅନ୍ୟ ନିଦ୍ରା ରୋଗ କିମ୍ବା ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସହିତ ସମାନ। ଅନେକ ରୋଗୀଙ୍କ କ୍ଷେତ୍ରରେ ସଠିକ୍ ରୋଗ ନିର୍ଣ୍ଣୟ କରିବରେ ବିଳମ୍ବ ହୋଇଥାଏ। ପୂର୍ବ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡିଛି, ଇଡିଓପାଥିକ୍ ହାଇପରସୋମନିଆ ଅପସ୍ମାର କିମ୍ବା ବାଇପୋଲାର ଡିସଅର୍ଡର ଭଳି ରୋଗ ଅପେକ୍ଷା ଅଧିକ ସାଧାରଣ ହୋଇପାରେ। ତେବେ ଏହି ରୋଗର କାରଣ ସ୍ପଷ୍ଟ ନୁହେଁ। ସାଇନ୍ସ ଡାଇରେକ୍ଟ ଡଟ୍ କମରେ ପ୍ରକାଶିତ ଏକ ଗବେଷଣା ରିପୋର୍ଟ ଏହା ପ୍ରକାଶ କରିଛି। ରିପୋର୍ଟ ଅନୁସାରେ, ଏହା ମସ୍ତିଷ୍କ ଦ୍ୱାରା ନିଦ ଏବଂ ଜାଗ୍ରତ ଚକ୍ରକୁ ନିୟନ୍ତ୍ରଣ କରିବା ସହିତ ଆରମ୍ଭ ହୋଇଥାଏ। ଏହି ସମସ୍ୟାରେ ପୀଡିତ ବ୍ୟକ୍ତି ଦିନରେ ମଧ୍ୟ ବହୁ ସମୟ ଶୋଇଥାନ୍ତି।

ଏହି ରୋଗର ଚିକିତ୍ସା ବିଷୟରେ କୌଣସି ଠୋସ୍ ସୂଚନା ଉପଲବ୍ଧ ନାହିଁ। ଗବେଷଣା ରିପୋର୍ଟଗୁଡ଼ିକ ସଠିକ୍ ଶୋଇବା ଅବସ୍ଥା, ସଫା ବିଛଣା ଏବଂ ସୁସ୍ଥ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିଥାଏ। ଗବେଷକଙ୍କ ଅନୁସାରେ, ଚିକିତ୍ସା ମୁଖ୍ୟତଃ ଲକ୍ଷଣ ପରିଚାଳନା ଏବଂ ରୋଗୀଙ୍କୁ ଦୈନନ୍ଦିନ କାର୍ଯ୍ୟକଳାପ କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ ଦେଇଥାଏ।।



# ଫେସ୍‌ର ମେକଅପ୍

ଶୀତ ଦିନ ଆସିବା ମାତ୍ରେ ଆମ ତ୍ୱଚାକୁ ନେଇ ବହୁ ଚିନ୍ତାରେ ରହିଥାଉ। କାହିଁକି ନା ଶୀତ ଦିନେ ଆମ ତ୍ୱଚା ବହୁତ ଡ୍ରାଏ ହୋଇଯାଏ। ସେଥିପାଇଁ ଆମେ ଯଦି ତ୍ୱଚା ଉପରେ ଧ୍ୟାନ ନଦେବା , ଆଗକୁ ଯାଇ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଆହୁରୀ ବଢ଼ିଯିବ। ଏହି ପରିସ୍ଥିତିରେ ଯଦି ଆପଣ କୌଣସି ବାହାଘର କିମ୍ବା ପାର୍ଟିକୁ ଯାଉଛନ୍ତି , ତାହାଲେ ମେକଅପ ପ୍ରତି ଧ୍ୟାନ ଦଅନ୍ତୁ। ନହେଲେ ଡ୍ରାଏ ପାଇଁ ମେକଅପ ପୂରା ଖରାପ ହୋଇଯିବ । ଶୀତଦିନେ ମେକ୍‌ଅପ୍ ନେବା ପୂର୍ବରୁ, ସ୍କିନ୍‌କୁ ଏକ ଭଲ ମଶ୍ଚରାଇଜରରେ ଧୀରେ ଧୀରେ ମସାଜ କରିବେ। ଅତିକମ୍‌ରେ ୨ ମିନିଟ୍ ପାଇଁ ମସାଜ୍ କରିବା ଜରୁରୀ। ଯାହାଦ୍ୱାରା ମୁହଁରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବ ଏବଂ ମେକ୍‌ଅପ୍ ପରେ ଚେହେରା ଅଧିକ ସୁନ୍ଦର ଦେଖାଯିବ। ଏହାସହ ମେକ୍‌ଅପ୍ ପରେ ମୁହଁ ଶୁଖିଲା ମଧ୍ୟ ଦେଖାଯିବ ନାହିଁ । ଯଦି ଆପଣଙ୍କ ସ୍କିନ୍ ଡ୍ରାଏ, ତାହେଲେ ଆପଣ ମେକ୍‌ଅପ୍ କରିବା ପୁର୍ବରୁ ଫାଉଣ୍ଡେସନ୍‌ରେ ଦୁଇ ବୁନ୍ଦା ମୁହଁରେ ବ୍ୟବହାର ହେଉଥିବା ତେଲ ମିଶାଇ ଦିଅନ୍ତୁ। ତାପରେ ହିଁ ସେହି ଜିନିଷକୁ ବେକ, ମୁହଁ ଓ ହାତରେ ଲଗାଇ ଦିଅନ୍ତୁ। ତେବେ ଏପରି କରିବା ଦ୍ୱାରା ଆପଣ ମେକ୍‌ଅପ୍ ନେବା ପରେ ଆପଣଙ୍କ ମୁହଁ ଡ୍ରାଏ ଦେଖାଯିବ ନାହିଁ । ଶୀତଦିନେ ଅତ୍ୟଧିକ ମେକଅପ୍ ଲଗାଇବା ଦ୍ୱାରା ସ୍କିନ୍‌ର ପ୍ରାକୃତିକ ଚମକ କମିଯାଏ। ଯଦି ଆପଣ କେବଳ ହାଲୁକା ମେକଅପ୍ କରନ୍ତି ତେବେ ଏହା ଭଲ ହେବ। କିନ୍ତୁ ଫାଉଣ୍ଡେସନ୍ ଲଗାଇବା ପରେ ହାଇଲଟ୍‌ର ବ୍ୟବହାର କରିବେ।

# ଅଫିସରେ ବେଶୀ ସମୟ ବସିଲେ ସ୍ୱାସ୍ଥ୍ୟ ପ୍ରତି ବିପଦ

ଆଜିକାଲି ପ୍ରତି ଅଫିସରେ କାମ ଚାପ ବଢ଼ିଲାଣି। ଏଆଇ ଯୁଗରେ ଗୋଟେ ପଟେ ଛଟେଇ ବଢ଼ୁଥିବା ବେଳେ ଏଆଇକୁ ମାତ୍ ଦେବାକୁ କାମର ପ୍ରତିଯୋଗିତା ବି ବଢ଼ିଲାଣି। ଲମ୍ବା ସମୟ ଧରି ମିଟିଂ ଏବଂ କାମ ଚାପ ଭିତରେ କର୍ମଚାରୀମାନେ ଘଣ୍ଟା ଘଣ୍ଟା ଧରି ଚେୟାରରେ ଗୋଟେ ସ୍ଥାନରେ ବସି ରହୁଥିବା ଦେଖିବାକୁ ମିଳୁଛି। ଯାହା ପରବର୍ତ୍ତୀ ସମୟରେ ଅଣ୍ଟା ଦରଜ ସହ ଅନ୍ୟାନ୍ୟ ରୋଗର କାରଣ ସାଜୁଛି। ଆଜିକାଲି ଅଧିକାଂଶ ଲୋକଙ୍କ ଜୀବନଶୈଳୀ ଏବଂ କାର୍ଯ୍ୟ ସଂସ୍କୃତି ଏପରି ହୋଇଯାଇଛି ଯେ ସେମାନଙ୍କୁ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ବସି କାମ କରିବାକୁ ପଡୁଛି। ଯାହା ଯୋଗୁଁ ସେମାନେ ପ୍ରାୟ ଚାଲିପାରୁନାହାଁନ୍ତି। କାର୍ଯ୍ୟ ସମୟ ସାରଣୀ ଏତେ କଠିନ ଯେ ବହୁତ କମ୍ ଲୋକ ଜିମ୍ ଯିବା ପାଇଁ ସମୟ ବାହାର କରିପାରନ୍ତି। କିନ୍ତୁ ଆପଣ କଣ ଜାଣନ୍ତି ଯେ ଏପରି ଭାବରେ ବସି ଲଗାତାର କାମ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ। ବିଶେଷଜ୍ଞଙ୍କ ମତରେ, 'ନିରନ୍ତର ବସିବା ଧୂମପାନ ପରି ବିପଦପୂର୍ଣ୍ଣ'। ଆମର ଶରୀର ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଏହା ଯଥାସମ୍ଭବ ସକ୍ରିୟ ରହିଥାଏ। ଏପରି ପରିସ୍ଥିତିରେ, ଯେତେବେଳେ ଆମେ ଦୀର୍ଘ ସମୟ ଧରି ଲଗାତାର ବସିଥାଉ, ଏହା ଆମର ସାମଗ୍ରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଜାଣନ୍ତୁ ଅଧିକ ସମୟ ଧରି କୌଣସି ସ୍ଥାନରେ ବସି ରହିଲେ କଣ ସବୁ ସମସ୍ୟା ଦେଖାଯାଏ।

## କ'ଣ ବିପଦ

- ଘଣ୍ଟା ଘଣ୍ଟା ବସି ରହିବା ଦ୍ୱାରା ଦେଖାଯାଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା
- ନିଦ୍ରାହୀନତା ସହ ମନ କ୍ଲାନ୍ତ ହୁଏ, ଓଜନ ବଢ଼ିବାକୁ ଲାଗେ
- ପ୍ରତିଦିନ ଜିମ୍ ଯାଉଥିବା ଲୋକ ମଧ୍ୟ ଏହାର ଶିକାର ହୋଇଥାନ୍ତି
- ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ଶରୀରରେ ଚର୍ବି ବୃଦ୍ଧି ହୋଇଥାଏ
- ଉଚ୍ଚ ରକ୍ତଚାପ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ବଢ଼ିଥାଏ
- ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ
- ଦୀର୍ଘ ସମୟ ବସି ରହୁଥିବା ଲୋକଙ୍କଠାରେ କର୍କଟ ରୋଗର ଆଶଙ୍କା ବୃଦ୍ଧି



# ଅପରାଜିତା ଫୁଲ ସ୍ୱାସ୍ଥ୍ୟ ପାଇଁ ହିତକର

ଅପରାଜିତା ଗାଁ ଗହଳିରୁ ନେଇ ସହର ପର୍ଯ୍ୟନ୍ତ ମିଳୁଥିବା ସାଧାରଣ ଗଛଟିଏ । ଏହା ଯେଉଁଠି ସେଇଠି ଲଟା ପରି ମାଡି ଯାଏ । ଆୟୁର୍ବେଦରେ ଅପରାଜିତାଙ୍କୁ ଗୋଟିଏ ଜଡିବୁଟି ଭାବରେ ଗୁରୁତ୍ୱ ଦିଆଯାଇଛି । ବିଶେଷ କରି ଅପରାଜିତା ଫୁଲ ବର୍ଷା ଋତୁରେ ଅଧିକ ଫୁଟିଥାଏ । ଏହାର ଆୟୁର୍ବେଦରେ ବହୁଳ ପରିମାଣରେ ବିଭିନ୍ନ ରୋଗ ପାଇଁ ଉପଚାର କରାଯାଇଥାଏ। ଅପରାଜିତା ଦୁଇ ପ୍ରକାରର ଦେଖିବାକୁ ମିଳେ ଗୋଟିଏ ହେଉଛି ଧଳା ଓ ଅନ୍ୟଟି ହେଉଛି ନୀଳ । ଅପରାଜିତା ଫୁଲରେ ହେଉଥିବା ରୋଗର ଉପଚାର ବିଷୟରେ ଆସନ୍ତୁ ସେ ସମ୍ପର୍କରେ ଜାଣିବା ।

ମୁଣ୍ଡବିନ୍ଧା ହେଉଥିଲେ ଅପରାଜିତାର ବ୍ୟବହାର କରାଯାଇଥାଏ। ଯାହାକୁ ଗୋଟିଏ ଯନ୍ତ୍ରଣା ନାଶକ ଔଷଧ ଭାବେ ବିବେଚନା କରାଯାଏ। ଯେତେବେଳେ ମୁଣ୍ଡବିନ୍ଧା ହେଉଛି ସେତେବେଳେ କଞ୍ଚା ଅପରାଜିତା ମଞ୍ଜିରୁ ରସ ତିଆରି କରି ଖାଲି ପେଟରେ ସକାଳୁ ସେବନ କରିବା ଦ୍ୱାରା ଲାଭ ମିଳିଥାଏ । ଏଥି ସହିତ କିଛି ବୁନ୍ଦା ଏହାର ରସ ନାକରେ ପକାଇବା ଦ୍ୱାରା ମାଇଗ୍ରେନ୍ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ। ଅନେକ ଲୋକଙ୍କର ଥଣ୍ଡାରୁ ମଧ୍ୟ କାନ ବିନ୍ଧା ହୋଇଥାଏ। ଏହାର ରସକୁ ଗରମ କରି କାନରେ ଲେପ ଭଳି ଲଗାଇବା ଦ୍ୱାରା କାନ ଯନ୍ତ୍ରଣାରୁ ଉପଶମ ମିଳିପାରିବ।

ଆଜିକାଲି ଅବସାଦ ଗ୍ରସ୍ତ ହେବ ଗୋଟିଏ ସାଧାରଣ ଜିନିଷ । କିନ୍ତୁ ଧ୍ୟାନରେ ରଖନ୍ତୁ ଯେ ଅପରାଜିତାର ଅବସାଦ ଦୂର କରିବାର ଗୁଣ ରହିଛି। ଅବସାଦ ଗ୍ରସ୍ତ ବ୍ୟକ୍ତିକୁ ଅପରାଜିତା ଫୁଲକୁ ବାଟି ମୁଣ୍ଡରେ ଲେପ ଦିଆଗଲେ ଅବସାଦ ଦୂର ହୋଇଥାଏ। ମଧୁମେହ ରୋଗରେ ଅପରାଜିତା ରକ୍ତ ସର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ମଧୁମେହ ରୋଗୀ ମାନଙ୍କୁ ସକାଳ ଓ ରାତ୍ରିର ଭୋଜନ ପରେ ଅପରାଜିତା ଫୁଲରେ ଚାହା ପ୍ରସ୍ତୁତ କରି ପିଇବାକୁ ଦେବା ଦ୍ୱାରା ସେମାନଙ୍କର ରକ୍ତ ସର୍କରା ନିୟନ୍ତ୍ରିତ ରହିଥାଏ । ଗଳା ଯନ୍ତ୍ରଣା କିମ୍ବା ଟନସିଲ୍ ପାଇଁ ପ୍ରାୟ ୧୦ ଗ୍ରାମ ଅପରାଜିତା ପତ୍ରକୁ ଅଧ ଲିଟର ପାଣିରେ ଫୁଟାନ୍ତୁ। ପାଣି ଅଧା ହୋଇଗଲେ, ଏହାକୁ ଛାଣି ପିଅନ୍ତୁ। ଏହାକୁ କାଢା ପରି ପିଅନ୍ତୁ। ଏହା ଆପଣଙ୍କ ଗଳା ଯନ୍ତ୍ରଣାରୁ ଯଥେଷ୍ଟ ଆରାମ ଦେବ।

କିଡନୀ ଜନିତ ସମସ୍ୟା ପାଇଁ ମଧ୍ୟ ଅପରାଜିତା ଫୁଲ ଖୁବ୍ ଲାଭକାରୀ ହୋଇଥାଏ। ଯଦି ଆପଣ ଏହି ଯନ୍ତ୍ରଣା ପାଉଛନ୍ତି ତେବେ ୫ ଗ୍ରାମ ଅପରାଜିତା ଚେରକୁ ଚାଉଳ ପାଣିରେ ବାଟି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟା ସମୟରେ ପିଇବା ଦ୍ୱାରା କିଡ଼ନୀ ସମସ୍ୟାରୁ ମୁକ୍ତି ମିଳିଥାଏ । ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିକୁ ଭଜା ହୋଇଥିବା ଅପରାଜିତା ମଞ୍ଜି ଖୁବ୍ ଫଳପ୍ରଦ ହୋଇଥାଏ। ଏହାକୁ ଅଧଗ୍ରାମ ଗୁଣ୍ଡ କରି ମହୁ ମିଶାଇ ଦିନକୁ ଦୁଇଥର ସେବନ କରିବା ଦ୍ୱାରା ଜଣ୍ଡିସରୁ ଆରମ୍ ମିଳିବ । ତା ସହିତ ଅପରାଜିତା ଚେର ୬ ଗ୍ରାମ ନେଇ ଗୁଣ୍ଡ କରନ୍ତୁ ତାହାକୁ ଦହି ସହିତ ମିଶାଇ ଜଣ୍ଡିସ ରୋଗୀକୁ ଖାଇବାକୁ ଦିଅନ୍ତୁ। ଜଣ୍ଡିସ ରୋଗ ଦୂର ହେବ। ଏହି ସବୁ ସମସ୍ୟା ଥିଲେ ଅପରାଜିତା ଫୁଲର ଏପରି ବ୍ୟବହାର କରନ୍ତୁ।



୨ ମାସରେ ୪ ଥର ବନ୍ୟା; ୧୮ ପଞ୍ଚାୟତ ପ୍ରଭାବିତ

# ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ



ବାଲେଶ୍ୱର,୨୯।୯ (ସଂଚାର ବ୍ୟୁରୋ)ଃ ବର୍ଷା ଆସିଲେ ଭୟ ଘାରୁଛି ଭୋଗରାଇବାସୀଙ୍କୁ। ଆକାଶରେ ମେଘ ଦେଖିଲେ ମନରେ ଛନକା ପସୁଛି । କାରଣ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବଢ଼ିଲେ ଆଖି ପିଛୁଳାକେ ବନ୍ୟା ପାଣି ମାଡ଼ି ଆସୁଛି ଗାଁ ଗଣ୍ଡାରେ। ଚଳିତ ବର୍ଷ ଦୁଇ ମାସ ମଧ୍ୟରେ ୪ ଥର ବନ୍ୟା ଆସିଥିବା କୁହାଯାଉଛି। ଚାଷଠାରୁ ଆରମ୍ଭ କରି ବ୍ୟବସାୟ, ଯାତାୟାତଠାରୁ ସ୍ୱାସ୍ଥ୍ୟସେବା ସବୁ ଉପରେ ପଡ଼ିଛି ବନ୍ୟାର ପ୍ରଭାବ। ବନ୍ୟାର ସ୍ଥାୟୀ ପ୍ରତିକାର କେବେ ହେବ। ସେହି ପ୍ରଶ୍ନ ଏବେ ବାଲେଶ୍ୱର ଜିଲ୍ଲା ଭୋଗରାଇବାସୀଙ୍କ ମନରେ। ଭୋଗରାଇରେ ବନ୍ୟା ବିଭୀଷିକାର ଚିତ୍ର ବ୍ୟଥିତ କରିଛି । ରାସ୍ତା ଉପରେ ପାଣି, ଘର ଚାରିପାଖରେ ପାଣି, ଚାଷଜମିରେ ପାଣି। ଯେଉଁ ରାସ୍ତାରେ ଦିନେ ଗାଡ଼ି ଚାଲୁଥିଲା, ଆଜି ସେଠି ପୋଖରୀର ଭ୍ରମ। ଯାତାୟାତ ଠପ୍। ବାହ୍ୟ ଜଗତରୁ ବିଚ୍ଛିନ୍ନ ଅନେକ ଗାଁ। ଜୀବନ ଦୁର୍ବିସହ, ଯନ୍ତ୍ରଣାପୂର୍ଣ୍ଣ। ସବୁଠାରୁ ଅଧିକ ପ୍ରଭାବିତ ଚାଷ। ଜମିରେ ପାଣି, ଫସଲ ବି ନଷ୍ଟ। ଛୋଟ ବଡ଼ ବ୍ୟବସାୟୀ ବି କ୍ଷତି ସହିଛନ୍ତି। ପିଇବା ପାଣିର ବି ସଙ୍କଟ। ବନ୍ୟା ପାଣିରେ ବୁଡ଼ି ରହିଛି ନଳକୂପ। ଦୂଷିତ ପାଣି ପିଇ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ଏହା ଭିତରେ ସ୍ୱାସ୍ଥ୍ୟସେବା ବି ଏକ ବଡ଼ ଚ୍ୟାଲେଞ୍ଜ। ରୋଗୀ, ପ୍ରସୂତିଙ୍କୁ ହସ୍ପିଟାଲ ନେବା କଷ୍ଟକର। ସେପଟେ ବନ୍ୟା ବିପନ୍ନଙ୍କ ପାଇଁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ରିଲିଫ୍, ପିଇବା ପାଣି ଏବଂ ଗୋଖାଦ୍ୟ ଯୋଗାଇ ଦିଆଯାଇନଥିବା ନେଇ ଅଭିଯୋଗ ହୋଇଛି। ପ୍ରତିବର୍ଷ ବର୍ଷା ଆସିଲେ ଭୋଗରାଇବାସୀଙ୍କ ମନରେ ଛନକା ପଶୁଛି । ପାଣି କମିଲେ ଜୀବନ ପୁଣି ସ୍ୱାଭାବିକ ହେଉଛି, ହେଲେ ଲୋକଙ୍କ ମନରୁ ଯାଉନାହିଁ ପରବର୍ତ୍ତୀ ବନ୍ୟାର ଭୟ। ବାରମ୍ବାର ବନ୍ୟାର ସାମନା କରୁଥିବା ଭୋଗରାଇବାସୀ ଏବେ ଚାହୁଁଛନ୍ତି ସ୍ଥାୟୀ ସମାଧାନ। ସୁବର୍ଣ୍ଣରେଖାର ବନ୍ୟାକୁ ରୋକିବା ପାଇଁ ନଦୀବନ୍ଧ ସୁଦୃଢ଼ କରିବା, ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ଓ ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

## ଜନସେବା କେନ୍ଦ୍ରରେ ଜାଲିଆତି ପାଇଁ ମାଲିକଙ୍କୁ ମାଡ଼ ଅଭିଯୋଗ



ବୈଶିଙ୍ଗା,୨୯।୯ (ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଛକ ନିକଟରେ ଜନସେବା କେନ୍ଦ୍ର କରି ଦୁଇ ଭାଇ ସଞ୍ଜୟ କୁମାର ମହାନ୍ତି ଓ ନାରାୟଣ ମହାନ୍ତି ଜନ ସେବା କରିବା ନାମରେ ଜନ ଶୋଷଣ କରୁଥିବା ଯୋଗୁଁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥିଲା। ଦୁଇ ଭାଇଙ୍କ ନାମରେ ଦୁଇଟି ବ୍ଲକ ବେତନଟୀ ଓ ବଡସାହି ଅଧିନରେ ଆଇଡି ଥିବା ବେଳେ ବୈଶିଙ୍ଗା ଠାରେ ଏହି କେନ୍ଦ୍ର ଖୋଲି ଥିବା ନେଇ ପୂର୍ବରୁ ବିବାଦ ସୃଷ୍ଟି ହୋଇଥିଲା। କିଛି ଦିନ କେନ୍ଦ୍ର ବନ୍ଦ ରହିବା ପରେ ପୁଣି ଖୋଲା ଯାଇଥିଲା। ଆଜି ଏକ ଘଟଣା କ୍ରମରେ ଲାଲମୋହନ ମାରାଣ୍ଡି ନାମକ ବୈଶିଙ୍ଗା କଲେଜର ଛାତ୍ର ସେଠାରେ ପହଞ୍ଚି ନିଜ କିଛି କାମ କରିବାକୁ ପ୍ରସ୍ତାବ ଦେଇଥିଲେ। ମାତ୍ର ଜନ ସେବା କେନ୍ଦ୍ରର ମାଲିକ ସଞ୍ଜୟ କୁମାର ମହାନ୍ତି ଏହା କରି ପାରିବ ନାହିଁ, ଯଦି କରିବ ତେବେ ଅଧିକ ଟଙ୍କା ଦାବି କରିଥିଲେ। ଏହି ଘଟଣାକୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଧସ୍ତା ଧସ୍ତି ମଧ୍ୟ ହୋଇଥିଲା। ଏଥିରେ ଲାଲମୋହନ ହାତରେ ପିନ୍ଧିଥିବା ଲୁହା ବଳା ମାଡରେ ସଞ୍ଜୟ ର ମୁଣ୍ଡ ଫାଟି ଯାଇଥିଲା। ଏହି ଘଟଣାକୁ ନେଇ ସଞ୍ଜୟ ର ଅଭିଯୋଗ ମୂଳେ ଲାଲମୋହନ ଏବଂ ତାର ସହଯୋଗୀକୁ ବୈଶିଙ୍ଗା ପୁଲିସ ଅଟକ ରଖିଥିବା ଜଣାଯାଇଛି।

ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ

## ପୋଖରୀରେ ବୁଡ଼ି ଆଦର୍ଶ ସ୍କୁଲ ଛାତ୍ର ମୃତ



ବାଲିପାଟଣା, ୨୯।୯(ସଂଚାର ବ୍ୟୁରୋ)ଃ ବାଲିପାଟଣା ବ୍ଲକ ଭାକରସାହିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଛାତ୍ର ହେଲେ ବାଲିପାଟଣା ଥାନା ବାରିଲୋ ଗ୍ରାମର ମନୋଜ କୁମାର ସାହୁଙ୍କ ପୁଅ ଅର୍ଣ୍ଣବ ସାହୁ (୧୫)। ସୂଚନା ଅନୁସାରେ, ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଯୋଗଦେବା ପାଇଁ ଅର୍ଣ୍ଣବ ଅନ୍ୟ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଖୋର୍ଦ୍ଧା ଯାଇଥିଲେ। ମଙ୍ଗଳବାର ସକାଳେ ଅର୍ଣ୍ଣବ ଅନ୍ୟ ଜଣେ ଛାତ୍ରଙ୍କ ସହ ନିକଟସ୍ଥ ଏକ ଗଭୀର ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଉଭୟେ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ଥିବା ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ତେବେ ଡାକ୍ତର ପରୀକ୍ଷା ପରେ ଅର୍ଣ୍ଣବଙ୍କୁ ମୃତ ଘୋଷଣା କରିଥିବାବେଳେ ଅନ୍ୟ ଛାତ୍ରଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି।ଘଟଣାକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଛି। ବିଦ୍ୟାଳୟରୁ ଛାତ୍ରମାନେ କିପରି ବାହାରକୁ ଯାଇ ପୋଖରୀକୁ ଗାଧୋଇବାକୁ ଗଲେ ଏବଂ ଏ ସମ୍ପର୍କରେ କର୍ତ୍ତୃପକ୍ଷ କିପରି ଜାଣିପାରିଲେ ନାହିଁ, ତାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।ଅନ୍ୟପକ୍ଷରେ, ମୃତ୍ୟୁ ପରେ ମୃତଦେହ ହସ୍ତାନ୍ତର ଓ ପୋଷ୍ଟମର୍ଟମକୁ ନେଇ ମଧ୍ୟ ପରିବାର ପକ୍ଷରୁ ପ୍ରଶ୍ନ ଉଠାଯାଇଥିବା ଜଣାପଡ଼ିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରି ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଦାୟିତ୍ୱରେ ଅବହେଳା ଥିଲେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ମହଲରେ ଦାବି ହୋଇଛି। ଏକମାତ୍ର ପୁଅକୁ ହରାଇ ଅର୍ଣ୍ଣବଙ୍କ ପରିବାର ଭାଙ୍ଗି ପଡ଼ିଥିବାବେଳେ ଘଟଣାକୁ ନେଇ ସମଗ୍ର ବାଲିପାଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସୁନାରିପଡ଼ାରେ ଦୁର୍ଗାପୂଜା କମିଟି ଗଠିତ

ଝାରସୁଗୁଡା,୨୯।୯ (ସଂଚାର ବ୍ୟୁରୋ)ଃ କୋଲାବିରା ବ୍ଲକ ରଘୁନାଥପାଲି ଗ୍ରାମ ସୁନାରିପଡ଼ାସ୍ଥିତ ଓଁ ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଆସନ୍ତା ଦୁର୍ଗାପୂଜା- ୨୦୨୬ ଆୟୋଜନ ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହେବା ସହ ନୂତନ କମିଟି ଗଠିତ ହୋଇଛି। ଚଳିତ ବର୍ଷର ଦୁର୍ଗାପୂଜାକୁ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରିବା ନେଇ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପୂଜା କର୍ତା ଚୟନ ସହିତ ପୂଜା ଆୟୋଜନ, ମଣ୍ଡପ ସାଜସଜ୍ଜା, ଶୃଙ୍ଖଳା ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ପୂଜା କର୍ତା ଭାବେ ଚିଂଟୁ ସରାଫ ଓ ବନ୍ଦନା ସରାଫଙ୍କୁ ଚୟନ କରାଯାଇଥିଲା। ଏହାସହ ପରିଚାଳନା କମିଟିରେ ସଭାପତି ଯତିନ ସରାଫ, ଉପସଭାପତି ନୀଳକଣ୍ଠ ସରାଫ, ସମ୍ପାଦକ ସୁନୀଲ ସରାଫ, କୋଷାଧ୍ୟକ୍ଷ ରୋହିତ ସରାଫ ଓ ଉପ-କୋଷାଧ୍ୟକ୍ଷ ମିହିର ସରାଫଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଅଙ୍ଗନବାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ଉଦ୍‌ଯାପିତ



ମ.ରାମପୁର,୨୯।୯ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ମ.ରାମପୁର ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡି କେନ୍ଦ୍ର ରେ ଆଙ୍ଗନ କା ଉତ୍ସବ କାର୍ଯ୍ୟକ୍ରମ ଉଦଯାପିତ ହୋଇ ଯାଇଛି। ସିଡିପିଓ ବିଜୟଶ୍ରୀ ସିଂହ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପ୍ରଥମ ଦିବସରେ ପୋଷଣ ପିଠା ପରିବାର ସଦସ୍ୟ ଙ୍କ ଦ୍ୱାରା ପ୍ରଦର୍ଶନ, ସ୍ଥାନୀୟ ଭାବରେ ଉପଲବ୍ଧ ଖାଦ୍ୟ ସାମଗ୍ରୀରେ ପ୍ରସ୍ତୁତ ପିଠା ମାନଙ୍କର (ରାନ୍ଧଣ) ପ୍ରତିଯୋଗିତା, ଦ୍ୱିତୀୟ ଦିବସରେ ଶିଶୁ ମାନଙ୍କ ନିମନ୍ତେ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଖେଳ, ଚିତ୍ରାଙ୍କନ, ଜେଜେମା ଜେଜେବାପା ଙ୍କ ଦ୍ୱାରା ଗଳ୍ପ କଥନ, ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ, ଅଧ୍ୟୟନ ସାମଗ୍ରୀ ଆମ କୁନି ପିଲା, ମୋ ବିକାଶ ପତ୍ର ଓ ସୁଖଦ ଲାଳନ ପାଳନ, ଖେଳନା ର ପ୍ରଦର୍ଶନ ବା ବ୍ୟବହାର, ଶିଶୁ ମାନଙ୍କୁ ଫଳ, ଲସି ଓ ମାଣ୍ଡିଆ ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ହୋଇ ଥିବା ବେଳେ ଉଦଯାପନୀ ଦିବସରେ ମହିଳା ଓ ଶିଶୁ ମାନଙ୍କ ପାଇଁ କଲ୍ୟାଣ ଯୋଜନା ସଂପର୍କରେ ଆଲୋଚନା, ପୋଷଣ, ସୁଭଦ୍ରା, ମମତା, ଅଦବିକା ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶନ ଓ ଲାଭାର୍ଥୀ ଙ୍କ ସହ ଆଲୋଚନା, ପ୍ରତିଯୋଗିତା ର କୃତୀ ଯୋଗୀ ଙ୍କୁ ପୁରସ୍କୃତ କରା ଯାଇ ଥିବା ବେଳେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଅଙ୍ଗନବାଡି ସହାୟିକା ଙ୍କୁ ସମ୍ବର୍ଦ୍ଧନା ସହ ତ୍ରିରଙ୍ଗା ପ୍ଲେଟ ଶୁଭମୁକ୍ତି ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ପିତାମାତା, କିଶୋରୀ ଝିଅ, ଗର୍ଭବତୀ ମହିଳା, ପରିବାର ସଦସ୍ୟ ଏବଂ ଏ ଏମ ସି ସଦସ୍ୟ ମାନେ ସାମିଲ ରହିଥିଲେ। ପ୍ରତି କେନ୍ଦ୍ର ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ମହିଳା ପରିଦର୍ଶିକା ମାର୍ଗ ଦର୍ଶନ କରିଥିଲେ।

## ହିମାଂଶୁଙ୍କ ବିୟୋଗରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସୁବର୍ଣ୍ଣପୁର,୨୯।୯ (ସଂଚାର ବ୍ୟୁରୋ)ଃ ହିମାଂଶୁ ଶେଖର ତ୍ରିପାଠୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଉଲୁଣ୍ଡା-ସ୍ଥାନୀୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଲୁଣ୍ଡାଠାରେ ସ୍ୱର୍ଗତ ହିମାଂଶୁ ଶେଖର ତ୍ରିପାଠୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ଅଧ୍ୟକ୍ଷ ସରୋଜ କୁମାର ପାଣ୍ଡିଆଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଧ୍ୟକ୍ଷ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ। ତ୍ରିପାଠୀ ୧୯୯୧ ମସିହାରୁ ଏହି ଅନୁଷ୍ଠାନ ପରିଚାଳନା ପରିଷଦର ପ୍ରତିଷ୍ଠାତା ଓ ସଭାପତି ରହିଥିଲେ। ସେ ଜଣେ ସ୍ନେହୀ, ରାଜନୈତିକ ବ୍ୟକ୍ତିତ୍ୱ ଓ ବୁଦ୍ଧିଜୀବୀ ଥିଲେ। ଏଥି ସକାଶେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏହି ସଭାରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ପୁରୋହିତ, କୈଳାସ ମେହେର, ବିକାଶ ଗଡ଼ୁଆ, ତ୍ରିବିକ୍ରମ ମେସୁଆ, ଚିନ୍ତାମଣି ଆଚାର୍ଯ୍ୟ, ଦେବେନ୍ଦ୍ର ହରିପାଲ, ଶିବ ନାରାୟଣ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

## ଅଙ୍ଗନୱାଡିରେ 'ଆଙ୍ଗନ କା ଉତ୍ସବ'



ବାଲିଆପାଳ,୨୯।୯(ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଞ୍ଚାୟତ ହାସିମପୁରଓ ବାହାବଳପୁର ଅଙ୍ଗନୱାଡି ରେ ଆଙ୍ଗନ କା ଉତ୍ସବ ପାଳିତ ହେଉଛି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ର ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି କୁନି ପିଲାଙ୍କୁ ପ୍ରଦାନ କରାଯାଇଥିଲା ଓଏହି କାର୍ଯ୍ୟକ୍ରମରେ ତିନିଦିନ ଅଙ୍ଗନୱାଡି କେନ୍ଦ୍ରରେ ଆରମ୍ଭ ହୋଇ ପ୍ରଥମ ଦିନରେ ପୋଷଣ ପିଠା, ଚୁଡା ଉପମା, ମାଣ୍ଡିଆ ପିଠା, ମାଣ୍ଡିଆ କ୍ଷୀରି ପରିବାର ସଦସ୍ୟ ସଦସ୍ୟା ମାନେ ପ୍ରସ୍ତୁତ କରିଥିଲେ। ସୋମବାର ମାଣ୍ଡିଆ ପୋଡ଼ପିଠା, ବୁଟ ଛତୁଆ, ଗଜା ମୁଗ, ଗଜା ବୁଟ ପୋଷକ ଖାଦ୍ୟ ମାନ ପ୍ରସ୍ତୁତ କରାଯାଇ ପିଲାଙ୍କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ମିନତୀ ସିଂ, ସମାଜ ସେବି ଲମ୍ବୁଧର ମହାନା, ହାସିମପୁର ପ୍ରଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜୟ ମହାପାତ୍ର, ୱାର୍ଡ ମେମ୍ବର ଶୁକେଶ ମିତ, ଦିପ୍ତୀରାନୀଜେନା, ସେହ୍ନଲତା ଜେନା ପ୍ରମୁଖ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଆଭିଭାବକ ଓ ଅଙ୍ଗନୱାଡି ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ଅଙ୍ଗନୱାଡି ପରିସରରେ ଉପସ୍ଥିତ ହୋଇଥିଲେ।

## ବିବେକାନନ୍ଦ ବକ୍ତୃତାମାଳା ଓ ସବୁଜାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୨୯।୯ (ସଂଚାର ବ୍ୟୁରୋ)ଃ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ନୂଆପଡ଼ା ପକ୍ଷରୁ ଏକ ସବୁଜାୟନ କାର୍ଯ୍ୟକ୍ରମ ସହ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟା ସବିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ କଳା ବିକାଶର ସେକ୍ରେଟାରୀ ବିଭୂତି ଭୂଷଣ ବିଶି ଓ ବଲାଙ୍ଗୀର ଜୋନ୍ ସେକ୍ରେଟାରୀ ଡଃ. ତରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା, ସବିତା ସୁନାନୀ, ସ୍ୱାଗତିକା ଖମାରୀ ଓ ଅର୍ଚ୍ଚନା ପଣ୍ଡା ସହଯୋଗ କରିଥିଲେ। ପରେ ଆୟୋଜିତ ଉଦ୍‌ବୋଧନୀ କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ବିଶି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ, ଆଦର୍ଶ ଓ ସମାଜ ଗଠନରେ ଯୁବ ସମାଜର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଓ ସମାଜର ଉନ୍ନତିରେ ନିଜର ଭୂମିକା ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ବନ୍ଦନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ କମିଶନରଙ୍କ ବହିଷ୍କାର ଦାବିରେ ବିକ୍ଷୋଭ



ସୁବର୍ଣ୍ଣପୁର,୨୯।୯ (ସଂଚାର ବ୍ୟୁରୋ)ଃ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ତଥା ଗିରଫ ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସୁବର୍ଣ୍ଣପୁରରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ସେପ୍ଟେମ୍ବର ୨୫ ତାରିଖରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ସାରା ରାଜ୍ୟରେ ଏହି ଆନ୍ଦୋଳନ ହୋଇଥିଲା । ଅଭିଯୋଗ ଅନୁଯାୟୀ, ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଏବଂ ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍‌ଆଇଆର୍) ନାମରେ ଭୋଟର ତାଲିକାରେ ଅନିୟମିତତା ହୋଇଛି । ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳ ସିଇସି ଜ୍ଞାନେଶ କୁମାରଙ୍କୁ ତୁରନ୍ତ ହଟାଇବା ଓ ଗିରଫ କରିବା ପାଇଁ ଦାବି କରିଛନ୍ତି । ଏପରିକି ନିର୍ବାଚନ ଆୟୋଗ ପକ୍ଷରୁ ନିଆଯାଉଥିବା କୌଣସି ପଦକ୍ଷେପକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ସରକାର ଏକ ବିଲ୍ ପାସ କରିଛନ୍ତି । ଯାହାକି ଗଣତନ୍ତ୍ର ପାଇଁ ଆଦୌ ଶୁଭକର ନୁହେଁ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏ ନେଇ ସୁବର୍ଣ୍ଣପୁର କଂଗ୍ରେସ ପକ୍ଷରୁ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭାରପ୍ରାପ୍ତ ଜିଲ୍ଲାପାଳଙ୍କୁ ଦଳ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ଏ ନେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଧସେଇ ପଶିବା ସହ ପୁଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାସହ ରାଜ୍ୟ ସରକାରଙ୍କ ଅଧିନରେ ରହିଥିବା ସମସ୍ତ ଖଣି ଖାଦାନ କୁ କେନ୍ଦ୍ର ସରକାରଙ୍କ ନିଜ ଅଧିନ କୁ ନେଇଯାଇଛନ୍ତି । ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ ପାଇବାରୁ ବଂଚିତ ରହିବ। ଏଣୁ କେନ୍ଦ୍ର ସରକାର ଆଣିଥିବା ଏମଏମଡିଆର ଆଇନକୁ ପରୁନ୍ତ ପ୍ରତ୍ୟାହାର କରିବାକୁ ମଧ୍ୟ ଦଳ ପକ୍ଷରୁ ଏହି ଦାବିପତ୍ର ରେ ଦର୍ଶାଯାଇଛି ।

● ପ୍ୟାକେଟ୍ ଖାଦ୍ୟରେ ରହୁନି ପ୍ରସ୍ତୁତି ଓ ଅବଧି ତାରିଖ

## ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିଷ୍କ୍ରିୟତା ନେଇ ଅସନ୍ତୋଷ

ବାଲିଆପାଳ,୨୯।୯ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଫୁଡ୍ ଲାଇସେନ୍ସ ନଥିବା ଘରୋଇ କ୍ଷୁଦ୍ର କୁଟିର ଶିଳ୍ପ ବଢ଼ି ବଢ଼ି ଚାଲିଛି। ସେହି ସବୁ ଶିଳ୍ପ ମାନଙ୍କରେ ବିଶେଷ କରି ପାଉଁରୁଟି, କେକ୍, ବିସ୍କୁଟ, ବରଫି ଇତ୍ୟାଦି ପ୍ରସ୍ତୁତ କରାଯାଇ ଦୋକାନ ଦୋକାନ ବିକ୍ରୀ ହେଉଛି। ମାତ୍ର ସେହି ଖାଦ୍ୟ ସାମଗ୍ରୀର ପ୍ୟାକେଟ୍ ଉପରେ ପ୍ରସ୍ତୁତର ତାରିଖ ଏବଂ ଅବଧି ସରିବାର ତାରିଖ ରହୁନାହିଁ। ଏହା ବ୍ୟତୀତ ଖାଦ୍ୟ କେଉଁ କେଉଁ ସାମଗ୍ରୀରେ ପ୍ରସ୍ତୁତ



ହେଇଛି ତାହାର ଭାଗ ମାପ ଲେଖା ନଥିବାରୁ ଲୋକେ ମଧ୍ୟ ଭ୍ରମିତ ହୋଉଛନ୍ତି। ମାଲ ପରିବହନ ହେଉଥିବା ଗାଡ଼ି ଯାଉଥିବାର ଦେଖି କିଛି ଯୁବକଙ୍କୁ ସନ୍ଦେହ ସୃଷ୍ଟି ହେବାରୁ ସୋମବାର ମଧୁପୁରା ପେଟ୍ରୋଲ ଟାଙ୍କି ପାଖରେ ଅଟକ ରଖିଥିଲେ। ଡ୍ରାଇଭରଙ୍କ କହିବା କଥା ଅନୁସାରେ ଜଣା ପଡ଼ିଲା ଉକ୍ତ ସାମଗ୍ରୀନିଖିରାରେ ଥିବା ମିହିର ଜେନା ଙ୍କ କୁଟିର ଶିଳ୍ପର ପ୍ରସ୍ତୁତ କରାଯାଇ ପରିବହନ କରାଯାଉଛି। ଏନେଇ ଜଳେଶ୍ୱର ଖାଦ୍ୟ ସୁରକ୍ଷା ଅଧିକାର ସତ୍ୟକାମ ବେହେରା କହିଛନ୍ତି ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରଙ୍କ ଠାରେ ଲିଖିତ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପଞ୍ଚାୟତରେ ଆମ ପୁଲିସ ସମିତି ବୈଠକ



ବୈଶିଙ୍ଗା,୨୯।୯ (ସଂଚାର ବ୍ୟୁରୋ)ଃ ପୁଲିସ ଓ ଜନସାଧାରଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ପାଇଁ ରାଜ୍ୟ ପୁଲିସ ବିଭାଗ ତରଫରୁ ସବୁ ଥାନାରେ ଆମ ପୁଲିସ ସମିତି ଗଠନ କରାଯାଇ ପ୍ରତି ମାସ ବୈଠକ କରାହୋଇ ଆସୁଛି। ଏହି ପରିପେକ୍ଷିରେ ବୈଶିଙ୍ଗା ଥାନା ପକ୍ଷରୁ କଳମା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇ ଆଇ ସି ବାବା ଶଙ୍କର ସରାଫ ଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଘଟୁଥିବା ମଦ ମୃତ୍ୟୁ ରୋକିବା, ମଦ ବିକ୍ରୀ ବନ୍ଦ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା। ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ ଡକାୟତି ରୋକିବା ପାଇଁ ପୁଲିସ ଅଧିକ ଯତ୍ନବାନ ହେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥି ସହିତ ଗ୍ରାମାଞ୍ଚଳ ରେ ଟ୍ରାକ୍ଟର ଡ୍ରାଇଭର ମାନଙ୍କର ଲାଇସେନ୍ସ ଯାଞ୍ଚ କରିବା, ରାସ୍ତା ପାର୍ଶ୍ୱ ଢାବା ମାନଙ୍କରେ ମଦ ବିକ୍ରୀ ବନ୍ଦ କରିବା, ବେପରୁଆ ଭାବେ ବାଇକ ଚାଳକ ଙ୍କୁ ଚେତାବନୀ ଦେବା ସହିତ ସେମାନଙ୍କ ଲାଇସେନ୍ସ ଯାଞ୍ଚ କରିବା, ଦୁର୍ଘଟଣା ରୋକିବା ପାଇଁ ଯତ୍ନବାନ ହେବା ଆଦି ଘଟଣା ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ପୁଲିସ ତରଫରୁ ମଧ୍ୟ ଜନସାଧାରଣ ଙ୍କ ସହଯୋଗ ଲୋଡା ଯାଇଥିଲା। ଥାନା ଅଞ୍ଚଳରେ ଯେ କୌଣସି ବ୍ୟକ୍ତି ଘଟଣା ବାବଦରେ ଜଣାଇବା ପାଇଁ ଥାନା କୁ ଆସି ନ ପାରିଲେ ଫୋନ ଯୋଗେ ଜଣାଇଲେ ମଧ୍ୟ ପୁଲିସ ତାଙ୍କ ନିକଟରେ ପହଞ୍ଚି ସମାଧାନ କରି ପାରିବ ବୋଲି ଆଇ ଆଇ ସି ବାବା ଶଙ୍କର ସରାଫ୍ ପ୍ରକାଶ କରିଥିଲେ।

## ୧କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଧାମନଗର,୨୯।୯ (ସଂଚାର ବ୍ୟୁରୋ)ଃ ଧାମନଗର ଏନ ଏ ସି ଓ ଥାନା ଅନ୍ତର୍ଗତ କାଙ୍କରା କେନାଲ ବନ୍ଧ ନିକଟରୁ ପୁଲିସ ୧ କିଲୋ ୮୭ ଗ୍ରାମ ଓଜନର ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ କାଙ୍କରା ଗ୍ରାମର ନନ୍ଦକିଶୋର ସ୍ୱାଇଁଙ୍କ ପୁଅ ସୁମନ୍ତ ସ୍ୱାଇଁ ବୟସ ପୋଲିସ ପକ୍ଷରୁ ସୂଚନା ମିଳିଛି। ଧାମନଗର ପୋଲିସ ଗଞ୍ଜେଇ ଚାଲାଣ ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ କାଙ୍କରା କେନାଲ ବନ୍ଧ ନିକଟରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସୁମନ୍ତଙ୍କ ନିକଟରୁ ୧.୦୮୭



କିଲୋଗ୍ରାମ ଗଞ୍ଜେଇ ଓ ଓଡି-୦୧-ଏସ୍-୯୩୫୧ ନମ୍ବରର ମୋଟରସାଇକେଲ୍ ଜବତ କରାଯାଇଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ଜଣାପଡ଼ିଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ନାରାୟଣ ନାୟକ ଅଭିଯୋଗକାରୀ ଥିବାବେଳେ ଏସ୍‌ଆଇ ପ୍ରିୟସ୍ନେହୀ ଶୂନ୍ୟପଦ ଦାସ ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।ତେବେ ଗିରଫ ସୁମନ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶୁଭ୍ରଜିତ ଦାଶଙ୍କ ଠାରୁ ସୂଚନା ମିଳିଛି।

## ହାତୀ ଓ ତେଲ ନଦୀରେ ବନ୍ୟା, ବଢ଼ିଲା ଚାଷୀଙ୍କ ଦୁର୍ଦ୍ଦଶା

ଭବାନୀପାଟଣା,୨୯।୯(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲାରେ ଗତ ସପ୍ତାହରେ ହାତୀ ଓ ତେଲ ନଦୀରେ ବନ୍ୟା ଆସିବାରୁ ନଦୀ କୂଳରେ ଥିବା ଶତାଧିକ ଏକର ଧାନଚାଷ ନଷ୍ଟ ହୋଇଯାଇଛି। ଗତ ମାସରେ ଚାଷୀ ଧାନରୁଆ କାମ ସାରି ଦ୍ୱିତୀୟ ଥର ଖତ ସାର ମଧ୍ୟ ପ୍ରୟୋଗ କରିଥିଲେ। ହେଲେ ଲଗାଣ ବର୍ଷା ଯୋଗୁ ହାତୀ ଓ ତେଲ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ଏହା ବନ୍ୟା ରୂପ ନେଇଥିଲା, ଯାହାର ସିଧାସଳଖ ପ୍ରଭାବ ପଡ଼ିଥିଲା ଚାଷୀଙ୍କ ଉପରେ। ବନ୍ୟା ଛାଡ଼ିବା ପରେ ଏବେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଅନେକ ଚାଷଜମି ବାଲିଚର ହେବା ସହ ଧାନ ଫସଲ ପଚି ନଷ୍ଟ ହୋଇଯାଇଛି। କିଛି ଜମିରେ ଏବେ ମଧ୍ୟ ବନ୍ୟାପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ବିଶେଷକରି ହାତୀ ନଦୀରେ ବନ୍ୟା ଯୋଗୁ ଜୁନାଗଡ଼ ବ୍ଲକ୍‌ର ମୂର୍ଲାପଦର, ପରିଆଗାଁ, ଚିଙ୍ଗୁଡ଼ିସର, ପାଣିଗାଁ, ଝାରବନ୍ଧ, ପରିଆଗଡ଼, ଭଇଁରିଗୁଡା, ବାଗଡୁଙ୍ଗରୀ, ମିଚାଗାଁ, ଚିଚୈଗୁଡ଼ା ତଳମଲା, ମସିଗାଁ ଓ ସାହାଜକନା ପ୍ରଭୃତି ଗ୍ରାମର ପ୍ରାୟ ୮ ଶହ ଏକରରୁ ଉଦ୍ଧର୍ବ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ହାତୀ ନଦୀରେ ଏହା ତୃତୀୟ ବନ୍ୟା ଥିଲା।

## ଶିଶୁ ବିକାଶ ପ୍ରକଳ୍ପ 'ଆଙ୍ଗନ କା ଉତ୍ସବ'

ବାଲିପାଟଣା,୨୯।୯(ସଂଚାର ବ୍ୟୁରୋ)ଃ ବାଲିପାଟଣା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଦୀର୍ଘ ୩ ଦିନ ଧରି ଆୟୋଜିତ ହୋଇଆସୁଥିବା 'ଆଙ୍ଗନ କା ଉତ୍ସବ' ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଅଠାନ୍ତର-ଆଙ୍ଗନୱାଡ଼ି କେନ୍ଦ୍ର-୨ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବ୍ଲକ୍ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କ୍ଷେତ୍ର ପରିଦର୍ଶିକା ସ୍ନେହଲତା ସାହୁ, ମନିଷା ଉପାଧ୍ୟାୟ, ଅଙ୍ଗନବାଡ଼ି ମ୍ୟାନେଜମେଣ୍ଟ କମିଟି ସଦସ୍ୟ, ସିଆରସିସି ଏବଂ ସ୍ଥାନୀୟ ୱାର୍ଡ ମେମ୍ବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## କେନ୍ଦୁଝର ଜିଲ୍ଲାରୁ ଫେରାର ବୋହୂ ଉଦ୍ଧାର

ଧାମନଗର,୨୯।୯ (ସଂଚାର ବ୍ୟୁରୋ)ଃ ଧାମନଗର ପୋଲିସ ପରିବାର ଲୋକଙ୍କୁ କଥା ଦେଇ କଥା ରଖିଲେ ଆଇଆଇସି ଶୁଭ୍ରଜିତ ଦାଶ। ଅଭିଯୋଗ ର ଦିନକ ପରେ ଧାମନଗର ପୋଲିସର ଏକଟିମ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଅଞ୍ଚଳରୁ ଫେରାର ବୋହୂକୁ ଉଦ୍ଧାର କରି ଏକ ବଡ଼ ସଫଳତା ହାସଲ କରିଛି। ସୂଚନା ଅନୁଯାୟୀ ଚନ୍ଦନାଙ୍କ ଶ୍ୱଶୁର ନିରଞ୍ଜନ ଜେନା ବୋହୂ ନିଖୋଜ ଥିବା ନେଇ ଧାମନଗର ଥାନାରେ ୨୭ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ତଦନ୍ତରୁ ଜଣାପଡ଼ିଥିଲା ଯେ, ଚନ୍ଦନା ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳର ହୋଇଥିବା ବେଳେ ଧାମନଗର ଥାନା ଅନ୍ତର୍ଗତ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ମାଲନାପୁର ଗ୍ରାମର ଶ୍ରୀକାନ୍ତ ଜେନାଙ୍କୁ ବିବାହ କରିଥିଲେ। ତାଙ୍କର ଦେଢ଼ ବର୍ଷର ଏକ ଶିଶୁ ରହିଛି।ତେବେ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ଯୁବକଙ୍କ ସହ ଚନ୍ଦନାଙ୍କ ପ୍ରେମ ସମ୍ପର୍କ ଥିବା ଜଣାପଡ଼ିଥିଲା। ଏହାପରେ ଉଭୟେ ଶ୍ୱଶୁର ଘରୁ ଫେରାର ହୋଇଯାଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା।

## ମଦ ବିକ୍ରି ବନ୍ଦ ଦାବିରେ ଏକଜୁଟ ହେଲେ ମହିଳା



ଅମରପାଲି,୨୯।୯ (ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମରେ ମଦ ବିକ୍ରି ବନ୍ଦ ଦାବିରେ ମହିଳାମାନେ ଏକଜୁଟ ହୋଇଛନ୍ତି । ଏନେଇ ସୋମବାର ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବୈଠକରେ ମହିଳାମାନେ ସଂକଳ୍ପ ନେଇଛନ୍ତି। ମହିଳାମାନଙ୍କ କହିବାନୁଯାୟୀ, ଆଖପାଖ ଅମରପାଲି, ଗୌଡ଼ଗାଡ଼, ମାଳିଦାଦର, କେନ୍ଦୁପାଲି ଓ ଦୁର୍ଜନତୈଲା ଆଦି ଗ୍ରାମରେ ମଦ ବିକ୍ରି ବନ୍ଦ ରହିଛି। ହେଲେ ଗୁଦଗୁଦା ଗ୍ରାମରେ କେତେଜଣ ବ୍ୟକ୍ତି ମଦ ବିକ୍ରି କରୁଥିବାରୁ ଏହାର ପ୍ରଭାବରେ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଛି। ମଦ୍ୟପମାନେ ବିଭିନ୍ନ ସ୍ଥାନରେ ଆଡ଼ା ଜମାଇବା ସହ ଅନେକ ସମୟରେ ଗଣ୍ଡଗୋଳ ଓ ଗାଳିଗୁଲଜ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏପରିକି ବିଦ୍ୟାଳୟ ପରିସରରେ ମଦ୍ୟପାନ କରିବା ପରେ ବୋତଲ, ପାଉଚ୍ ଓ ଚାଖଣା ଆଦି ପକାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ବିଦ୍ୟାଳୟର ପରିବେଶ ପ୍ରଭାବିତ ହେବା ସହ ଛାତ୍ରୀଛାତ୍ରଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ମହିଳାମାନେ କହିଛନ୍ତି। ମଦ୍ୟପମାନଙ୍କ ଯୋଗୁଁ ଗ୍ରାମର ମହିଳାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।ଗ୍ରାମରେ ମଦ ବିକ୍ରି ବନ୍ଦ ନେଇ ପୂର୍ବରୁ ଗ୍ରାମସଭାରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ କେତେଜଣ ଏହାକୁ ଅବମାନନା କରି ମଦ ବିକ୍ରି ଜାରି ରଖିଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଏବେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକାଠି ହୋଇଛନ୍ତି। ଗ୍ରାମର ମା' ପଞ୍ଚଖଣ୍ଡା, ମା' ସରସ୍ୱତୀ, ମା' ପିତବଳି ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଗୋଷ୍ଠୀର ମହିଳାମାନେ ଗ୍ରାମର ସମସ୍ତ ମହିଳାଙ୍କୁ ଏକଜୁଟ କରି ମଦ ବିରୋଧୀ ଅଭିଯାନକୁ ଆଗକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି।